76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୬୧ ● କଟକ ● ମଙ୍ଗଳବାର ● ୯ ମଇ-୨୦୨୩ ● ମେଷ ୨୩ ● ସାଲ୍ ୧୪୩୦

CUTTACK ● TUESDAY ● 9 MAY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


## ବାୟୁସେନାର ମିଗ୍-୨୧ ଯୁଦ୍ଧବିମାନ ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ : ଭାରତୀୟ ବାୟୁସେନାର ଏକ ମିଗ୍-୨୧ ଯୁଦ୍ଧବିମାନ ସୋମବାର ସକାଳ ପ୍ରାୟ ୯ଟା ୪୫ରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ସୁରଟଗଡ଼ର ବାୟୁସେନା ଷ୍ଟେସନରୁ ଏକ ନିୟମିତ ତାଲିମ ଉଡ଼ାଣ ଭରିଥିଲା । ଏହାର କିଛି ସମୟରେ ପାଇଲଟ ଜରୁରିକାଳୀନ ସ୍ଥିତି ଉପୁଜିଥିବା ଅନୁଭବ କରିଥିଲେ । ଏପରି ସ୍ଥିତିରେ ଆବଶ୍ୟକ ଉପାୟରେ ସେ ବିମାନକୁ ଠିକ୍ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଏଥିରେ ସେ ବିଫଳ ହୋଇଥିଲେ । ପରେ ପାଇଲଟ୍ ବିମାନରୁ ଡେଇଁ ପଡ଼ିବାକୁ ନିଷ୍ପତ୍ତି ନେଇଥିଲେ । ଏଥିରେ ସେ ସାମାନ୍ୟ ଆହତ ହୋଇଛନ୍ତି । ତାଙ୍କୁ ସୁରଟଗଡ଼ ସେନାଘାଟିରୁ ଉତ୍ତରପୂର୍ବରେ ୨୫ କିଲୋମିଟର ଦୂରରୁ ଉଦ୍ଧାର କରାଯାଇଛି । ବିମାନର ଭଗ୍ନାବଶେଷ ହନୁମାନଗଡ଼ ଜିଲାର ବାହଲୋଲ ନଗର ସ୍ଥିତ ଏକ ଘର ଉପରେ ପଡ଼ିଥିଲା । ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି ।

### ଝାରସୁଗୁଡ଼ା ଉପନିର୍ବାଚନ

## ପ୍ରଚାର ଶେଷ, ୧୦ରେ ମତଦାନ

ଭୁବନେଶ୍ୱର (ପିପିଏସ୍) : ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି । ଦିନକ ପରେ ଅର୍ଥାତ୍ ଆସନ୍ତା ୧୦ତାରିଖ ସକାଳ ୭ଟାରୁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଅବାଧ, ନିରପେକ୍ଷ ଭୋଟଗ୍ରହଣ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ୧୮୧୪ଜଣ ପୁଲିସ କର୍ମୀ ଓ ୭ କମ୍ପାନୀ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ କରାଯାଇଛି । ମୋଟ୍ ୨୫୩ଟି ବୁଥରେ ୨ଲକ୍ଷ ୨୧ହଜାର ୭୧୯ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ ବୋଲି ଜଣାପଡ଼ିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନର ଭୋଟଗ୍ରହଣ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଅଛି । ପୁଲିଂ ପାର୍ଟି,ଇଭିଏମ୍ ମେସିନ୍ ?, ନିର୍ବାଚନ ସାମଗ୍ରୀ ଓ ସୁରକ୍ଷା ବ୍ୟବସ୍ଥା ଠିକ୍ ରହିଛି । ପୁଲିଂ ପାର୍ଟି ସଦସ୍ୟମାନେ ନିଜ ନିଜ ବୁଥକୁ ଯାଇଛନ୍ତି । ମୋଟ ୨୫୩ଟି ବୁଥରୁ ଅଧିକାଂଶ ୨୨୭ଟି ଗ୍ରାମାଂଚଳ ଓ ଦୁର୍ଗମ ଅଂଚଳରେ । ଆଉ ୨୬ଟି ବୁଥକୁ ପିଙ୍କ୍ ବୁ?ଥ କରାଯାଇଛି । ପ୍ରତ୍ୟେକ ବୁଥରେ ୪ଜଣ ପୁଲିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୨୪ଟି ଟିମ(୯୬ଜଣ ପୁଲିଂ ଅଫିସର)କୁ ରିଜର୍ଭ ରଖାଯାଇଛି । ଆଜି ସନ୍ଧ୍ୟା ୬ଟା ପରଠୁ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ବାହାରର କୌଣସି ରାଜନୀତିକ ଦଳର ସଦସ୍ୟ, ଷ୍ଟାର ପ୍ରଚାରକ, ପ୍ରାର୍ଥୀ ଯିଏ ସ୍ଥାନୀୟ ଭୋଟର ହୋଇନଥିବେ ତାଙ୍କୁ ସମ୍ପୃକ୍ତ ଅଂଚଳ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି ତଥା ଜିଲ୍ଲାପାଳ, ଏସପି ଓ ରିଟର୍ଣ୍ଣିଂ ଅଫିସରଙ୍କୁ ଏହା ସୁନିଶ୍ଚିତ କରିବାକୁ କୁହାଯାଇଛି । ଆଜି ସନ୍ଧ୍ୟା ୬ଟାରୁ ୪୮ଘଣ୍ଟା ପର୍ଯ୍ୟନ୍ତ ସମଗ୍ର ନିର୍ବାଚନମଣ୍ଡଳୀରେ ମଦ ବିକ୍ରି ଉପରେ କଟକଣା ରହିଛି । ଏହି ଅବଧିକୁ 'ଡ୍ରାଏ ଡେ' ଘୋଷଣା ସହ ହୋଟେଲ, ରେଷ୍ଟୁରାଣ୍ଟ, ଦୋକାନୀ ଓ ଅନ୍ୟାନ୍ୟ ସ୍ଥାନରେ ମଦ ବିକ୍ରି ଉପରେ କଟକଣା ରହିଛି । ଭୋଟଗ୍ରହଣ ଦିନ ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ କେହି ଏକଜିଟ୍ ପୋଲ ପ୍ରକାଶନ କରିପାରିବେ ନାହିଁ ଓ ଏହା କଲେ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୨୬କ ଅନୁସାରେ ଉଭୟ ଜେଲ୍ ଓ ଜୋରିମାନାର ପ୍ରାବଧାନ ରହିଛି । ସେହିପରି ଆଜି ସନ୍ଧ୍ୟାରୁ ଭୋଟଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ୪୮ଘଣ୍ଟା ମଧ୍ୟରେ କୌଣସି ପ୍ରକାରର ଓପିନିଅନ ପୋଲ୍ ଓ ସର୍ଭେ ଉପରେ ମଧ୍ୟ କମିଶନ କଟକଣା ଜାରି କରିଛନ୍ତି । ନିର୍ବାଚନମଣ୍ଡଳୀର ୧୯୭ଟି ସ୍ଥାନରେ ମୋଟ ୨୫୩ଟି ବୂଥ୍ ରହିଛି, ଯେଉଁଥିରୁ ୧୧୬ଟି ବୁଥକୁ କ୍ରିଟିକାଲ ଚିହ୍ନଟ କରାଯାଇଛି । ସମସ୍ତ ୨୫୩ ବୁଥରେ ୱେବକାଷ୍ଟିଂର ବ୍ୟବସ୍ଥା ହୋଇଛି ।

## ଓଡ଼ିଶାକୁ ବାତ୍ୟା ଭୟ ନାହିଁ

ଭୁବନେଶ୍ୱର(ପିପିଏସ୍) : ଓଡ଼ିଶାକୁ ବାତ୍ୟା ଭୟ ନାହିଁ । ଏହା ଶୁଣି ସାଧାରଣ ଲୋକେ ଆଶ୍ୱସ୍ତ ଅନୁଭବ କରିଛନ୍ତି । ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଆହୁରି ଘନୀଭୂତ ହୋଇ ଏକ ଅତି ଭୀଷଣ ବାତ୍ୟାରେ ପରିଣତ ହେବ । ଏହା ବାଂଲାଦେଶ ଓ ମିଆଁମାର ଅଭିମୁଖେ ଗତି କରିବାର ସମ୍ଭାବନା ରହିଛି । ଓଡ଼ିଶା ପ୍ରତି କୌଣସି ବିପଦର ଆଶଙ୍କା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାପାତ୍ର କହିଛନ୍ତି ଯେ ଏହି ଲଘୁଚାପ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ସୁଦ୍ଧା ଏକ ଡିପ୍ରେସନରେ ପରିଣତ ହୋଇ ଉତର ଓ ଉତରପଶ୍ଚିମ ଦିଗରେ ଗତି କରିବ । ମେ ୧୦ରେ ଏହା ଏକ ସାମୁଦ୍ରିକ ବାତ୍ୟା ରୂପ ନେବ। ମେ ୧୨ ତାରିଖ ସୁଦ୍ଧା ଏହା ଏକ ଅତି ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ବାଂଲାଦେଶ ଓ ମିଆଁମାର ଆଡ଼କୁ ଗତି କରିବ। ତେବେ ଏହି ବାତ୍ୟା ପଶ୍ଚିମବଙ୍ଗର କେତେ ନିକଟ ହୋଇଯାଉଛି ତାହା ଉପରେ ନଜର ରଖାଯାଇଛି । ଲଘୁଚାପ ଏକ ଡିପ୍ରେସନରେ ପରିଣତ ହେବା ପରେ ଆଇଏମଡି ଏହାର ଲାଣ୍ଡଫଲ ସ୍ଥାନ ଓ ସମୟ ସଂପର୍କରେ ପୂର୍ବାନୁମାନ କରିପାରିବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟା ନେଇ ବର୍ତମାନ ସ୍ଥିତିରେ ଓଡ଼ିଶା ପାଇଁ କିଛି ୱାର୍ଣ୍ଣିଂ ନାହିଁ। ବର୍ଷା ଓ ପବନ ନେଇ ମଧ୍ୟ କିଛି ୱାର୍ଣ୍ଣିଂ ନାହିଁ। ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ପାଇଁ କିଛି ୱାର୍ଣ୍ଣିଂ ନାହିଁ। ତେବେ ଏହା ପଶ୍ଚିମବଙ୍ଗ ଉପକୂଳର କେତେ ନିକଟ ହେଉଛି, ତାହା ଉପରେ ନଜର ରଖା ଯାଇଛି।

### ତଥାପି ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର: ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତାକାଲି ଏହା ଅବପାତର ରୂପ ନେବ। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି) ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ଉପରେ ବାତ୍ୟାର ପ୍ରଭାବ ନଥିଲେ ମଧ୍ୟ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ କହିଛନ୍ତି ଏସଆରସି। ଏସ୍ଆରସି ପକ୍ଷରୁ ଜାରି ହୋଇଥିବା ଚିଠିରେ ସମ୍ଭାବିତ ବର୍ଷାକୁ ଦୃଷ୍ଟିରେ ରଖି ଚାଷୀମାନେ ପନିପରିବା, ଉଦ୍ୟାନ କୃଷି, ଅମଳ ହୋଇଥିବା ଫସଲ ତଥା ମଣ୍ଡିରେ ପଡ଼ିଥିବା ଧାନକୁ ସୁରକ୍ଷିତ ରଖିବାକୁ କୁହାଯାଇଛି। ମତ୍ସ୍ୟଜୀବୀମାନେ ଆସନ୍ତା ୯ ତାରିଖ ଠାରୁ ଛୋଟ ଜାହାଜ, ଡଙ୍ଗା ଓ ଟ୍ରେଲର ନେଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରକୁ ନଯିବାକୁ କହିଛନ୍ତି ଏସଆରସି। ବିଭାଗର ମହାନିର୍ଦ୍ଦେଶକ ଡ.ମୃତ୍ୟୁଞ୍ଜୟ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ସୋମବାର କହିଛନ୍ତି ଯେ ଏହି ଲଘୁଚାପ ଆହୁରି ଘନୀଭୂତ ହୋଇ ଏକ ଅତି ଭୀଷଣ ବାତ୍ୟାରେ ପରିଣତ ହେବା ପରେ ବାଂଲାଦେଶ ଓ ମିଆଁମାର ଅଭିମୁଖେ ଗତି କରିବାର ସମ୍ଭାବନା ରହିଛି । ଓଡ଼ିଶା ପ୍ରତି କୌଣସି ବିପଦର ଆଶଙ୍କା ନାହିଁ।

## ୨୮୪୧ କୋଟି ଟଙ୍କାର ୧୧ଟି ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ

ଭୁବନେଶ୍ୱର: ୨୮୪୦.୭୩ କୋଟି ଟଙ୍କାର ୧୧ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟିଙ୍କ ଅନୁମୋଦନ ମିଳିଛି । ଏହାଦ୍ୱାରା ୩୭୨୧ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିପାରିବ । ଏହି ମୋଟ ନିବେଶ ପ୍ରସ୍ତାବ ମଧ୍ୟରେ ୨୦୨୨ ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଦେଇଥିବା ୯ଟି କମ୍ପାନୀର ପ୍ରକଳ୍ପ ସାମିଲ ରହିଛି । ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟିର ୧୧୭ତମ ବୈଠକରେ ଯେଉଁ ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି ସେଥିରେ ରସାୟନ ଓ ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ୟାକେଜିଂ, ବୟନ ଓ ପୋଷାକ, ପର୍ଯ୍ୟଟନ, ଅକ୍ଷୟ ଶକ୍ତି, ଆଲୁମିନିୟମ, ଆଲୁମିନିୟମ ଆଧାରିତ ଇସ୍ପାତ ସହ ସଂଯୁକ୍ତ ଶିଳ୍ପ ଆଦି ସାମିଲ ରହିଛି । ଏସବୁ ପ୍ରକଳ୍ପ ବଲାଙ୍ଗିର, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରକଳ୍ପ ସ୍ଥାପନ ହେବ । ମୟୂରଭଞ୍ଜର ଜାମଦାଠାରେ ୮୯୬.୯୮କୋଟି ଟଙ୍କାର ପୁଞ୍ଜିନିବେଶରେ ଏକ ଇସ୍ପାତ କାରଖାନା ସ୍ଥାପନ ପାଇଁ ଆରସିଆର ଷ୍ଟିଲ ଓ୍ୱାର୍କସ ପ୍ରାଃ ଲିମିଟେଡ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହାଦ୍ୱାରା ୭୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ରାୟଗଡ଼ା ଜିଲ୍ଲାରେ ଉତ୍କଳ ଆଲୁମିନା ଇଂଟରନ୍ୟାସନାଲ ଲିମିଟେଡ୍ ଓ ସମ୍ବଲପୁରର ଲାପଙ୍ଗାସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ସମ୍ପ୍ରସାରଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ଅତିରିକ୍ତ ଏକ ହଜାର କୋଟି ଟଙ୍କା ବିନିଯୋଗ ହେବ ଓ ୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ମିଳିବ । ସେହିପରି ଗଞ୍ଜାମ ଜିଲ୍ଲାରେ ଚିଲିକା ହ୍ରଦସ୍ଥିତ ସୋମାଲୋ ଦ୍ୱୀପରେ ୨୨୮.୪୫କୋଟି ଟଙ୍କା ବିନିଯୋଗରେ ଏକ ରିସୋର୍ଟ ପ୍ରତିଷ୍ଠା ପାଇଁ ମହିନ୍ଦ୍ରା ହଲିଡେଜ୍ ଆଣ୍ଡ ରିସର୍ଟସ ଇଣ୍ଡିଆ ଲିମିଟେଡର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ୨୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସେହିପରି ଆୟନ ଏକ୍ସଚେଞ୍ଜ (ଇଣ୍ଡିଆ) ଲିମିଟେଡ୍ ୩୦୩ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୨୫ହଜାର ମେଟ୍ରିକ ଟନ୍ ଜଳ ବିଶୋଧନ କେମିକାଲ ଓ ୩୦ହଜାର ମେଟ୍ରିକ ଟନ୍ ମନୋମର ଓ ପଲିମର୍ସ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ କମ୍ପାନୀ ପ୍ରସ୍ତାବ ଦେଇଛି । ଏଥିରେ ୧୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସେହିପରି ଇଣ୍ଡିଆନ ଷ୍ଟିଚେସ୍ ପ୍ରାଇଭେଟ୍ ଲିମିଟେଡ୍ ୧୦୦କୋଟି ଟଙ୍କା ବିନିଯୋଗରେ ଏକ ଫେବ୍ରିକ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରିବ । ଏହାଦ୍ୱାରା ରାଜ୍ୟରେ ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଖୋର୍ଦ୍ଧାରେ ଫୁଡ୍ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ସ୍ଥାପନ ପାଇଁ ତାଜ୍ ସାଟସ୍ ଲିମିଟେଡର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏଥିରେ ୫୧କୋଟି ଟଙ୍କା ବ୍ୟୟ ହେବ ଓ ୨୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି ।

## କଂଗ୍ରେସର ୯ ବିଧାୟକ, କିନ୍ତୁ ୨୦ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଚିରଞ୍ଜୀବୀ

ଭୁବନେଶ୍ୱର : 'ଓଡ଼ିଶା ବିଧାନସଭାରେ କଂଗ୍ରେସରୁ ବର୍ତ୍ତମାନ ୯ ଜଣ ବିଧାୟକ ଅଛନ୍ତି। କିନ୍ତୁ ୨୦ ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ଦିନକୁ



ଦିନ ଏ ସଂଖ୍ୟା ବଢ଼ିବାରେ ଲାଗିଛି।' ଦଳର ନେତୃତ୍ୱକୁ ଆଜି ଏମିତି ଢଙ୍ଗରେ ସମାଲୋଚନା କରିଛନ୍ତି କଂଗ୍ରେସର ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ। 'ଜାନକୀ ବାବୁ ଓ ବସନ୍ତବାବୁ ଯୋଡ଼ି- ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୋଗ' ଆଲୋଚନାଚକ୍ରରେ ଭାଗ ନେଇ ଶ୍ରୀ ବିଶ୍ୱାଳ ବର୍ତ୍ତମାନ କଂଗ୍ରେସରେ ଦେଖାଇଥିବା ଗୋଷ୍ଠୀ କନ୍ଦଳର ଗୁମର ବର୍ଣ୍ଣନା କରିଥିବା ବେଳେ ୧୯୮୦ ମସିହାରେ ଥିବା ସୁବର୍ଣ୍ଣ ଯୁଗ ଗାଥାକୁ ମନେ ପକାଇଥିଲେ। ଚରଞ୍ଜୀବୀ ବିଶ୍ୱାଳ କହିଥିଲେ, ୧୯୮୦ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଯେଉଁ କଂଗ୍ରେସ ନେତାମାନେ ଦଳ ପାଇଁ ଲଢ଼େଇ କରିଛନ୍ତି, ସେମାନଙ୍କୁ ଏକଜୁଟ୍? କରିବାର ସମୟ ଆସିଛି। ୧୯୭୭ ମସିହାରେ ଜରୁରୀକାଳୀନ ପରିସ୍ଥିତି ପରେ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟରେ ହାରି ଯାଇଥିଲା। ସେହି ସମୟରେ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ରାଜ୍ୟର ବହୁ ନିର୍ବାଚନମଣ୍ଡଳୀରେ ବୁଲି ବହୁ ଯୁବକଙ୍କୁ ରାଜନୀତିକୁ ଆଣିଥିଲେ। ଯାହାଫଳରେ ୧୯୮୦ ମସିହାରେ କେନ୍ଦ୍ରରେ ଶ୍ରୀମତୀ ଇନ୍ଦିରା ଗାନ୍ଧି ଓ ଓଡ଼ିଶାରେ ଜାନକୀ ବଲ୍ଲଭ ପଟ୍ଟନାୟକ ନେତୃତ୍ୱରେ କଂଗ୍ରେସ ସରକାର ଆସିଥିଲା। ବହୁ ଯୁବକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ନିର୍ବାଚିତ ହୋଇ ବିଧାନସଭାକୁ ଆସିଥିଲେ। ମନ୍ତ୍ରୀ ମଧ୍ୟ ହୋଇଥିଲେ। ● ପୃଷ୍ଠା-୪

## ଅସନ୍ତୋଷ ପ୍ରକଟ କଲେ ମୋକିମ



ଭୁବନେଶ୍ୱର:କଟକ ବିଧାୟକ ମହମ୍ମଦ ମୋକିମ ଜାନକୀ ପଟ୍ଟନାୟକ -ବସନ୍ତ ବିଶ୍ୱାଳ ଯୋଡି ଆଲୋଚନା ଚକ୍ରରେ ଯୋଗ ଦେଇ ପିସିସି ସଭାପତିଙ୍କ ଉପରେ ଅସନ୍ତୋଷ ପ୍ରକଟ କରିଥିଲେ। ସେ ସିଧାସଳଖ ସମାଲୋଚନା ନକରି ପିସିସି ସଭାପତିଙ୍କ ଆଦର୍ଶ କେମିତି ହେବା ଆବଶ୍ୟକ ତାହା ଦର୍ଶାଇଛନ୍ତି । ସେ କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଆଦର୍ଶରୁ କିଛି ଶିଖିବା କଥା । କାନକୁହା କଥାରେ ବିଶ୍ୱାସ ନକରି କାହାକୁ ଉପେକ୍ଷା ନକରି ସାଥୀରେ ନେଇ ଆଗକୁ ବଢ଼ିଲେ ଦଳ ଉଠି ପାରିବ ବୋଲି ମୋକିମ କହିଲେ।

## ସରକାରରେ ଯାହା କିଛି ହେଉଛି ମନ୍ତ୍ରୀ ଜାଣିପାରୁ ନାହାନ୍ତି: ସୌମ୍ୟରଞ୍ଜନ

ଭୁବନେଶ୍ୱର: ବିଜେଡି ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି ରାଜ୍ୟରେ ଖଣି କୁଆଡେ ଗଲା କି ମହାନଦୀରେ ପାଣି ଆସିଲେ କେତେ ନ ଆସିଲେ କେତେ ସେଥିରେ କାହାର କିଛି ଯାଏ ଆସେନାହିଁ । ୫ ବର୍ଷ ଭିତରେ ୫୦ ବର୍ଷର ଖଣି ଖାଦାନର ସମ୍ପତ୍ତିକୁ ବାହାର ଲୋକେ ନେଇଗଲେ । ଓଡ଼ିଶାର ସମ୍ପତ୍ତି ଲୁଟ ହେଉଛି ବୋଲି କହି ସରକାରଙ୍କୁ ଟେର୍ଚ୍ଛା ବାଣ ମାରିଛନ୍ତି ସୌମ୍ୟ । ମନ୍ତ୍ରୀମାନେ ସରକାରୀ ନିଷ୍ପତ୍ତି ଘୋଷଣା କରୁନାହାନ୍ତି। ସରକାରରେ ଯାହା କିଛି ହେଉଛି ମନ୍ତ୍ରୀମାନେ ଜାଣିପାରୁ ନାହାନ୍ତି। ତାହାହେଲେ ସେହି ମନ୍ତ୍ରୀମାନେ ମନ୍ତ୍ରିମଣ୍ଡଳରେ କିପରି ଅଛନ୍ତି 'ଜାନକୀ ବାବୁ ଓ ବସନ୍ତବାବୁ ଯୋଡ଼ି- ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୋଗ' ଆଲୋଚନାଚକ୍ରରେ ଭାଗ ନେଇ ଏପରି କହିଛନ୍ତି ବିଜେଡି



ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ।ଏଥିସହ ସୌମ୍ୟରଞ୍ଜନ କହିଛନ୍ତି ରାଜନୀତି ବିଜ୍ଞାନରେ ପଢ଼ିଥିଲୁ ଅମଲାତନ୍ତ୍ର ମନ୍ତ୍ରୀଙ୍କ ବାହୁଛାୟା ତଳେ ରହି ରାଜନୈତିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମ କରିବା କଥା। ହେଲେ ସଚିବ ଯାହା କଲେ ମଧ୍ୟ ମନ୍ତ୍ରୀଙ୍କ ଆଢୁଆଳରେ ରହି କରିବେ ସେ ସମୟ ଆଉ ନାହିଁ। ଆଜି ଖବର କାଗଜର କୌଣସି ପୃଷ୍ଠା ରେ ଜଣେ ହେଲେ ମନ୍ତ୍ରୀଙ୍କ ଫଟୋ ପାଇବେ ନାହିଁ। ଯଦି କୌଣସି ପୃଷ୍ଠା ରେ ଜଣେ ମନ୍ତ୍ରୀଙ୍କ ଫଟୋ ବାହାର କରିଦେବେ ତାହାହେଲେ ମୁଁ ହଜାରେ ଟଙ୍କା ଦେବି। ବର୍ତ୍ତମାନ ମନ୍ତ୍ରୀମାନେ ଦୃଶ୍ୟମାନ ହେଉନାହାନ୍ତି। ସରକାରରେ ଯାହା କିଛି ହେଉଛି ମନ୍ତ୍ରୀମାନେ ଜାଣିପାରୁ ନାହାନ୍ତି। ରାଜନୀତି ଅଧୋଗତି ଏମିତି ହେଲାଣି ଯେ ସେହି ମନ୍ତ୍ରୀମାନେ ଅଛନ୍ତି କିପରି ? ବିଜେଡି ବ୍ୟବସ୍ଥା ଭିତରେ ଏପରି ଦେଖି ମୁଁ ଜଣେ ଦୁଇ ଜଣ କଂଗ୍ରେସରୁ ଆସିଥିବା ମନ୍ତ୍ରୀଙ୍କୁ ପଚାରିଥିଲି। ସେମାନେ କହିଥିଲେ, ଆପଣ ଆଜ୍ଞା ଜାଣିନାହାନ୍ତି ଏଇଟା ଗୋଟିଏ ବଢ଼ିଆ ସିଷ୍ଟମ। ଜାନକୀ ବାବୁ ଥିବା ବେଳେ ଜଣେ ବିଧାୟକ ରାତିରେ ଜିଦ୍ କଲେ ତା'ପର ଦିନ ଆଇଏଏସ୍ ଅଫିସରଙ୍କ ବଦଳି ହୋଇଯାଉଥିଲା। ଏଠି ସେଟା ହୋଇପାରିବ ନାହିଁ। ବିଧାୟକମାନେ କିଛି କରିପାରିବେ ନାହିଁ। ● ପୃଷ୍ଠା-୪

## ପୁଣି ଲେଉଟିଲା ତାତି , ୪୦ ଡିଗ୍ରୀ ଉପରେ ୧୪ ସହର

ଭୁବନେଶ୍ୱର:ରାଜ୍ୟକୁ ପୁଣି ଫେରିଛି ତାତି। ରାଜଧାନୀ ସମେତ ରାଜ୍ୟର ଅଧିକାଂଶ ସହରରେ ଭୀଷଣ ଖରା ଓ ଗୁଳୁଗୁଳି ପରିଲକ୍ଷିତ ହେଉଛି। ଆଗକୁ ତାପମାତ୍ରା ଆହୁରି ବଢିବାର ସମ୍ଭାବନା ରହିଛି। ସୋମବାର

୪୦ ଡିଗ୍ରୀ ଉପରେ ରାଜ୍ୟର ୧୪ ସହରର ତାପମାତ୍ରା ରେକର୍ଡ ହୋଇଛି। ୪୨ ଡିଗ୍ରୀ ସହ ବୌଦ୍ଧ ସର୍ବାଧିକ ଉତପ୍ତ ସହର ପାଲଟିଛି। ଭୁବନେଶ୍ୱର ସ୍ଥିତ



ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ଓ ସମ୍ବଲପୁରରେ ୪୧.୬ ଡିଗ୍ରୀ , ରାଉରକେଲା ୪୧.୪ ଡିଗ୍ରୀ, ଅନୁଗୁଳ ୪୧.୧ ଡିଗ୍ରୀ, ସୁନ୍ଦରଗଡ଼ ୪୧ ଡିଗ୍ରୀ , ତାଳଚେର ୪୦.୮ଡିଗ୍ରୀ , ବଲାଙ୍ଗିର ଓ ଜଗତସିଂହପୁର ୪୦.୫ ଡିଗ୍ରୀ , ଚାନ୍ଦବାଲି ୪୦.୨ ଡିଗ୍ରୀ, ଟିଟଲାଗଡ, ସୋନପୁର, ନୟାଗଡ ଓ କେନ୍ଦ୍ରାପଡାରେ ୪୦ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି କଟକ ୩୯.୫ ଏବଂ ଭୁବନେଶ୍ୱର ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ଶେଷ

ଭୁବନେଶ୍ୱର: ସୋମବାର ଦିନ ସୁପ୍ରିମକୋର୍ଟ ପୁରୀ ଶ୍ରୀମନ୍ଦିର ସଂସ୍କାର ମାମଲାକୁ ବନ୍ଦ କରିଛନ୍ତି । ବିଭିନ୍ନ ଅଭିଯୋଗର ଶୁଣାଣି ସହ ଶ୍ରୀମନ୍ଦିର କମିଟି ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟ ଅନୁଯାୟୀ କୋର୍ଟ ଏହାକୁ ବନ୍ଦ କରିଛନ୍ତି । ଏ ସଂପର୍କରେ ଯଦି କୌଣସି ମତ କିମ୍ବା ପ୍ରସ୍ତାବ ଥାଏ, ସେମାନେ ହାଇକୋର୍ଟରେ ଦାଖଲ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । କୋର୍ଟ କହିଛନ୍ତି ଯେ ଶ୍ରୀମନ୍ଦିର ପ୍ରଶାସନ କମିଟି ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠକୁ ଗ୍ରହଣ କରି ଶୀର୍ଷ ଅଦାଲତ ଏହି ନିଷ୍ପତ୍ତି ନେଇଛନ୍ତି । ଏ ସଂପର୍କରେ ସୂଚନା ଦେଇଛନ୍ତି ସୁପ୍ରିମକୋର୍ଟର ଅଧିବକ୍ତା ଶ୍ୱେତକେତୁ ମିଶ୍ର ।

## ଫାଇନାନ୍ସ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୬୩ ଲକ୍ଷ ଲୁଟ୍

ଭଦ୍ରକ (ପିପିଏସ୍): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ନିମପଲ୍ଲୀ ନିକଟରୁ ଗତ ରବିବାର ରାତିରେ ଏଲ୍?ଆଣ୍ଡଟି ଫାଇନାନ୍ସ କମ୍ପାନିର ଦୁଇଜଣ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ତିନି ଜଣ ଦୁର୍ବୃତ୍ତମାନେ ଏକଲକ୍ଷ ତେଷଠି ହଜାର ଟଙ୍କା ଲୁଟି ନେଇଥିବା ବନ୍ତ ଥାନାରେ ଅଭିଯୋଗ ସୋଇଛି। ଘଟଣାରୁ ପ୍ରକାଶ ଯେ ଏଲଆଣ୍ଡଟି ଫାଇନାନ୍ସ କମ୍ପାନି ବନ୍ତ ଶାଖାର ଦୁଇଜଣ କର୍ମଚାରୀ ଗତ ରବିବାର ରାତି ୯ଟା ସମୟରେ ବିଭିନ୍ନ ସ୍ଥାନରୁ ଋଣ ଟଙ୍କା ଆଦାୟ କରି ଓଳମ ତରାପୁର ରାସ୍ତାରେ ବନ୍ତ ଆଡ଼କୁ ଫେରୁଥିବା ବେଳେ ନିମପଲ୍ଲୀ ଗ୍ରାମ ନିକଟରେ ମୁହଁରେ ରଂଗବୋଳିହୋଇଥିବା ୩ଜଣ ଯୁବକ କର୍ମଚାରୀଙ୍କ ବାଇକକୁ ଅଟକାଇ ଥିଲେ। କର୍ମଚାରୀମାନେ ବାଇକ ଅଟକାଇବାରୁ ଦୁର୍ବୃତ୍ତମାନେ ସେମାନଙ୍କ ଆଖିକୁ ଲଙ୍କାଗୁଣ୍ଡ ପକାଇ ବାଇକକୁ ଠେଲି ଦେଇଥିଲେ। କର୍ମଚାରୀମାନେ ତଳେ ପଡ଼ିଯାଇଥିଲାବେଳେ ଦୁର୍ବୃତ୍ତମାନେ ସେମାନଙ୍କ ନିକଟରେ ଥିବା ଟଙ୍କା ବ୍ୟାଗକୁ ଛଡାଇନେଇ ବିଲକୁ ଦୌଡ଼ି ପଳାଇଥିଲେ। ଆକ୍ରମଣର ଶିକାର କର୍ମଚାରୀମାନେ ୧୦୦ନମ୍ବରକୁ ଫୋନ୍ କରି ଜଣାଇବାରୁ ବନ୍ତ ପୁଲିସ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ଉଦ୍ଧାର କରି ଥିଲେ। ଫାଇନାନ୍ସ କମ୍ପାନିର ଶାଖା ପରିଚାଳକ ଏନେଇ ବନ୍ତ ଥାନାରେ ଏତଲା ଦେଇଥିଲାବେଳେ ଆଦାୟ ହୋଇ ବ୍ୟାଗରେ ଥିବା ଏକଲକ୍ଷ ତେଷଠୀ ହଜାର ଟଙ୍କାକୁ ଦୁର୍ବୃତ୍ତମାନେ ଲୁଟିନେଇଥିବା ଉଲ୍ଲେଖ କରିଛନ୍ତି।

### ସମ୍ପାଦକୀୟ

ମଣିପୁରର ନିଆଁ

### ବାଟେଘାଟେ



ଝାରସୁଗୁଡାରେ ଦଶ ତାରିଖରେ
ହେବ ଉପନିର୍ବାଚନ
କାଲିଠାରୁ ନିର୍ବାଚନ ମଣ୍ଡଳୀଟା
ଲାଗୁ ଅଛି ଶୂନଶାନ୍
କେଜା ଣେ ଭୋଟର ମନ
ଅନୁକମ୍ପା ଭୋଟ ମିଳିବ କିଅବା
ବିରୋଧି ଜିତିବେ
ଇସୁ କରି କୁଶାସନ
ବିରିୟାନି ସହ ଭୋଟରଙ୍କୁ ଯିଏ
ବାଣ୍ଟିଥିବ ମୋଟା ଧନ ।
-ରାହୀ

## ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଡାହାମିଛ ଶୋଭା ପାଉନାହିଁ: ଲେଖାଶ୍ରୀ

ଭୁବନେଶ୍ୱର (ପିପିଏସ୍): ବିଜେଡି ମୁଖିଆ ନବୀନ ବାବୁ ସର୍ବଦା ମହିଳାଙ୍କ ସମ୍ମାନ, ଆଦର, ସୁରକ୍ଷା କଥା କହୁଛନ୍ତି କିନ୍ତୁ ବାସ୍ତବ ଛବି ଓଡିଶାବାସୀ ସ୍ପଷ୍ଟ ଜାଣନ୍ତି । ବିଜୁ ଜନତା ଦଳ ମହିଳାଙ୍କୁ ବାରମ୍ବାର ଅପମାନିତ କରି ଚାଲିଛି । ମୁଖ୍ୟମନ୍ତ୍ରୀ ଗୋଟିଏ ମିଛକୁ ବାରମ୍ବାର ଦୋହରାଇ ସତ ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି । ବିଜେଡି ସରକାରଙ୍କ ମହିଳା ସମ୍ମାନର ମିଛ ପେଡି ଖୋଲିଲେ ଘଣ୍ଟା ଘଣ୍ଟା ବିତିଯିବ । ନବୀନ ବାବୁଙ୍କ ୨୩ବର୍ଷ ଶାସନରେ ଓଡିଶାର ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ଏକାଥା ଏନସିଆରବି ରିପୋର୍ଟରେ ସ୍ପଷ୍ଟ ପ୍ରମାଣିତ ହୋଇଛି । ଜଣେ ସାଧାରଣ ପରିବାର ଝିଅ ମମିତା ମେହେର କଲେଜରେ ପାଠପଢ଼ାଇ ତାର ପରିବାର ଚଳାଉଥିଲା କିନ୍ତୁ ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ପ୍ରତାପ ଜେନା ବାରମ୍ବାର ମହାଲିଙ୍ଗ କଲେଜକୁ ଯାଇ ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ମମିତା ମେହେର ସହ ଯେଉଁ ଜଘଂନ୍ୟ କାଣ୍ଡ ହେଲା ତାହା କଣ ମାଙ୍କୁ ସମ୍ମାନ ? ମମିତାଙ୍କୁ ହତ୍ୟା କରାଯାଇ ତାର ଶରୀରକୁ ଅଧା ପୋଡା କରି ମାଟିରେ ପୋତାଗଲା । ମାଟିତଳୁ ଅଧା ପୋଡା ଶବ ମିଳିଲା । ରୋଜଗାର କରି ପରିବାର ଚଳାଉଥିବା ଝିଅକୁ ଏପରି ହତ୍ୟା କରାଯିବା ନବୀନ ବାବୁଙ୍କ ମାକୁ ସମ୍ମାନ କି ବୋଲି ବିଜେପି ରାଜ୍ୟ



ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ ପଚାରିଛନ୍ତି ।ଲେଖାଶ୍ରୀ ଆହୁରି କହିଛନ୍ତିଯେ ନୟାଗଡର ୫ବର୍ଷର ଶିଶୁ ପରୀ ନିଖୋଜ ହେବାପରେ ବାପା ମା ପୋଲିସ ପାଖରେ ଫେରାଦ ହେଲେ । ୮ମାସ ପରେ ଅଖାରୁ ହାଡ ମିଳିଲା । ଘଟଣାକୁ ଚାପି ଦେବା ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତର ନାଟକ ରଚାଗଲା । ସେତେବେଳେ ସେହି ହତ୍ୟାକାଣ୍ଡରେ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି କଥା ଆସିଥିଲା । ହେଲେ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ତଦନ୍ତ କରାଇ ଅରୁଣ ସାହୁଙ୍କୁ କ୍ଲିନଚିଟ୍ ଦିଆକରାଇଲେ । ଆଜି ବି ପରିର ବାପାମାଆ ତାଙ୍କର ହତ୍ୟାକାରୀକୁ ଦଣ୍ଡ କେବେ ମିଳିବ ଚାହିଁ ବସିଛନ୍ତି ।

ବିଜେଡି ଅଫିସ ଉଦଘାଟନ ଦିନ ସଂଯୁକ୍ତା ମହିଳା ଯାଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ବିଜେଡି ଅଫିସରୁ କାନ୍ଦି କାନ୍ଦି ଫେରିଲେ । କାହିଁ ସେ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆଜି ପର୍ଯ୍ୟନ୍ତ ପଦେ ପାଟି ଖୋଲିଲେ ନାହିଁ । ସେ ଶ୍ରମମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କଲେ, ଥାନାରେ ଆସି ମନ୍ତ୍ରୀଙ୍କ ନାଁରେ ଏତଲା ଦେଲେ ଓ ଗଣମାଧ୍ୟମ ସାମ୍ନାରେ ମନ୍ତ୍ରୀଙ୍କ ନାଁ କହିଲେ । ତାଙ୍କର ଡାକ୍ତରୀ ମାଇନା ମଧ୍ୟ ହୋଇଥିଲା, ସେ ଆଜିବି ନ୍ୟାୟ ପାଇନାହାନ୍ତି । ଆଉଜଣେ ବିଧାୟକ ବିଜୟ ଶଙ୍କର କେଉଁର ?ୟାକେଟ ଚଳାଉଥିଲେ ସେ କଥା ସମସ୍ତଙ୍କୁ ଜଣା । ସୋନାଲିକାଙ୍କୁ କିପରି ନିର୍ଯ୍ୟାତନା ଦେଲେ ସେକଥା ସମସ୍ତେ ଜାଣିଛନ୍ତି । କାହିଁ ସେତେବେଳେ ତ ମୁହଁ ଖୋଲିଲେନି ମୁଖ୍ୟମନ୍ତ୍ରୀ । ସ୍ମିତାରାଣୀଙ୍କ ସମ୍ପର୍କ ବିଧାୟକ ପ୍ରଣବଙ୍କ ସହ ବାହାରିଲା । କେଉଁଠି ଅଟକିଲା ସ୍ମିତାରାଣୀଙ୍କ ହତ୍ୟାକାଣ୍ଡର ତଦନ୍ତ । କାହିଁ ମୁଖ୍ୟମନ୍ତ୍ରୀଙ୍କ ସେତେବେଳେ ମାଙ୍କ ସମ୍ମାନର କଥା ମନେ ପଡିଲାନି । ମୁଖ୍ୟମନ୍ତ୍ରୀ ଏ ବୟସରେ ମିଛର ଆଶ୍ରୟ ନେଉଛନ୍ତି ଓ ଓଡିଶାବାସୀଙ୍କୁ ଭଣ୍ଡାଉଛନ୍ତି । ରାଜ୍ୟ ସରକାରଙ୍କ ପାଇଁ ମହିଳା ସମ୍ମାନ କେବଳ ନିର୍ବାଚନୀ ମୋହରା ବୋଲି ଡ.ଲେଖାଶ୍ରୀ କହିଛନ୍ତି ।

## ୪ ବର୍ଷରେ ବନ୍ଦ ହେବ ସମସ୍ତ ଡିଜେଲ ଚାଳିତ କାର

ନୂଆଦିଲ୍ଲୀ: ଡିଜେଲରେ କାର ଚଳାଉଥିବା ଲୋକଙ୍କ ପାଇଁ ଖରାପ ଖବର। ୪ ବର୍ଷ ପରେ ଅର୍ଥାତ ୨୦୨୭ ସୁଦ୍ଧା ଦେଶରେ ବନ୍ଦ ହୋଇପାରେ ସମସ୍ତ ପ୍ରକାରର ଡିଜେଲ ଚାଳିତ କାର। ଡିଜେଲ ଚାଳିତ କାରଗୁଡ଼ିକ ୨୦୨୭ ସୁଦ୍ଧା ବ୍ୟାନ କରିବାକୁ ସୁପାରିସ କରିଛି ତୈଳ ମନ୍ତ୍ରଣାଳୟର ଗୋଟିଏ ପ୍ୟାନେଲ। ଡିଜେଲ କାର ପରିବର୍ତ୍ତେ ଇଲେକ୍ଟ୍ରିକ ଓ ଗ୍ୟାସ ଚାଳିତ ଗାଡ଼ିର ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସରକାରୀ ପ୍ୟାନେଲ ପ୍ରସ୍ତାବ ଦେଇଛି। ପ୍ରଦୂଷଣ ରୋକିବାକୁ ୧୦ ଲକ୍ଷରୁ ଅଧିକ ଲୋକ ରହୁଥିବା ସହର ଓ ପ୍ରଦୂଷଣ ରୋକିବାକୁ ଏପରି ବ୍ୟବସ୍ଥା ସରକାର ଲାଗୁ କରୁନ୍ତୁ ବୋଲି ପ୍ୟାନେଲର ସଦସ୍ୟମାନେ କହିଛନ୍ତି। ଅଧିକ ଗ୍ରୀନ ହାଉସ ନିର୍ଗତ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ପ୍ରମୁଖ ସ୍ଥାନରେ ରହିଛି। ଏହାର ଭାରତରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ୪୦% ବିଜୁଳି ପୁନଃନବୀକରଣ ବ୍ୟବସ୍ଥା ଦ୍ୱାରା ୨୦୭୦ ସୁଦ୍ଧା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତୈଳ ମନ୍ତ୍ରଣାଳୟର ୱେବସାଇଟ୍ରେ ଅପଲୋଡ ହୋଇଥିବା ରିପୋର୍ଟରେ ପ୍ୟାନେଲ ପକ୍ଷରୁ କୁହାଯାଇଛି ଯେ "ଯେଉଁ ସବୁ ସିଟି ବସ୍ ବିଜୁଳିରେ ନ ଗଡୁଛି, ସେଭଳି ଗାଡ଼ିକୁ ୨୦୩୦ ସୁଦ୍ଧା ପରିବହନ ସେବାରୁ ହଟାଇ ଦିଆଯାଉ। ୨୦୨୪ ପରଠାରୁ ଆଉ କୌଣସି ଡିଜେଲ ଚାଳିତ ବସ୍?କୁ ସିଟି ବସ୍? ସେବାରେ ସାମିଲ କରା ନ ଯିବା ଦରକାର।"ଦେଶରେ ବ୍ୟବହାର ହେଉଥିବା ରିଫାଇଣ୍ଡ ତୈଳ ମଧ୍ୟରୁ ଦୁଇ ପଞ୍ଚାଂଶ ଅବଦାନ ଡିଜେଲର ରହିଛି। ଏହାର ୮୦% କେବଳ ପରିବହନ କ୍ଷେତ୍ରରେ ବ୍ୟବହାର ହେଉଛି। ୨୦୨୪ରୁ କେବଳ ବିଦ୍ୟୁତ ଚାଳିତ ସହରୀ ଗାଡ଼ିଗୁଡ଼ିକୁ ନୂଆ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଉ। ଜିନିଷ ପତ୍ର ପରିବହନ ପାଇଁ ପ୍ୟାନେଲ ପକ୍ଷରୁ ରେଳବାଇ ଓ ଗ୍ୟାସ୍? ଦ୍ୱାରା ଚାଳିତ ଟ୍ରକ୍?ର ବ୍ୟବହାର କରିବାକୁ ପ୍ରସ୍ତାବ ଦିଆଯାଇଛି। ଆସନ୍ତା ୨ରୁ ୩ ବର୍ଷ ମଧ୍ୟରେ ପୂରା ରେଳ ନେଟୱର୍କ କେବଳ ବିଜୁଳି ଦ୍ୱାରା ହିଁ ପରିଚାଳିତ ହେବ।




# ଆଜିର ରାଶିଫଳ

**ମେଷ**
ମାନ ସମ୍ମାନ ବୃଦ୍ଧି ହେବ । ଟଙ୍କାର ଆବଶ୍ୟକତା ପୂରଣ ହେବ । ମାଆ, ବାପା ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ । ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ଦେବେ ।

**ବୃଷ**
ସହଯୋଗୀମାନେ ସହଯୋଗ କରିବେ । ପରବାରରେ ସୁସ୍ଥ ବାତାବରଣ ଜାରି ରହିବ । ବହୁଦିନରୁ ଅପେକ୍ଷା କରି ରହିଥିବା ଖବର ପାଇ ଖୁସି ହେବେ । ଦୂରଯାତ୍ରା କରିପାରନ୍ତି ।

**ମିଥୁନ**
ଅସହାୟଙ୍କୁ ସାହାଯ୍ୟ କରନ୍ତୁ । ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେଇପାରେ । ସାମ୍ବାଦିକମାନେ ପ୍ରଶଂସିତ ହେବେ । ସଚ୍ଚୋଟ ବ୍ୟକ୍ତି ରୂପେ ସମାଜର ସ୍ୱୀକୃତି ପାଇବେ ।

**କର୍କଟ**
ସାମାଜିକ କ୍ଷେତ୍ରରେ ସମ୍ମାନ ପାଇବେ । ଦାମ୍ପତ୍ୟ କଳହ ମେଣ୍ଟିଯାଇ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସୁଯୋଗ ହାତ ପାହାନ୍ତାରେ ପାଇ ସଫଳତା ମିଳିବ ।

**ସିଂହ**
ବିନା ପରିଶ୍ରମରେ ଅଧିକ ଲାଭବାନ ହେବେ । କର୍ମକ୍ଷେତ୍ରରେ ଶାନ୍ତି ବିରାଜମାନ କରିବ । ସ୍ୱାସ୍ଥ୍ୟ ଭଲ ରହିବ । ସମାଜସେବାରେ ବେଶ୍ ଆନନ୍ଦ ଅନୁଭବ କରିବେ ।

**କନ୍ୟା**
ସାମ୍ବାଦିକମାନେ ଉଦ୍ଦେଶ୍ୟକୁ ସଫଳ କରିବାରେ ସକ୍ଷମ ହେବେ । ସମ୍ମାନର ସହ ଦିନଚର୍ଯ୍ୟା ସମ୍ପାଦନ କରିବେ । ବନ୍ଧୁବାନ୍ଧବଙ୍କଠାରୁ ସହଯୋଗ ପ୍ରାପ୍ତ ହେବ ।

**ତୁଳା**
ସାମାଜିକ ପତିଆରା ଅମଳିନ ରହିବ । ବନ୍ଧୁଙ୍କ ସହଯୋଗରେ ଆର୍ଥିକ ଲାଭ ହେବ । ବିଦ୍ୟାର୍ଥୀମାନେ ଶୁଭ ସମାଚାର ଶୁଣିବେ । ବିରୋଧୀ କିଛି କ୍ଷତି କରିପାରିବେ ନାହିଁ ।

**ବିଛା**
ଗୃହ ସମସ୍ୟାକୁ ସମାଧାନ କରିପାରିବେ । ସମାଜସେବା କାର୍ଯ୍ୟରେ ବନ୍ଧୁଙ୍କର ସହଯୋଗ ପାଇବେ । ଅସହାୟମାନଙ୍କୁ ସାହାଯ୍ୟ କରି ସନାମ ଅର୍ଜନ କରିପାରିବେ ।

**ଧନୁ**
ଅଧିକ ବ୍ୟୟ ହେତୁ ଅନୁତପ୍ତ ହେବେ । ପଥରୋଧର ସମ୍ମୁଖୀନ ହୋଇପାରନ୍ତି । ଅଣ୍ଡାଜନିତ କ୍ଲେଶ ଅନୁଭବ କରିବେ । ପରିଶ୍ରମର ମୂଲ୍ୟ ଅଧିକ ପାଇବେ । ପାରିବାରିକ ସେନ୍ଦହଶ୍ରଦ୍ଧା ବୃଦ୍ଧି ହେବ ।

**ମକର**
ଯୋଗାଯୋଗ ଫଳଦାୟକ ହେବ । ସେବା ମନୋଭାବର ହେବେ । ସୁଖ, ସମୃଦ୍ଧିର ମୂଳଦୁଆ ପଡ଼ିବ । ଯାନବାହନ ଚଳାଇଲାବେଳେ ସତର୍କ ରୁହନ୍ତୁ ।

**କୁମ୍ଭ**
ଉତ୍ତମ ବନ୍ଧୁଙ୍କର ସାନ୍ନିଧ ଲାଭ କରିବେ । ବ୍ୟବସାୟରୁ ପ୍ରଚୁର ଲାଭ ମିଳିବ । ସମାଜସେବା ପାଇଁ ମନ ବଳାଇପାରନ୍ତି । ଶତ୍ରୁମାନେ ଅପସରି ଯିବେ ।

**ମୀନ**
କନ୍ୟା ସନ୍ତାନ ଦ୍ୱାରା ଉପକୃତ ହୋଇପାରନ୍ତି । ବ୍ୟବସାୟ ଲାଭଜନକ ହେବେ । ପ୍ରେମ ଓ ପ୍ରଣୟ ପାଇଁ ଦିନଟୁ ଶୁଭରେ କଟିବ । ମନରେ ଉତ୍ସାହ ବଢ଼ିବ । କାର୍ଯ୍ୟକ୍ଷେତ୍ରରେ ସାହାସୀ ହେବେ ।

# ରିଲାଏନ୍ସର ବଡ ରେକର୍ଡ

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଶୁକ୍ରବାର ଏକ ବଡ ରେକର୍ଡ ପ୍ରତିଷ୍ଠା କରିଛି । ଶୁକ୍ରବାର ଅଏଲ ରିଫାଇନିଂ ମାର୍ଜିନ, ଦୂରସଂଚାର ଓ ଡିଜିଟାଲ ସେବାରେ ସ୍ଥିର ବୃଦ୍ଧି ଓ ଖୁଚୁରା କାରବାରରେ ମଜବୁତ ସ୍ଥିତି ପାଇଁ କମ୍ପାନୀର ମାର୍ଚ୍ଚ ତ୍ରୈମାସିକରେ ଆୟ ୨୨.୫ ପ୍ରତିଶତ ବୃଦ୍ଧି ପାଇଛି । ଏହାସହ ଭାରତର ପ୍ରଥମ କମ୍ପାନୀ ଭାବେ ୧୦୦ ଅରବ ଡଲାରର ଆୟ ହାସଲ କରିଛି କମ୍ପାନୀ । ରିପୋର୍ଟ ଅନୁସାରେ, ୨୦୨୧-୨୩ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେଟ୍ ପ୍ରଫିଟ୍ ୬୦,୭୦୫ କୋଟିରେ ପହଁଚିଛି । ଏହି କାରଣରୁ କମ୍ପାନୀର ଆୟ ବୃଦ୍ଧି ପାଇ ୭.୯୨ ଲକ୍ଷ କୋଟି ବା ୧୦୨ ଅରବ ଡଲାରରେ ପହଁଚି ଯାଇଛି । ୧୦୦ ଅରବ ଡଲାରରୁ ଅଧିକ ଆୟ ହାସଲ କରିଥିବା ତାଲିକାରେ ରିଲାଏନ୍ସ ପ୍ରଥମ ଭାରତୀୟ କମ୍ପାନୀ ହୋଇପାରିଛି । ଯାହା ପୂର୍ବରୁ କେବେ ହୋଇନଥିଲା । ରିଲାଏନ୍ସର କହିବାନୁସାରେ, ତୈଳ ଦାମ ବୃଦ୍ଧି ସତ୍ତ୍ୱେ କମ୍ପାନୀ ଭଲ ଲାଭ କରିଛି । ଏନେଇ ସେୟାର ମାର୍କେଟରେ କମ୍ପାନୀ ଏହି ସୂଚନା ଦେଇଛି । ଏହାସହ କମ୍ପାନୀର ଲାଭ ଚତୁର୍ଥ ତ୍ରୈମାସିକରେ ୧୬୨୦୩ କୋଟି ଟଙ୍କାରେ ପହଁଚିଥିବା ଜଣାପଡିଛି । କମ୍ପାନୀର ବୋର୍ଡ ଏହି ମାଇଲ ଖୁଣ୍ଟ ହାସଲ କରିବା ପରେ ଡେଭିଡେଣ୍ଟ୍ ବାଣ୍ଟିବା ପାଇଁ ଇଶାରା ଦେଇଛି । ମାର୍ଚ୍ଚ ୩୧ରେ ସରିଥିବା ଆର୍ଥିକ ବର୍ଷ ପାଇଁ ଇକ୍ୟୁଟି ସେୟାର ପିଛା ୮ ଟଙ୍କା ଲାଭ ରଖିବାକୁ କମ୍ପାନୀ ସୁପାରିଶ କରିଛି । ଡେଭିଡେଣ୍ଡ ବାବଦରେ ଆସନ୍ତା ବର୍ଷ କମ୍ପାନୀର ସାଧାରଣ ବୈଠକରେ କିଛି ବଡ ଘୋଷଣା ହୋଇପାରେ । ସୂଚନାଯୋଗ୍ୟ, ଏତତ୍ ବ୍ୟତୀତ ୨୦୨୦-୨୧ ଆର୍ଥିକ ବର୍ଷର ଜାନୁଆରୀରୁ ମାର୍ଚ୍ଚ ତ୍ରୈମାସିକରେ କମ୍ପାନୀର ଏକୀକୃତ ଶୁଦ୍ଧ ଲାଭ ୧୩୨୨୭ କୋଟି ଥିଲା । କମ୍ପାନୀର ମୁଖ୍ୟ ବ୍ରାଣ୍ଡ୍ ଜିଓର ଲାଭ ଚତୁର୍ଥ ତ୍ରୈମାସିକରେ ପ୍ରାୟ ୨୪ ପ୍ରତିଶତ ବୃଦ୍ଧି ପାଇ ୪୧୭୩ କୋଟି ହୋଇଯାଇଛି ।




# 'ସାମି ସାମି...' ଗୀତରେ ଧୁମ୍ ନାଚିଲେ ବୃଦ୍ଧା

କମୁନି 'ପୁଷ୍ପା' ଫିଭର । ଅଲ୍ଲୁ ଅର୍ଜୁନ ଓ ରଶ୍ମୀକା ମନ୍ଦନାଙ୍କ ସାଉଥ ଫିଲ୍ମ 'ପୁଷ୍ପା'କୁ ନେଇ ଜାରି ରହିଛି କ୍ରେଜ । ଫିଲ୍ମର ଡାଏଲଗ୍ ଠାରୁ ଆରମ୍ଭ କରି ଗୀତ ସମସ୍ତଙ୍କୁ ଏବେବି କରୁଛି ମତୁଆଲା । ଫିଲ୍ମର ସୁପରହିଟ୍ ? ଗୀତ ସାମି ସାମି...ରେ ପିଲାଠୁ ଆରମ୍ଭ କରି ବୁଢ଼ା ଏପରିକି ଅନେକ ସେଲେବ୍ରିଟି ମଧ୍ୟ ଅଣ୍ଟା ହଲାଇଛନ୍ତି । ଠୁମ୍କା ଲଗାଇ ସୋଶାଲ ମିଡିଆରେ ଶେଆର କରିଛନ୍ତି ଭିଡିଓ । ଏହାରି ଭିତରେ ଏବେ ଜଣେ ବୃଦ୍ଧାଙ୍କୁ ପୁଷ୍ପା ଫିଭର ଚଢ଼ିଛି । ସେ ସାମି ସାମି ଗୀତରେ ସେ କରିଛନ୍ତି ଜବରଦସ୍ତ ଡ୍ୟାନ୍ସ । ଯାହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବୃଦ୍ଧ ମହିଳା ଜଣଙ୍କ ସାମି ସାମି... ଗୀତ ଶୁଣିବା ମାତ୍ରେ ଆଉ ରହିପାରୁ ନାହାନ୍ତି । ଆପେ ଆପେ ତାଙ୍କ ଗୋଡ ହଲିବାକୁ ଲାଗୁଛି । ଏହାପରେ ସେ ସବୁକିଛି ଭୁଲି ଯାଇ ମଇଦାନକୁ ଓହ୍ଲାଇ କରୁଛନ୍ତି ଜବରଦସ୍ତ ଡ୍ୟାନ୍ସ । ତାଙ୍କ ଡ୍ୟାନ୍ସ ଦେଖି ସମସ୍ତେ ଚକିତ ହୋଉପଡୁଛନ୍ତି । ଯିଏ ଏହି ଭିଡିଓକୁ ଦେଖୁଛି ସିଏ ଏହି ବୃଦ୍ଧ ମହିଳାଙ୍କ ପ୍ରଶଂସା ନ କରି ରହି ପାରୁନାହାନ୍ତି । ସୋଶାଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ନାମକ ପେଜ୍ ?ରେ ଏହି ଭିଡିଓ ଶେଆର କରାଯାଇଛି । ଯାହାକୁ ବର୍ତ୍ତମାନ ଯାଏ ଲକ୍ଷ ଲକ୍ଷ ଲୋକ ଦେଖିସାରିଲେଣ । ଏଥିସହ ୨ ହଜାରରୁ ବି ଅଧିକ ଲାଇକ୍ସ ମିଳିସାରିଲାଣି । ତେବେ ଏହି ବୃଦ୍ଧା ମହିଳା ଜଣକ କିଏ କେଉଁଠିକାର ସେ ନେଇ କିଛି ସୂଚନା ମିଳିନାହିଁ ।



# ମଲାଇ ମସରୁମ୍

ଆବଶ୍ୟକ ସାମଗ୍ରୀ: ବଟନ ଛତୁ, କଟା ପିଆଜ, ଟମାଟୋ ପ୍ୟୁରି, କାଜୁ ବଟା, ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ୍, ଗୋଲମରିଚ ଗୁଣ୍ଡ, ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ଓ ଲୁଣ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଭାଜି ଦିଅନ୍ତୁ । ଏହା ପରେ କରେଇରେ ଆଉ ଥରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜକୁ ପକାଇ ଭାଜନ୍ତୁ । ପିଆଜର ରଙ୍ଗ ବାଦାମୀ ହୋଇ ଆସିଲା ପରେ ସେଥିରେ ଅଦା-ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ କଷନ୍ତୁ । ମସଲା ଟିକେ କଷି ହୋଇଗଲେ ସେଥିରେ ଟମାଟୋ ପ୍ୟୁରି ପକାଇ ଦିଅନ୍ତୁ । ପରେ କାଜୁ ବଟା ପକାଇ ଅଳ୍ପ ସମୟ କଷନ୍ତୁ । ଏହାପରେ ଭଜା ହୋଇ ରହିଥିବା ଛତୁକୁ ପକାଇ ଗୋଳାଇ ଦିଅନ୍ତୁ । କିଛି ସମୟ ପରେ ସେଥିରେ ଅଳ୍ପ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ଗୋଳାଇ ଦିଅନ୍ତୁ । ତାକୁ ୪ରୁ ୫ ମିନିଟ୍ ? ଆଞ୍ଚରେ ବସାଇବାକୁ ଦିଅନ୍ତୁ । ପରେ ସେଥିରେ ଫ୍ରେଶ୍ କ୍ରିମ୍ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ । କରେଇକୁ ଆଞ୍ଚରୁ ଓହ୍ଲାଇ ଛତକୁ ପ୍ଲେଟକୁ କାଢ଼ି ସେଥିରେ ଅଳ୍ପ କ୍ରୀମ୍ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସୁଆଦିଆ 'ମଲାଇ ମସରୁମ୍ ।

# କ୍ଷୀର ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ

ଆମ ସ୍ୱାସ୍ଥ୍ୟ ପାଇଁ କ୍ଷୀର ଅତ୍ୟନ୍ତ ଲାଭଦାୟକ ଅଟେ । କିନ୍ତୁ କ୍ଷୀର ପିଇବାର ଉପଯୁକ୍ତ ସମୟ କ'ଣ ତାହା ଜାଣିବା ଜରୁରୀ । ପିଲାଦିନେ ଆପଣଙ୍କ ମା ଆପଣଙ୍କୁ ସକାଳ ଜଳଖିଆରେ କ୍ଷୀର ଦେଉଥିବେ । ଘରର ଗୁରୁଜନମାନେ ରାତିରେ କ୍ଷୀର ପିଇସାରି ଶୋଇବାକୁ ଯାଆନ୍ତି । ଅଧିକାଂଶ ଲୋକ ଜଳଖିଆରେ କ୍ଷୀର ପିଅନ୍ତି ତ ଆଉ ଅଧିକାଂଶ ଲୋକ ରାତିରେ କ୍ଷୀର ପିଇବାକୁ ଉଚିତ ମନେ କରନ୍ତି । ଯଦି ଆପଣ ମଧ କ୍ଷୀର ପିଇବାର ଉପଯୁକ୍ତ ସମୟ କ'ଣ ଏହା ଭାବି ଦ୍ୱନ୍ଦରେ ଅଛନ୍ତି ତା'ହେଲେ ପୁରା ପଢନ୍ତୁ ଯେଉଁମାନେ ସକାଳେ କ୍ଷୀର ପିଇଥାନ୍ତି ତାଙ୍କ ପାଇଁ ପରାମର୍ଶ ହେଲା -ଏପରି କଦାପି କରନ୍ତୁ କରନ୍ତୁ ନାହିଁ । କାରଣ ଏହା ହଜମ ହେବା କଷ୍ଟ ହୋଇଥାଏ । ସେଥିପାଇଁ ସକାଳେ କ୍ଷୀର ପିଇବାକୁ ମନା କରାଯାଏ । ସେହିପରି ରାତି ସମୟରେ କ୍ଷୀର ପିଇବା ପାଇଁ ଆର୍ଯୁବେଦରେ କୁହାଯାଇଛି । ରାତିରେ କ୍ଷୀର ପିଇବା ଦ୍ୱାରା ପୂରା ଦିନର ଥକାପଣ ଦୂର ହୋଇଥାଏ । କ୍ଷୀରରେ ଶାନ୍ତ କରିବା ଗୁଣ ଥାଏ । ଯଦି ଆମେ ରାତିରେ କ୍ଷୀର ପିଇଥାଉ ତେବେ ଏଥିରେ ଥିବା ସେରୋଟୋନିନ୍ ଆମ ମନକୁ ଶାନ୍ତ କରିଥାଏ ଏବଂ ନିଦ ଭଲ ହୋଇଥାଏ । ଆମ୍ଭେମାନେ ଜାଣୁ ଯେ କ୍ଷୀର କ୍ୟାଲସିୟମରେ ଗଡ଼ା । ଯାହା ଆମ ହାଡ଼କୁ ମଜବୁତ କରିଥାଏ । ଯଦି ଆପଣ ରାତିରେ କ୍ଷୀର ପିଇବେ ତେବେ ପ୍ରଚୁର ପରିମାଣରେ କ୍ୟାଲସିୟମ୍ ମିଳିବ । କ୍ଷୀରରେ ପ୍ରୋଟିନ୍ ରହିଥାଏ ଯାହା ମାଂସପେଶୀ ବିକାଶ କରିବାରେ ସହାୟକ ହୋଇଥାଏ । ରାତିରେ କ୍ଷୀର ପିଇବା ଦ୍ୱାରା କ୍ଷୀରରେ ଥିବା ପ୍ରୋଟିନ୍ ଶରୀରରେ ଗୋଳେଇ ହୋଇଯାଇଥାଏ । କ୍ଷୀର ପିଇବା ଆଗରୁ ଏହି ଜିନିଷଗୁଡ଼ିକ ବିଷୟରେ ପ୍ରଥମେ ଜାଣନ୍ତୁ -ଯେଉଁମାନଙ୍କର ହଜମ କ୍ରିୟାଜନିତ ସମସ୍ୟା ଥିବ କିମ୍ବା ଚର୍ମ ସମ୍ବନ୍ଧୀୟ ସମସ୍ୟା ଥିବ ସେମାନେ କ୍ଷୀର ପିଇବା ଅନୁଚିତ୍ । -କଦାପି ଭୋଜନ ସହ କ୍ଷୀର ପିଅନ୍ତୁ ନାହିଁ । କାରଣ ଭୋଜନ ସହ କ୍ଷୀର ହଜମ ହେବାରେ ସମସ୍ୟା ହୋଇଥାଏ । -ଯେଉଁମାନଙ୍କୁ କାଶ, ଅଜୀର୍ଣ୍ଣ ଏବଂ କୃମି ଆଦି ସମସ୍ୟା ଥିବ ସେମାନେ ମଧ କ୍ଷୀର ପିଇବା ଅନୁଚିତ୍ । -ଆର୍ଯୁବେଦ ଅନୁସାରେ କ୍ଷୀରକୁ ରାତିରେ ପିଇବା ଉଚିତ । ଆପଣଙ୍କୁ ଏହି ଜିନିଷ ଉପରେ ମଧ ଧ୍ୟାନ ଦେବାକୁ ପଡ଼ିବ ଯେ ରାତିରେ ଖାଦ୍ୟ ଖାଇବାର ୨ଘଣ୍ଟା ବ୍ୟବଧାନ ପରେ କ୍ଷୀର ପିଇବେ ।



# ସ୍କୁଲ ଯାଉଥିବା ବାଳିକାମାନଙ୍କୁ ମଧ ପିସିଓଡି ହେବାର ଆଶଙ୍କା

ସାଧାରଣତଃ ତରୁଣ ବୟସର ଯୁବକଯୁବତୀମାନେ ସୁସ୍ଥ ହୋଇଥିବାରୁ ସେମାନଙ୍କୁ ଅଧିକାଂଶ ରୋଗ ହୋଇନଥାଏ । ତଥାପି ବେଳେବେଳେ ହରମୋନରେ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ଯେପରିକି ପୁଅମାନଙ୍କ କ୍ଷେତ୍ରରେ ମେଦବହୁଳତା,ଚିନ୍ତାଗ୍ରସ୍ତତା ଏବଂ ଚିଡ଼ଚିଡ଼ାପଣ ଏକ ସାଧାରଣ ସମସ୍ୟା ହୋଇଥାଏ ,ସେହିପରି ଝିଅମାନଙ୍କର ହରମୋନାଲ ପରିବର୍ତ୍ତନ ଯୋଗୁଁ ସଂକ୍ରମଣର ଆଶଙ୍କା ଅଧିକ ରହିଥାଏ । ଆଜିକାଲି ସ୍କୁଲ୍ ଯାଉଥିବା ଝିଅମାନଙ୍କର ମଧ ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍ ଦେଖାଯାଉଛି । ଆଜିକାଲି ଝିଅମାନଙ୍କର ପିସିଓଡି ଏକ ସାଧାରଣ ସମସ୍ୟା । ଏଥିରେ ମହିଳାମାନଙ୍କର ଗର୍ଭାଶୟରେ ହରମୋନର ସ୍ତର ବଢ଼ିଯାଇଥାଏ, ଯାହା ଦ୍ୱାରା ଓଭାରୀରେ ସୃଷ୍ଟି ହୋଇଥାଏ । ଏହି ସମସ୍ୟା ମହିଳାମାନଙ୍କୁ ହରମୋନାଲ ଅସନ୍ତୁଳନ , ମେଦବହୁଳତା ଏବଂ ଅତ୍ୟଧିକ ଚାପ କାରଣରୁ ହୋଇଥାଏ । ଏହା ସହିତ ଏହା ଜନ୍ମ ସମ୍ବନ୍ଧୀୟ ମଧ ହୋଇଥାଏ । ଶରୀରରେ ଅଧିକ ଚର୍ବି ହେବା କାରଣରୁ ଏଷ୍ଟ୍ରୋଜେନ୍ ହରମୋନର ମାତ୍ରା ବଢ଼ିଥାଏ ଯାହାଦ୍ୱାରା ଓଭାରୀରେ ସିଷ୍ଟ ହୋଇଥାଏ । କେତେକ ଝିଅମାନଙ୍କର ଅନ୍ୟ ଝିଅମାନଙ୍କ ତୁଳନାରେ ଋତୁସ୍ରାବରେ ଅଧିକ ରକ୍ତସ୍ରାବ ହୋଇଥାଏ ଏବଂ ବେଶୀ ଦିନ ପର୍ଯ୍ୟନ୍ତ ହୋଇଥାଏ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ କେତେକ ଝିଅମାନଙ୍କୁ ରକ୍ତହୀନତା ରୋଗ ହୋଇଥାଏ । ଏହିଭଳି ପରିସ୍ଥିତିରେ ଡାକ୍ତରଙ୍କ ସାହାଯ୍ୟ ଆବଶ୍ୟକ ହୋଇଥାଏ । ଡାକ୍ତରଙ୍କ କହିବାନୁସାରେ ଜୀବନଶୈଳୀ ଯୋଗୁଁ ମଧ ଆଜିକାଲି ଝିଅମାନଙ୍କର ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଉଛି ଯେପରିକି ମେଦବହୁଳତା,ନିଦ ନହେବା ଏବଂ ଚାପ । ଏହି ସବୁ ସମସ୍ୟାରୁ ବଞ୍ଚିବା ପାଇଁ କ'ଣ କରିବେ -ସନ୍ତୁଳିତ ଜୀବନଶୈଳୀ -ଶୋଇବା ସମୟ ନିର୍ଦ୍ଧାରଣ କରନ୍ତୁ,ବେଶୀ ରାତି ପର୍ଯ୍ୟନ୍ତ ଜଗନ୍ତୁ ନାହିଁ । -ସକାଳେ ଶୀଘ୍ର ଉଠନ୍ତୁ । -ବ୍ୟାୟାମ କରନ୍ତୁ । -ଚର୍ବିଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ । -ଧୂମ୍ରପାନ ଏବଂ ଆଲକୋହଲରୁ ଦୂରେଇ ରୁହନ୍ତୁ । -ଘରେ ରୋଷେଇ ହୋଇଥିବା ଖାଦ୍ୟ ଖାଆନ୍ତୁ । -ପରିଷ୍କାର ପରିଚ୍ଛନ୍ନତା ଉପରେ ଧାନ ଦିଅନ୍ତୁ ।



# କଳା ଝାଡ଼ା ବାହାରୁଥିଲେ ସାବଧାନ !

ଖାଦ୍ୟର ସଠିକ୍ ହଜମ ଏକ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନଚେତ୍ ଏହାର ପ୍ରଭାବ ଝାଡ଼ାରେ ଦେଖାଯିବା ଆରମ୍ଭ ହୋଇଥାଏ । ଯଦି ଆପଣଙ୍କ ଝାଡ଼ାର ରଙ୍ଗ କଳା ହେବା ଆରମ୍ଭ କରେ, ତେବେ ସତର୍କ ରୁହନ୍ତୁ । କାରଣ ଏହା କିଛି ରୋଗର ଲକ୍ଷଣ ହୋଇପାରେ । କୌଣସି ଅସୁବିଧା ନଥିଲେ ବି ଏଥିରୁ ମୁକ୍ତି ପାଇପାରିବେ । କଳାଝାଡ଼ାରୁ ମୁକ୍ତି ପାଇବା ପାଇଁ ଜିନିଷ:-ଅନେକ ଥର ଆଇରନ୍ ସପ୍ଲିମେଣ୍ଟର ଖାଇବା କାରଣରୁ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ, ଯେଉଁ କାରଣରୁ ଝାଡ଼ାର ରଙ୍ଗ କଳା ଦେଖାଯିବା ଆରମ୍ଭ ହୋଇଥାଏ । ବେଳେବେଳେ ହଜମ ପ୍ରକ୍ରିୟାରେ ଗଡ଼ବଡ଼ କାରଣରୁ ଏହା ମଧ ହୋଇପାରେ । ଆସନ୍ତୁ ଜାଣିବା ଏହାର ଘରୋଇ ଉପଚାର... – ପାଣି ପିଅନ୍ତୁ ଯଦି ଆପଣଙ୍କ ଶରୀର ହାଇଡ୍ରେଟେଡ୍ ରୁହେ, ତେବେ ହଜମ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଯିବ ଓ ଅନ୍ତନଳୀରେ କୌଣସି ଅସୁବିଧା ହେବ ନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଗୋଟିଏ ଦିନରେ ଅତି କମରେ ୮ ଗ୍ଲାସ୍ ପାଣି ପିଅନ୍ତୁ । ଆମ ଶରୀରରେ ଅନେକ ସମସ୍ୟା ଜଳ ଅଭାବରୁ ହୋଇଥାଏ । – ଫାଇବର ବେଷ୍ଟ୍ ଖାଦ୍ୟ ଯଦି ଆପଣ ମଳଦ୍ୱାରର ସମସ୍ୟାକୁ ଦୂର କରିବାକୁ ଚାହାଁନ୍ତି, ତେବେ ଫାଇବର ଭିତ୍ତିକ ଖାଦ୍ୟ ଖାଇବା ଆରମ୍ଭ କରନ୍ତୁ । ଏଥିପାଇଁ ଦୈନନ୍ଦିନ ଖାଦ୍ୟରେ ଡାଲି ଏବଂ ପନିପରିବା ସାମିଲ କରନ୍ତୁ । ଫଳରେ ଆପଣ କଳାଝାଡ଼ାର ସମସ୍ୟାରୁ ମୁକ୍ତି ପାଇପାରିବେ । – ଦହି ଦହି ପେଟ ପାଇଁ ସର୍ବୋତ୍ତମ ଔଷଧ ବୋଲି ବିବେଚନା କରାଯାଏ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବାରେ ସାହାର୍ଯ୍ୟ ମିଳିଥାଏ । ଦହିରେ ପ୍ରୋବାୟୋଟିକ୍ ଗୁଣ ଥାଏ, ଯାହା ଅନ୍ତନଳୀ ଗତିର ସମସ୍ତ ସମସ୍ୟାକୁ ଦୂର କରିଥାଏ । ଦହିରେ ଭିଟାମିନ୍ ଇ, ଭିଟାମିନ୍ ବି -୧୨ ଏବଂ କ୍ୟାଲସିୟମ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ, ଯାହା ପେଟର ଗଡ଼ବଡ଼କୁ ଦୂର କରିଥାଏ ।



# କାର ଭିତରେ ପଶି ଗଲା ଭାଲୁ

ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ୍ ହେଉଛି । ଏହି ଭିଡିଓ ଗୁଡିକ ଖୁବ୍ ମଜାଦା । କିଛି ଭିଡିଓ ରହିଛି ଯେଉଁଥିରୁ ଅନେକ କିଛି ଶିଖିବାକୁ ମିଳେ । ଏମିତି କିଛି ଭିଡିଓ ରହିଛି ଯାହାକୁ ଦେଖି ଭୟ ମଧ ଲାଗେ । ସେମିତି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ର ହେଉଛି । ଯେଉଁଥିରେ ଗୋଟେ ଭାଲୁ କାର୍ର ଭିତରେ ବସିଥିବା ଦେଖିବାକୁ ମଳିଛି । କାର୍ ମାଲିକ ନଥିବା ବେଳେ ଭାଲୁଟି କାର୍ ଭିତରେ ପସିଯିବାର ଦୃଶ୍ୟ ସମସ୍ତଙ୍କୁ ଭୟଭୀତ କରାଇଛି । ଜୀବ ମାନଙ୍କ ବସତି ଜଙ୍ଗଲରେ । ସହରରେ ଜୀବ ମାନଙ୍କର ବୁଲିବା ବିପଦଠୁ କମ୍ ନୁହେଁ । ମଣିଷ ଚଳ ପ୍ରଚଳ କରୁଥିବା ସ୍ଥାନରେ ଯଦି ଆପଣ ଭାଲୁକୁ ଦେଖିବେ ତେବେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ୍ । ଭାଲୁ ଆକ୍ରମଣରେ ଅନେକ ଲୋକ ପ୍ରାଣ ହରାଇବା ନଜିର ରହିଛି । ତେଣୁ ଏହି ଜୀବକୁ ଦେଖିବା ମାତ୍ରେ ଲୋକେ ଭୟଭୀତ ହୋଇଯାଆନ୍ତି । ନିକଟରେ ଜଣେ ବ୍ୟକ୍ତିଙ୍କ କାର୍ର ଭିତରେ ପସିଯାଇଛି ଭାଲୁ । କର୍ ଡୋର୍ ଖୋଲି ଭାଲୁ ଭିତରକୁ ଯାଇଛି । ଏବଂ କାର୍ର ଆଗ ସିଟ୍ରେ ବସିଛି । ଏହି ସମୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ଆମେରିକାରେ ଘଟିଛି ଏହି ଘଟଣା । କାର ମିଲିକ ଗିଲୋଟି ଗାଡିକୁ ଲକ୍ କରିବାକୁ ଭୁଲି ଯାଇଥିଲେ । ତାଙ୍କୁ କାର୍ର ଲାଇଟ୍ ଜଳିବା ନେଇ ଆଲର୍ଟ ଆସିଲା । ଗିଲୋଟି କେହି ଚୋର କାର୍ର ଭିତରକୁ ପସିଯାଇଛି ଭାବି ତୁରନ୍ତ କାର ପାଖକୁ ଆସିଲେ । ବାହାରକୁ ଆସି କାର ଦେଖିବା ପରେ ସେ ଏକଦମ୍ର ଆଶ୍ଚର୍ଯ୍ୟ ହୋଇଗଲେ । କାର ଆଗ ସିଟରେ ବସିଥିଲା ଭାଲୁ । ଭୟଭୀତ ହୋଇଗଲେ ଗିଲୋଟି ।

## ଫିଲ୍ମ ଟକ୍

# ହଟ୍ ଅନ୍ଦାଜରେ ସୁହାନା

ଶାହରୁଖ ଖାନଙ୍କ ଲାଡଲୀ ସୁହାନା ଖାନ । ପ୍ରାୟତଃ ସମୟ ସେ କିଛି ନା କିଛି କାରଣକୁ ନେଇ ଚର୍ଚ୍ଚାରେ ରୁହନ୍ତି । ଯେତେବେଳେ ସୁହାନା ଖାନ ପବ୍ଲିକ୍ ସମ୍ନାକୁ ଆସନ୍ତି । ତାଙ୍କ ଚିତ୍ର ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ସୁହାନା ଖାନ ହୁଏତ ଏପର୍ଯ୍ୟନ୍ତ ବଲିଉଡ୍ରେ ଡେବ୍ୟୁ କରିନାହାଁନ୍ତି । କିନ୍ତୁ ସେ ଷ୍ଟାରଡମର ଖୁବ୍ ପାଉଛନ୍ତି । ଏହି ସମୟରେ ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହେଉଛି । ନିକଟରେ ଏକ ଫଟୋ ସାମ୍ନାକୁ ଆସିଛି । ଯେଉଁଥିରେ ସୁହାନା ବୋଲି ଅନୁମାନ କରାଯାଉଛି । କାହିଁକି ନା ଜଣେ ଝିଅ ଧଳା ବିକିନି ପିନ୍ଧିଥିବା ବେଳେ ସମୁଦ୍ର କୂଳରେ ଆରାମ କରୁଥିବା ଦେଖାଯାଉଛି । ଏହି ଫଟୋରେ ଚେହେରା ଦୃଶ୍ୟମାନ ହେଉନାହିଁ । କିନ୍ତୁ ସୁହାନା ଖାନଙ୍କ ଅନେକ ଫ୍ୟାନ୍ କ୍ଲବ୍ ଏହାକୁ ତାଙ୍କ ଫଟୋ ଭାବରେ ସେୟାର କରିଛନ୍ତି । ଯାହା ପରେ ଏହି ଫଟୋ ସବୁଆଡେ ଭାଇରାଲ ହେବାରେ ଲାଗିଛି । କିନ୍ତୁ, ବର୍ତ୍ତମାନ ବାସ୍ତବତା ସାମ୍ନାକୁ ଆସିଛି ଯେ ଏହି ଫଟୋରେ ଦେଖାଯାଇଥିବା ଝିଅଟି ସୁହାନା ଖାନ ନୁହଁନ୍ତି । ଫଟୋରେ ଥିବା ଝିଅଟି ଶାନଭି ଶ୍ରୀବାସ୍ତବଙ୍କର ଅଟେ । ଶାନଭି ଦକ୍ଷିଣ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଜଣେ ଅଭିନେତ୍ରୀ ।ଅନେକ ତାମିଲ, ତେଲୁଗୁ ଏବଂ ମାଲାୟାଲମ୍ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଶାନଭି ଏହି ଫଟୋକୁ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଛନ୍ତି, । ଯାହାକୁ ସୁହାନା ଖାନଙ୍କ ଅନେକ ଫ୍ୟାନ୍ କ୍ଲବ୍ ତାଙ୍କ ଫଟୋ ବୋଲି କହି ପୋଷ୍ଟ କରିଛନ୍ତି ।





ପାଟନାଠାରେ ସିଏମପିଜି ବିହାରକୁ ସାର୍ଟିଫିକେଟ ଅଫ୍ ଆପ୍ରିସିଏସନ ପ୍ରଦାନ କରୁଛନ୍ତି ରାଜଭାଷା କମିଟିର ଉପାଧ୍ୟକ୍ଷ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ।



ପାଟନାଠାରେ ପାୱାର ଗ୍ରୀଡ କର୍ପୋରେସନ ଅଫ୍ ଇଣ୍ଡିଆକୁ ସାର୍ଟିଫିକେଟ ଅଫ୍ ଆପ୍ରିସିଏସନ ପ୍ରଦାନ କରୁଛନ୍ତି ସଂସଦୀୟ ରାଜଭାଷା କମିଟି ଉପାଧ୍ୟକ୍ଷ ଶ୍ରୀ ଭର୍ତ୍ତୃହରି ମହତାବ । ଉପସ୍ଥିତ ଅଛନ୍ତି ସାଂସଦ ପ୍ରଫେସର ରୀତା ବହୁଗୁଣା, ସାଂସଦ ମନୋଜ ତିୱାରୀ ଏବଂ ସାଂସଦ ଦୁର୍ଗା ଦାସ ଉକେ

## ସରକାର ଭାଙ୍ଗିବା ପାଇଁ ଇସ୍ତଫା ଦେଇଥିବା ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ

ନୂଆଦିଲ୍ଲୀ : ସରକାର ଭାଙ୍ଗିବା ପାଇଁ ଇସ୍ତଫା ଦେଇଥିବା ବିଧାୟକଙ୍କୁ ୫ବର୍ଷ ପାଇଁ ନିର୍ବାଚନରେ ନିଷିଦ୍ଧ ଘୋଷଣା କରିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି । ମଧ୍ୟପ୍ରଦେଶର କଂଗ୍ରେସ ନେତା ଜୟା ଠାକୁର ଏହି ପ୍ରସଙ୍ଗରେ ଏକ ପିଟିଶନ ଦାଖଲ କରିଥିଲେ । ତେବେ ଏ ବିଷୟରେ ପ୍ରଧାନ ବିଚାରପତି କହିଛନ୍ତି ଯେ, ବିଧାୟକ ଭାବରେ ନିର୍ବାଚିତ ହେବା ପୂର୍ବରୁ କେଉଁ କେଉଁ ଅଯୋଗ୍ୟତାକୁ ପ୍ରାସଙ୍ଗିକତା କରାଯିବ ସେ ବିଷୟରେ ଧାରା ୧୯୧ରେ ଉଲ୍ଲେଖ ହୋଇଛି । ଆମେ ଆମ ପକ୍ଷରୁ ଏକ ନୂତନ ନିୟମ କରିପାରିବୁ ନାହିଁ ।



ମଧ୍ୟପ୍ରଦେଶର କଂଗ୍ରେସ ନେତା ଜୟା ଠାକୁର ଏହି ପ୍ରସଙ୍ଗକୁ ସୁପ୍ରିମକୋର୍ଟରେ ଅନେକ ଥର ଉଠାଇଛନ୍ତି । ୨୦୨୧ରେ ସରକାରଙ୍କୁ ଭାଙ୍ଗିବା ଲକ୍ଷ୍ୟରେ ଇସ୍ତଫା ଦେଇଥିବା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟା କୋର୍ଟରେ ଆବେଦନ କରିଥିଲେ ।

## ୨୩ ପର୍ଯ୍ୟନ୍ତ ସିସୋଦିଆଙ୍କ ନ୍ୟାୟିକ ହେପାଜତ ବୃଦ୍ଧି

ନୂଆଦିଲ୍ଲୀ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ତିହାର ଜେଲରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଦିଆଙ୍କ ଅଡୁଆ ବଢିବାରେ ଲାଗିଛି । ତେବେ ସୋମବାର ଦିଲ୍ଲୀର ରୌଜ ଏଭିନ୍ୟୁ କୋର୍ଟ ସିସୋଡିଆଙ୍କ ନ୍ୟାୟିକ ହେପାଜତକୁ ମେ' ୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହା ସହିତ କୋର୍ଟ ମନୀଷ ସିସୋଦିଆଙ୍କ ଚାର୍ଜଶିଟର ଏକ ଇ-କପି ଦେବାକୁ



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ କହିଛନ୍ତି । ସୂଚନାଯୋଗ୍ୟ, ମଦ ଦୁର୍ନୀତି ମାମଲାରେ ଇଡିର ନ୍ୟାୟିକ ହେପାଜତ ଶେଷ ହେବା ପରେ ମନୀଷ ସିସୋଡିଆଙ୍କୁ ରୌଜ ଏଭିନ୍ୟୁ କୋର୍ଟରେ ହାଜର କରାଯାଇଥିଲା । ମନୀଷ ସିସୋଦିଆଙ୍କୁ ପ୍ରଥମେ ମଦ ଦୁର୍ନୀତିରେ ସିବିଆଇ ଗିରଫ କରିଥିବା ବେଳେ ପରେ ଇଡି ମଧ୍ୟ ତାଙ୍କୁ ଗିରଫ କରିଥିଲା । ସେ ଫେବୃୟାରୀ ୨୩ରୁ ଦିଲ୍ଲୀର ତିହାର ଜେଲରେ ରହିଛନ୍ତି । ଏଥିସହିତ ମନୀଷ ସିସୋଦିଆଙ୍କ ବିରୋଧରେ ଦାଖଲ ହୋଇଥିବା ସପ୍ଲିମେଣ୍ଟାରୀ ଚାର୍ଜଶିଟର ସୂଚନା ଗ୍ରହଣ କରି ଶୁଣାଣି ମେ' ୧୦ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।

## ଆତଙ୍କବାଦ ବିରୋଧରେ ଲଢ଼ିବେ ପାକିସ୍ତାନ-ଚାଇନା-ଆଫଗାନିସ୍ତାନ

ଇସଲାମାବାଦ : ଆତଙ୍କବାଦ ମୁକାବିଲା ପାଇଁ ପାକିସ୍ତାନ, ଚାଇନା ଏବଂ ଆଫଗାନିସ୍ତାନ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି । ବିଭିନ୍ନ ଆର୍ଥିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ସେମାନଙ୍କ ମଧ୍ୟରେ ଏକ ଚୁକ୍ତିନାମା ମଧ୍ୟ ହୋଇଛି । ପାକିସ୍ତାନ ବୈଦେଶିକ କାର୍ଯ୍ୟାଳୟ ଏକ ବିବୃତ୍ତିରେ କହିଛି, ଇସଲାମାବାଦରେ ଚାଇନା-ପାକିସ୍ଥାନ-ଆଫଗାନିସ୍ତାନ ତ୍ରିପାକ୍ଷିକ ବୈଦେଶିକ ମନ୍ତ୍ରୀଙ୍କ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏହି ତିନି ଦେଶର ବୈଦେଶିକ ମନ୍ତ୍ରୀମାନେ ଏଥିରେ ଯୋଗ ଦେଇଥିଲେ । ବିବୃତ୍ତି ଅନୁଯାୟୀ, ତ୍ରିପାକ୍ଷିକ ଢାଞ୍ଚାରେ ରାଜନୈତିକ ଯୋଗଦାନ, ଆତଙ୍କବାଦ ବିରୋଧୀ ସହଯୋଗ, ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ସଂଯୋଗକୁ ବୃଦ୍ଧି କରିବାକୁ ତିନି ପକ୍ଷ ସହମତ ହୋଇଥିଲେ । ଏହି ବୈଠକ ପାଇଁ ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ଆମୀର ଖାନ ମୁତକିଙ୍କୁ ମିଳିତ ଜାତିସଂଘ ପକ୍ଷରୁ ପାକିସ୍ତାନ ଯାତ୍ରା କରିବାକୁ ସ୍ୱତନ୍ତ୍ର ଅନୁମତି ଦିଆଯାଇଥିଲା । ତ୍ରିପାକ୍ଷିକ ବୈଠକରେ ଯୋଗଦେବା ପାଇଁ ଗୋଆରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକ ପରେ ଚାଇନା ବୈଦେଶିକ ମନ୍ତ୍ରୀ କିନ ଗ୍ୟାଙ୍ଗ ପାକିସ୍ତାନକୁ ଯାଇଥିଲେ । ଏହି ସମୟରେ ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମୁତକି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜାରଦାରୀଙ୍କୁ ଭେଟିଛନ୍ତି । ଏହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଶାନ୍ତି ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ସେମାନେ ଆତଙ୍କବାଦ ମୁକାବିଲା ପାଇଁ ସହଯୋଗକୁ ମଜବୁତ କରିବାକୁ ଗୁରୁତ୍ୱାରୋପ କରିଥିଲେ । ମୁତକି ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ସୟଦ ଅସୀମ ମୁନୀରଙ୍କୁ ମଧ୍ୟ ଭେଟିଥିଲେ ।

# ଯଦି କଂଗ୍ରେସ ମୁସଲିମ ସଂରକ୍ଷଣକୁ ୬%କୁ ବୃଦ୍ଧି କରେ ତେବେ କିଏ ହ୍ରାସ ପାଇବ ?

ନୂଆଦିଲ୍ଲୀ :ସଂରକ୍ଷଣ ପ୍ରସଙ୍ଗରେ କଂଗ୍ରେସକୁ ଘେରି ରହିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ତୀବ୍ର ପ୍ରଶ୍ନ କରିଛନ୍ତି । ଏହା ସହିତ ସେ କର୍ଣ୍ଣାଟକରେ ବିଜେପିର ଏକ ଭୂସ୍ଖଳନ ଦାବି କରିଛନ୍ତି । ମେ ୧୦ ରେ କର୍ଣ୍ଣାଟକରେ ହେବାକୁ ଥିବା ବିଧାନସଭା ନିର୍ବାଚନ ସମ୍ପର୍କରେ ଶାହା କହିଛନ୍ତି ଯେ ସମସ୍ତ ଅଞ୍ଚଳରେ ଭାରତୀୟ ଜନତା ପାର୍ଟି ପାଇଁ ଧାରା ରହିଛି । ଏଥର କର୍ଣ୍ଣାଟକରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ବିଜେପି ଆସୁଛି । କଂଗ୍ରେସ ଉପରେ ଆକ୍ରମଣ କରି ସେ କହିଛନ୍ତି ଯେ କଂଗ୍ରେସ ଏଭଳି ରାଜନୀତି କରିବା ଉଚିତ ନୁହେଁ । କର୍ଣ୍ଣାଟକର ଲୋକମାନେ କଂଗ୍ରେସକୁ ଉତ୍ତର ଦେବେ । ଅମିତ ଶାହା କହିଛନ୍ତି ଯେ ଯଦି କଂଗ୍ରେସ ମୁସଲିମ ସଂରକ୍ଷଣକୁ ୬% କୁ ବୃଦ୍ଧି କରେ, ତେବେ କିଏ କମ୍ ହେବ । ସେ ଡଂଇଉ ପାଇଁ କମ୍ କରିବେ ନା ସେ ଲିଙ୍ଗାୟତଙ୍କ ପାଇଁ କରିବେ । ଏହି ଅଭିଯାନ ଶେଷ ହେବା ପୂର୍ବରୁ କଂଗ୍ରେସକୁ ଏ ବିଷୟରେ ଜଣାଇବା ଉଚିତ୍ । ଆମ ଦଳ ୪% ମୁସଲମାନ



ସଂରକ୍ଷଣକୁ ରଦ୍ଦ କରିଦେଇଛି କାରଣ ଏହା ଅସାମ୍ବିଧାନିକ ଥିଲା । ଆମ ସମ୍ବିଧାନରେ ଧର୍ମ ଆଧାରରେ ସଂରକ୍ଷଣର କୌଣସି ବ୍ୟବସ୍ଥା ନାହିଁ । କଂଗ୍ରେସ ଏହି ମୁସଲିମ ସଂରକ୍ଷଣ ଆବେଦନ ନୀତି ଅନୁଯାୟୀ କରିଥିଲା, ଯାହାକୁ ଆମେ ହଟାଇଛୁ । ଶାହା କହିଛନ୍ତି ଯେ ଆମେ ଅତି ଚିନ୍ତିତ ଭାବରେ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ କରିଛୁ । ଅନୁସୂଚିତ ଜନଜାତି ସଂରକ୍ଷଣ ମଧ୍ୟରେ ଆମେ ସଂରକ୍ଷଣରେ କିଛି ସୀମା ସ୍ଥିର କରିଛୁ । କଂଗ୍ରେସ ଏହାକୁ ହଟାଇବାକୁ ଚାହୁଁଛି, କିନ୍ତୁ ମୁଁ ସ୍ୱଷ୍ଟ କରିବାକୁ ଚାହୁଁଛି ଯେ ଏସସି ସଂରକ୍ଷଣ ମଧ୍ୟରେ ଥିବା ସଂରକ୍ଷଣ ହଟାଯିବ ନାହିଁ । ସେ କହିଛନ୍ତି ଯେ ଆମେ କର୍ଣ୍ଣାଟକର ସମସ୍ତ ଅଞ୍ଚଳ ପରିଦର୍ଶନ କରିଛୁ ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଉତ୍ସାହ ଦେଖିପାରୁ । କର୍ଣ୍ଣାଟକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା ଅତୁଳନୀୟ ଏବଂ ଏହା ସିଧାସଳଖ ଭୋଟରେ ଅନୁବାଦ ହେବ, ବହୁ ସଂଖ୍ୟାରେ ବିଜେପି ସରକାର ଗଠନ କରିବ । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ବି ମୋଦୀ ଜିଙ୍କ ବିରୋଧରେ କଂଗ୍ରେସ ବିଷାକ୍ତ ଭାଷା ବ୍ୟବହାର କରେ, ତା'ହେଲେ ଏହାର ପରିଣାମର ସାମ୍ନା କରିବାକୁ ପଡିବ । ସିଦ୍ଧରମୟା କେବଳ ୧୯ ଜଣ ଚାଷୀଙ୍କ ନାମ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିକଟକୁ ପଠାଇଥିଲେ, କିନ୍ତୁ ବାସଭରାଜଙ୍କ ସରକାର ଆସିବା ପରେ ସେ ୫୪ ଲକ୍ଷ ଚାଷୀଙ୍କ ନାମ ପଠାଇଥିଲେ ଏବଂ ୫୪ ଲକ୍ଷ କୋଟି ସିଧାସଳଖ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିଲେ । ସେଥିପାଇଁ ତୁମର ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ ରହିବା ଉଚିତ୍ ।

## ରାଜସ୍ଥାନରେ ମିଳିଲା ବଡ଼ ଲିଥିୟମ ଭଣ୍ଡାର

ନୂଆଦିଲ୍ଲୀ : ଲିଥିୟମ୍ ଭଣ୍ଡାର କ୍ଷେତ୍ରରେ ଭାରତକୁ ଆଉ ଏକ ବଡ଼ ସଫଳତା ମିଳିଛି । ରାଜସ୍ଥାନର ଦେଗାନା (ନାଗୌର)ରେ ଏକ ନୂତନ ଲିଥିୟମ୍ ଭଣ୍ଡାର ଆବିଷ୍କୃତ ହୋଇଛି, ଯାହାର ଆକାର ବର୍ତ୍ତମାନର ଜମ୍ମୁ-କଶ୍ମୀରରେ ଆବିଷ୍କୃତ ଭଣ୍ଡାରଠାରୁ ବି ଅଧିକ ବୋଲି ଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦାବି କରିଛି । ଜିଏସଆଇ ଏବଂ ଖଣି ଅଧିକାରୀମାନେ ଦାବି କରିଛନ୍ତି ଯେ ଏହି ଭଣ୍ଡାରରେ ଥିବା ଲିଥିୟମର ପରିମାଣ ଭାରତର ମୋଟ ଚାହିଦାର ୮୦ ପ୍ରତିଶତ ପୂରଣ କରିପାରିବ । ଏହି ଭଣ୍ଡାରର ଆବିଷ୍କାର ଲିଥିୟମ୍ ପାଇଁ ଚୀନ୍ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହୋଇପାରିବ । ଲିଥିୟମ୍ ହେଉଛି ଏକ ଅଣ-ଲୌହ ଧାତୁ, ଯାହା ମୋବାଇଲ-ଲାପଟପ୍, ଇଲେକ୍ଟ୍ରିକ୍ ଯାନ ଏବଂ ଅନ୍ୟ ଚାର୍ଜେବଲ୍ ବ୍ୟାଟେରୀ ତିଆରିକରିବାରେ ବ୍ୟବହୃତ ହୁଏ । ଭାରତ ନିଜ ଆବଶ୍ୟକତାର ଏକ ବଡ଼ ଭାଗ ବିଦେଶରୁ ଆମଦାନୀ କରେ ଓ ଆମଦାନୀର ୫୩ ପ୍ରତିଶତ ଚୀନରୁ ଆମଦାନୀ ହୁଏ ।

## ଦେଶ ପାଇଁ ନିଜ ରକ୍ତ ବୁହାଇଛନ୍ତି ଗାନ୍ଧୀ ପରିବାର: କପିଳ ସିବଲ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ କଂଗ୍ରେସ ଉପରେ ହୋଇଥିବା କଡ଼ା ସମାଲୋଚନାକୁ ନେଇ ରାଜ୍ୟସଭା ଏମପି କପିଲ ସିବଲ ନିଜର ପ୍ରତିକ୍ରିୟା ଦେଇଛନ୍ତି । କର୍ଣ୍ଣାଟକରେ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ କଂଗ୍ରେସ ଦେଶକୁ ବିଭାଜନ କରୁଥିବା ଅଭିଯୋଗ କରିଥିଲେ । ଏହାର ଜବାବରେ ସିବଲ କହିଛନ୍ତି, ପ୍ରଧାନମନ୍ତ୍ରୀ କହିଛନ୍ତି କଂଗ୍ରେସ ରାଜ ପରିବାର ଚାହୁଁଛନ୍ତି, କର୍ଣ୍ଣାଟକକୁ ଭାରତଠାରୁ ଅଲଗା କରାଯାଉ, କିନ୍ତୁ ମୋଦୀ ଜୀ, ଦେଶପାଇଁ ଗାନ୍ଧୀ ପରିବାର ସଦସ୍ୟ ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ରକ୍ତ ବୁହାଇଛନ୍ତି । ଏପରି ପରିସ୍ଥିତିରେ, ସେହି ତଥ୍ୟଗୁଡିକ ମଧ୍ୟ ଏନସିଇଆରଟି ବହିରୁ ଲିଭାଯିବ କି ? ପ୍ରଧାନମନ୍ତ୍ରୀ ମହୀଶୂରରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିଥିଲେ । ଯେଉଁଥିରେ ସେ କହିଥିଲେ, କଂଗ୍ରେସର ରାଜ ପରିବାର କର୍ଣ୍ଣାଟକକୁ ଦେଶରୁ ଅଲଗା କରିବାକୁ ଚାହୁଁଛନ୍ତି । ଏଥି ସହିତ, ସେମାନେ ଏପରି କାର୍ଯ୍ୟ କରୁଛନ୍ତି ଯାହା ବାରମ୍ବାର ସାର୍ବଭୌମତ୍ୱକୁ ଅପମାନିତ



କରୁଛି । ଏଭଳି ପରିସ୍ଥିତିରେ ସେମାନେ ରାଜ୍ୟର ସାର୍ବଭୌମତ୍ୱ ରକ୍ଷା କରିବାକୁ ଚାହୁଁଛନ୍ତି, ଏହା ହାସ୍ୟାସ୍ପଦ । କଂଗ୍ରେସ ଦଳର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ ସୋମବାର ପୋଷ୍ଟ କରିଛି ସିପିପି ସଭାପତି ସୋନିଆ ଗାନ୍ଧୀ ୬,୫ କୋଟି କନ୍ନଡଭାଷାଭାଷୀଙ୍କୁ ଏକ ଶକ୍ତିଶାଳୀ ବାର୍ତ୍ତା ପଠାଇଛନ୍ତି ।

## ନ୍ୟାୟପାଳିକା ଜଣେ ଦକ୍ଷ ବ୍ୟକ୍ତିଙ୍କ ହାତରେ ଅଛି : ଉପରାଷ୍ଟ୍ରପତି

ନୂଆଦିଲ୍ଲୀ : ଭାରତର ଉପରାଷ୍ଟ୍ରପତି ତଥା ବରିଷ୍ଠ ଆଇନଜୀବୀ ଜଗଦୀପ ଧନକର ସିଜେଆଇ ଡି.ୱାଇ ଚନ୍ଦ୍ରଚୂଡଙ୍କୁ ପ୍ରଶଂସା କରିଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି, ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଭାରତର କୋର୍ଟ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଏସବୁ ଜଣେ ଦକ୍ଷ ବ୍ୟକ୍ତିଙ୍କ ହାତରେ ରହିଛି । ଭାରତ ଭଳି ଏହି ପ୍ରକାର ନ୍ୟାୟପାଳିକା ଆଉ କେଉଁଠାରେ ଜଡିତ ? ବର୍ତ୍ତମାନ ଆମ ପାଖରେ ଡି.ୱାଇ ଚନ୍ଦ୍ରଚୂଡ ଭାରତର ପ୍ରଧାନ ବିଚାରପତି ଭାବରେ ଅଛନ୍ତି, ଯାହାର ଅଭିଜ୍ଞତା, ପ୍ରତିବଦ୍ଧତାଏବଂ ପ୍ରତିଭାର ଅଭାବ ନାହିଁ । ଏହା ସହିତ ଜଗଦୀପ ଆହୁରି କହିଛନ୍ତି, ଚନ୍ଦ୍ରଚୂଡଙ୍କ ନିର୍ଦ୍ଦେଶରେ ଜଣେ ସାଧାରଣ ଲୋକଙ୍କୁ ମଧ୍ୟ ଜାମିନ ମିଳିଯାଏ । ଭାରତରେ ବର୍ତ୍ତମାନ ଏକ ଇକୋସିଷ୍ଟମ ଅଛି, ଆପଣ ଯେକୌଣସି ବ୍ୟକ୍ତି ହୋଇଥାନ୍ତୁ ନା କାହିଁକି, ଆପଣ ଆଇନ ପାଇଁ ଉତ୍ତରଦାୟୀ ଅଟନ୍ତି । କେହି ଆଇନର ସୀମା ବାହାରେ ନୁହଁନ୍ତି । ଜଗଦୀପ କହିଛନ୍ତି, କାହାକୁ ଅସଦାଚରଣ କରାଯାଇପାରିବ ନାହିଁ, କାରଣ ଆମର ଦୃଢ ନ୍ୟାୟିକ ବ୍ୟବସ୍ଥା ଅଛି ଏବଂ ଏହି ନ୍ୟାୟିକ ବ୍ୟବସ୍ଥାର ନେତୃତ୍ୱ ଏପରି ଜଣେ ବ୍ୟକ୍ତିଙ୍କ ହାତରେ ରହିଛି, ଯିଏ



ସମ୍ପୂର୍ଣ୍ଣ ଏହି ପଦବୀ ପାଇଁ ଯୋଗ୍ୟ । ସୂଚନାଯୋଗ୍ୟ, ଜଗଦୀପ ଧନଖର ରାଜା ଚାଲର୍ସ ତୃତୀୟଙ୍କ ରାଜ୍ୟାଭିଷେକରେ ସାମିଲ ହେବାକୁ ବ୍ରିଟେନ ଗସ୍ତ କରିଥିଲେ । ଯେଉଁଠାରେ ସେ ଭାରତ-ବ୍ରିଟେନର ସମ୍ପର୍କକୁ ମଜବୁତ କରିଥିବାରୁ ଭାରତୀୟ ପ୍ରବାସୀ ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ । ଏତିସହ ଭାରତର ନ୍ୟାୟପାଳିକାକୁ ପ୍ରଶଂସା କରିଥିଲେ ।

## ଗୋଟିଏ ରାତିରେ ଗୁଳିକରି ଖସାଇଛୁ ୩୫ ରୁଷିଆ ଡ୍ରୋନ: ୟୁକ୍ରେନ ସୈନ୍ୟ

କିଭ୍ : ରୁଷିଆ ଯୁଦ୍ଧଖୋର ମନୋବୃତ୍ତି ୟୁକ୍ରେନକୁ ଧ୍ୱଂସସ୍ତୁପରେ ପରିଣତ କରିଛି । ରୁଷଆ ଅପେକ୍ଷା ସାମରିକ ଶକ୍ତି ଦୃଷ୍ଟିରୁ ବହୁତ ଦୁର୍ବଳ ଦେଶ ହୋଇଥିଲେ ମଧ୍ୟ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ହାର ମାନି ନାହାନ୍ତି । ସେ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ କଡ଼ା ମୁକାବିଲା କରୁଛନ୍ତି । ଇରାନ ରୁଷିଆକୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛି । ଅପରପକ୍ଷରେ ନାଟୋ ପକ୍ଷରୁ ୟୁକ୍ରେନ୍କୁ ସମର୍ଥନ ଜାରି ରହିଛି ।ଏହି ସମୟ ମଧ୍ୟରେ ପୁଣି ଥରେ ରୁଷିଆ ଆକ୍ରମଣକୁ ଜୋରଦାର କରୁଥିବା ଖବର ଆସିଛି । ତେବେ ୟୁକ୍ରେନ ସୈନ୍ୟ ଦାବି କରିଛନ୍ତି , ସେମାନେ ଗୋଟିଏ ରାତିରେ ଇରାନ ଦ୍ୱାରା ନିର୍ମିତ ତଥା ରୁଷିଆ ସୈନ୍ୟ ବାହିନୀ ପକ୍ଷରୁ ବ୍ୟବହୃତ ୩୫ଟି ଡ୍ରୋନକୁ ଗୁଳିକରି ଖସାଇ ଦେଇଛନ୍ତି । ଏହି ଡ୍ରୋନ ଦ୍ୱାରା ରୁଷିଆ ୟୁକ୍ରେନର ବିଭିନ୍ନ ଟାର୍ଗେଟ ଉପରେ ଆକ୍ରମଣ କରିଥିଲା । ୟୁକ୍ରେନର ସଶସ୍ତ୍ର ବାହିନୀର ଜେନେରାଲ ଷ୍ଟାଫଙ୍କ



ଅନୁଯାୟୀ, ରୁଷିଆ ଖାର୍କିଭ, ଖେରସନ, ମାଇକୋଲାଇଭ ଏବଂ ଓଡେସା ଭଳି ଅଞ୍ଚଳର ବିଭିନ୍ନ ସହର ଉପରେ ଆକ୍ରମଣ କରିଥିଲା ।ରବିବାର ରାତିରେ ପ୍ରାୟ ୧୬ ଟି ମିଜାଇଲ ଷ୍ଟ୍ରାଇକ ହୋଇଥିଲା । କିଛି ଦିନ ମଧ୍ୟରେ, ୟୁକ୍ରେନ ଉପରେ ୬୧ଟି ଏୟାର ଷ୍ଟ୍ରାଇକ ଏବଂ ୫୨ ଥର ଆକ୍ରମଣ ହୋଇଥିଲା ।

## ସୋନିଆଙ୍କ ମନ୍ତବ୍ୟକୁ ନେଇ ଇସିଙ୍କ ନିକଟରେ ଅଭିଯୋଗ କଲା ଭାଜପା

ନୂଆଦିଲ୍ଲୀ : କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ବିବାଦ ଜାରି ରହିଛି । ଏହି ସମୟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କର୍ଣ୍ଣାଟକରେ ଦେଇଥିବା ମନ୍ତବ୍ୟକୁ ନେଇ ଭାଜପା ବିରୋଧ କରିଛି । ଏଥିସହ ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛି । ଏପରିକି କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣାପଡିଛି । ଏହା ସହ ଭାଜପା ନିର୍ବାଚନ ଆୟୋଗଙ୍କୁ କହିଛି, ଦୁର୍ନୀତି ହାର କାର୍ଡ ଧାରଣ କରିଥିବା ବିଜ୍ଞାପନ ସମ୍ପର୍କରେ କଂଗ୍ରେସ ଦଳ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି, ତେଣୁ ଭାଜପାକୁ ଲିଖିତ ଆକାରରେ କ୍ଷମା ମାଗିବାକୁ ପଡ଼ିବ । ଏହି ପ୍ରସଙ୍ଗକୁ ନେଇ ଦିଲ୍ଲୀରେ ଭାଜପା ପ୍ରତିନିଧି ଦଳ ନିର୍ବାଚନ ଆୟୋଗଙ୍କୁ ଭେଟିଛନ୍ତି । ସୂଚନାଯୋଗ୍ୟ, ସୋନିଆ ଗାନ୍ଧୀ ମେ' ୬ ରେ ନିର୍ବାଚନୀ ପ୍ରଚାର ସମୟରେ ଭାଜପାକୁ ଟାର୍ଗେଟ କରି କହିଥିଲେ, କର୍ନାଟକର ପ୍ରତିଷ୍ଠା, ସାର୍ବଭୌମତ୍ୱ କିମ୍ବା ଅଖଣ୍ଡତା ପାଇଁ କଂଗ୍ରେସ କାହାକୁ ବିପଦ ସୃଷ୍ଟି କରିବାକୁ ଦେବ ନାହିଁ । ଏହି ବିବୃତ୍ତି ସହିତ ଭାଜପା ସୋନିଆ ଗାନ୍ଧୀଙ୍କ ଉପରେ ପାଲଟା ଟାର୍ଗେଟ କରୁଥିବା ଦେଖିବାକୁ ମିଳିଛି । ତେବେ ସୋନିଆ ଗାନ୍ଧୀ ଦେଇଥିବା ଭାଷଣରେ କର୍ଣ୍ଣାଟକର ସାର୍ବଭୌମତ୍ୱ ଶବ୍ଦ ବ୍ୟବହାର କରିଥିଲେ । ତେବେ ସାର୍ବଭୌମତ୍ୱ ଶବ୍ଦ କେବଳ ଦେଶକୁ ଦର୍ଶାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି ।

# ଯାଜପୁର ଜିଲ୍ଲା ସଦର ମହକୁମା ଠାରେ ବିଶ୍ୱ ରେଡକ୍ରସ ଦିବସ-୨୦୨୩ ପାଳିତ

ଯାଜପୁର, (ପିପିଏସ) : ସୋମବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ରେଡକ୍ରସ ଶାଖା ଆନୁକୂଲ୍ୟରେ ଜିଲ୍ଲା ରେଡକ୍ରସ ଶାଖା ସଂପାଦକ ତଥା ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକଙ୍କ ସଂଯୋଜନାରେ ଏବଂ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀପ୍ରଭା ଯେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେନେରୀ ଡୁନାଣ୍ଟଙ୍କ ପବିତ୍ର ଜନ୍ମ ଜୟନ୍ତୀ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଦିବସରେ ମୁଖ୍ୟ ଅତିଥି ତଥା ସଭାର ଅଧ୍ୟକ୍ଷା ଏବଂ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀ ପ୍ରଭା ଯେନା, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଂଜୁଲତା ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ ଯୋଗଦେଇ ପ୍ରାରମ୍ଭରେ ମା' ବିରଜାଙ୍କ ଫଂଟୋଚିତ୍ର ଏବଂ ହେନେରୀ ଡୁନାଣ୍ଟଙ୍କ ଫଂଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଦିବସକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଓ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ରେଡକ୍ରସର ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ସ୍ମୃତିଚାରଣ କରିବା ସହ ଭାରତରେ ୧୯୪୮ ମସିହାରୁ ରେଡକ୍ରସ କାର୍ଯ୍ୟ କରିଆସୁଥିବା ବେଳେ ବିଧିବଦ୍ଧ ଭାବେ ବିଶ୍ୱ ରେଡକ୍ରସ ଦିବସ ୧୯୮୪ ମସିହାରୁ ପାଳନ କରାଯାଉଅଛି । ସମଗ୍ର ବିଶ୍ୱରେ ମାନବ ହିଁ ଏକମାତ୍ର ଜୀବ, ଯିଏ ଦୟା, କ୍ଷମା, ସେବା, ସତ୍ୟ, ଅହିଂସା ଏବଂ ଈଶ୍ୱର ଉପାସନା ଦ୍ୱାରା ସମଗ୍ର ବିଶ୍ୱକୁ ଜିତି ପାରିଥାଏ । ମାନବ ସେବା ହିଁ ମାଧବ ସେବା ଏବଂ ସେବା ହିଁ ମାନବ ଜୀବନର ପରମ ଧର୍ମ ଓ ତପ ହେବା ମଣିଷ ଜୀବନର ମୂଳ ମନ୍ତ୍ର ହେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେହିପରି ୨୦୨୦-୨୧ ବର୍ଷରେ ଯାଜପୁର ଜିଲ୍ଲାର ରାଜ୍ୟକୁ ରେଡକ୍ରସ୍ ଭାଗ ବାବଦରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଜିଲ୍ଲାର ରେଡ୍‌କ୍ରସ ପାଣ୍ଠିକୁ ବୃଦ୍ଧିକରି ଆଜୀବନ ସଦସ୍ୟ ବଢାଇବା କଲେଜ ସ୍ତରରେ (ଶଜଉ) ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରରେ (ଔଜଉ) ରେଡକ୍ରସ ସେବା ମନୋଭାବ ଜାଗ୍ରତ କରାଇବା ଆଦି କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରି ରେଡକ୍ରସ ସେବାରେ ଯାଜପୁର ଜିଲ୍ଲାକୁ ୧ନମ୍ବର ଜିଲ୍ଲା ଭାବେ ଗଢି ତୋଳିବାକୁ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ସେହିପରି ଜିଲ୍ଲା ଯୁବ ରେଡକ୍ରସ୍ ଶାଖା ଆବାହକ ସଂପାଦକ ତଥା ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡଃ ଦାସରଥୀ ମହାରଣା, ଜିଲ୍ଲା କନିଷ୍ଠ ରେଡକ୍ରସ ଶାଖା ସଂପାଦକ ଶମ୍ଭୁନାଥ ଦାସ, ବରିଷ୍ଠ ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ, ଜିଲ୍ଲା ରେଡକ୍ରସ ସଂଘ କାର୍ଯ୍ୟକାରାଣି କମିଟିର ବରିଷ୍ଠ ସଦସ୍ୟ ଦିଗମ୍ବର କର ପ୍ରମୁଖ ଯୋଗଦେଇ ଯାଜପୁର ଜିଲ୍ଲାରେ ରେଡକ୍ରସ ଶାଖାକୁ ସୁ ଦୀର୍ଘ କରିବା ନିମନ୍ତେ ବହୁ ଉପାଦେୟମୂଳକ ପ୍ରସ୍ତାବମାନ ଆଗତ କରିଥିଲେ । ଜିଲ୍ଲା ରେଡକ୍ରସ୍ ପାଣ୍ଠିକୁ ସର୍ବାଧିକ ସ୍ୱେଚ୍ଛାକୃତ ଦାନ ଅର୍ଥ ପ୍ରଦାନ କରିଥିବା ଉପନିର୍ଦ୍ଦେଶକ, ଖଣି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମେସର୍ସ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ, ଦ୍ୱାତୀୟ ଏବଂ ତହସିଲାଦାର, ଧର୍ମଶାଳା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ୫ ଲକ୍ଷ ରୁ ଉର୍ଦ୍ଧ୍ୱ ସେଚ୍ଛାକୃତ ଦାନ ଅର୍ଥ ରାଶି ଜିଲ୍ଲା ରେଡକ୍ରସ ପାଣ୍ଠକୁ ପ୍ରଦାନ କରିଥିବାରୁ ୮ ଗୋଟି ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଟ୍ରଫି, ମାନପତ୍ର, ଉତରୀୟ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ସେଚ୍ଛାକୃତ ଦାନ ଅର୍ଥ ରାଶି ଜିଲ୍ଲା ରେକ୍ରସ ପାଣ୍ଠିକୁ ପ୍ରଦାନ କରିଥିବାରୁ ୨୦ ଗୋଟି ସରକାରୀ କାର୍ଯ୍ୟାଳୟକୁ ମାନପତ୍ର ଏବଂ ଉତରୀୟ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଦିବସରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସ୍କୁଲ, କଲେଜର ରେଡକ୍ରସ ସ୍ୱେଚ୍ଛାସେବୀ, ଶିକ୍ଷକ, ଶିକ୍ଷୟତ୍ରୀ, ସରକାରୀ ଅଧିକାରୀ, ବିଭିନ୍ନ ବ୍ୟବସାୟିକ କଳକାରଖାନାର କର୍ମକର୍ତ୍ତା, ଜିଲ୍ଲା ରେଡକ୍ରସ ସଂସ୍ଥା କାର୍ଯ୍ୟକାରିଣୀ ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।



# ଜବର ଦଖଲ ଉଚ୍ଛେଦ ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଗଞ୍ଜାମ/ଧରାକୋଟ, (ପିପିଏସ) : ଭଂଜନଗର ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ଧରାକୋଟ ଜାନବିଲି ରାସ୍ତାର ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରୁ ବଜାର ଶେଷ ପର୍ଯ୍ୟନ୍ତ ରହିଥିବା ଜବର ଦଖଲ ଉଚ୍ଛେଦ ପାଇଁ ଆଜି ପୂର୍ବ ନିର୍ଦ୍ଧାରିତ ପ୍ରକାରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଧରାକୋଟ ତହସିଲଦାର କବିରାଜ ପ୍ରଧାନ, ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁଧର ବେହେରା , ରାଜସ୍ୱ ନିରୀକ୍ଷକ ଯଜ୍ଞନାରାୟଣ ନାୟକ,ଅତିରିକ୍ତ ରାଜସ୍ୱ ନିରୀକ୍ଷକ ନିହାର ରଞ୍ଜନ ବେହେରା,ପୂର୍ବତନ ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ମିଶ୍ର , ଦେବୀ ପ୍ରସାଦ ନାହାକ ଓ ପୂର୍ତ୍ତ ବିଭାଗ ତରଫରୁ ସହକାରୀ ଯନ୍ତ୍ରୀ ଛନ୍ଦାଶ୍ରି ନାୟକ , କନିଷ୍ଠ ଯନ୍ତ୍ରୀ ଚିରଞ୍ଜିବୀ ସାହୁ ପ୍ରମୁଖ ଚିହ୍ନଟ ସମୟରେ ଉପସ୍ଥିତ ରହିଥିଲେ । ପ୍ରକାଶ ଯୋଗ୍ୟ ସଂପ୍ରତି ଛଅ କୋଟି ଟଙ୍କା ବ୍ୟୟରେ ଧରାକୋଟ.. ଜାନବିଲି ଚାରି କିମି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ଧରାକୋଟ ଟାଉନ ଭିତର ମୁଖ୍ୟ ବଜାର ସମେତ ମେଡିକାଲ ସମ୍ମୁଖ ରାସ୍ତା ଦୀର୍ଘ ଦିନ ଧରି ଦୋକାନୀ ମାନଙ୍କ ଦ୍ୱାରା ଜବର ଦଖଲ ହୋଇ ରହିଛି । ଉଭୟ ପଟର ଡ୍ରେନ ଉପରେ ବହୁ ସ୍ଥାନରେ ଦୋକାନୀ ମାନେ ଆଗକୁ ଆସିଯାଇ ଥିବାରୁ ଡ୍ରେନ ଚୋକ ହୋଇ ରହିଛି । ଏଣୁ ପଞ୍ଚାୟତ ତରଫରୁ ନାଳ ସଫା ହୋଇପାରୁନାହିଁ । ଯାହା ଫଳରେ ନାଳ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି । ଅନ୍ୟ ପକ୍ଷରେ ଜବର ଦଖଲ ଯୋଗୁଁ ଦୋକାନର ଉଭୟ ପଟରେ ଗାଡ଼ି ମଟର ରଖିବା ଯୋଗୁଁ ବସ ଚଳା ଚଳ ରେ ବାଧା ସୃଷ୍ଟି ହେଉଛି । ଏଣୁ ଅଧିକାଂଶ ଘରୋଇ ବସ ଧରାକୋଟ ଭିତରକୁ ନ ଆସି ବାଇପାସ୍ ରାସ୍ତା ରେ ଚାଲିଯାଉଛନ୍ତି । ଏଣୁ ଲୋକେ ଦେଢ଼ କିମି ଦୂର ବ୍ରିଜ ଛକରୁ ଛୁଆ ପିଲା ସହ ସାମଗ୍ରୀ ଧରି ଚାଲି ଚାଲି ଆସୁଛନ୍ତି । ସମ୍ପ୍ରତି ଦୀର୍ଘ ଦିନ ପରେ ଜବର ଦଖଲ ଉଚ୍ଛେଦ ପାଇଁ ରାଜସ୍ୱ ଓ ପୂର୍ତ୍ତ ବିଭାଗ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଜନସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ମୁଖ୍ୟ ବଜାରର ଉଭୟ ପଟରେ ଡ୍ରେନ ନିର୍ମାଣ ପାଇଁ ଗୋଲକ ବିହାରୀ ସାହୁ,କାଳିଆ ସାହୁ,ମନୋଜ ମହାନ୍ତି, ଭୋଳାନାଥ ଗୌଡ଼ ଓ ନିମେଇ ଚରଣ ପାଣିଗ୍ରାହୀ ପ୍ରମୁଖ ଦାବୀ କରିଛନ୍ତି ।



# କୃଷି ବିଜ୍ଞାନ କେନ୍ଦ୍ରରେ ଧାନଚାଷରେ ଉନ୍ନତ ଜ୍ଞାନକୌଶଳ ପ୍ରଦର୍ଶନ

ଭଦ୍ରକ, (ପିପିଏସ) : ଧାନଚାଷରେ ଆଧୁନିକ ଜ୍ଞାନ କୌଶଳ ସଂପର୍କରେ ଚାଷୀଙ୍କୁ ସଚେତନ କରାଇବା ପାଇଁ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ଆଜି ଏକ କର୍ମଶାଳାର ଆୟୋଜନ କରାଯାଇଥିଲା । ସୀସା ପ୍ରକଳ୍ପ ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ କହିଲେ ଯେ ଉପକୂଳ ଜିଲାରେ ଖରିଫ ଋତୁରେ ଧାନ ଏକ ପ୍ରଧାନ ଫସଲ । ମାଟି ଜଳବାୟୁକୁ ଲକ୍ଷ୍ୟ କରି ଏହି ଚାଷ ବିଭିନ୍ନ ପ୍ରଣାଳୀରେ କରାଯାଇଥାଏ, ଯଥା ବୁଣା ଓ ରୁଆ ଧାନ । କମ୍ ଖର୍ଚ୍ଚରେ ଚାଷୀ କିପରି ଅଧିକ ଅମଳ କରି ନିଜର ଆର୍ଥିକ ଉନ୍ନତି କରିପାରିବେ, ସେ ସଂପର୍କରେ ବରିଷ୍ଠ ବୈଜ୍ଞାନିକ ଶ୍ରୀ ଦାସ ଆଲୋକପାତ କରିଥିଲେ । ବିଶେଷକରି ଯାନ୍ତ୍ରିକ ପ୍ରଣାଳୀରେ ବୁଣା ଧାନ ଚାଷ, ଲେଜର ଲେଭୁଲ ଦ୍ୱାରା ଜମି ସମତୁଲ କରିବା, ଶଙ୍କର କିସମ ଧାନ ଓ ଘାସ ନିୟନ୍ତ୍ରଣ ଇତ୍ୟାଦିର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ସୀସା ପ୍ରକଳ୍ପର ମୁଖ୍ୟ ଡ. ଅଶୋକ କୁମାର ଯାଦବ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ହେଉଥିବା ଶଙ୍କର କିସମ ଓ ଅଧିକ ଅମଳକ୍ଷମ ଧାନ କିସମର ଫଳାଫଳ ଉପରେ ବିଶେଷ ଆଲୋଚନା କରିଥିଲେ । ଭଦ୍ରକ ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ଦ୍ୱାରୀ, କୃଷି ଜିଲା ଅଧିକାରୀ ଶ୍ରୀଧର ଦାସ, ଚାନ୍ଦବାଲି ବ୍ଲକ୍ କୃଷି ଅଧିକାରୀ ଅରୁଣ କୁମାର ପାତ୍ର, ତିହିଡି ବ୍ଲକ୍ କୃଷି ଅଧିକାରୀ ରଘୁନାଥ ପତି, ଭଦ୍ରକ କୃଷି ବ୍ଲକ୍ ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜିଲାରେ ଚଳିତ ଖରିଫରେ ହେବାକୁ ଥିବା ଧାନ ଓ ମିଲେଟ୍ ଫସଲର କାର୍ଯ୍ୟକ୍ଷମ ସଂପର୍କରେ ସୂଚନା ଦେଇଥିଲେ । ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ଉମାଶଙ୍କର ନାୟକ ଯାନ୍ତ୍ରିକ ପ୍ରଣାଳୀରେ ବୁଣା ଧାନ ଓ ସଂରକ୍ଷଣ କୃଷି ପଦ୍ଧତି ଦ୍ୱାରା ରୋଗପୋକର ପ୍ରାଦୁର୍ଭାବ କମ୍ ରହିଥାଏ ବୋଲି ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଆଇଟି ମୁମ୍ବାଇର ସାର୍ଥକ କୁମାର କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗୀ ସଭ୍ୟ ଭାବେ ଯୋଗଦାନ କରି ଜଳବାୟୁ ପରିବର୍ତ୍ତନ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୃଷି ବୈଜ୍ଞାନିକା ରୋଜାଲିନ୍ ମହାନ୍ତ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଜ୍ୟୋସ୍ନାରାଣୀ ମହାରଣା, ଡ. ବିଜୟଲକ୍ଷ୍ମୀ ରାଉତ, ଡ. ଦେବୀପ୍ରସାଦ ଦାସ, ଡ. ଚିନ୍ମୟ ଦାସ, ଉତ୍କଳିକା ନାୟକ, ସଂଜୟ ସ୍ୱରୂପ, ଗୋପାଳକୃଷ୍ଣ ଓଝା, ଗୟାଧର ଶିଆଳ, ମଣ୍ଟୁ ଚୌଧୁରୀ, ସୁଶାନ୍ତ କୁମାର ସିଂ, ଭାନୁମତି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ 'କୃଷ୍ଣଚୂଡ଼ାର ହସ' ସାରସ୍ୱତ ଉତ୍ସବ

ଭଦ୍ରକ, (ପିପିଏସ) : ପ୍ରଚଣ୍ଡ ଉତ୍ତାପରେ ରଂଗର ପସରା ମେଲି ଫୁଲିଫୁଲି ହସେ କୃଷ୍ଣଚୂଡ଼ା । ଏହା କେବଳ କବିପ୍ରାଣକୁ ପୁଲକିତ କରେନାହିଁ, ଉଦ୍ଦାମ ଉତ୍ସାହ ବହନ କରି ଆମ ଚେତନାରେ ଭରେ ନୈସର୍ଗିକ ସୁଷମା । କୃଷ୍ଣଚୂଡ଼ା ଏକ ରଂଗ ନୁହେଁ, ଏହା ଉତ୍ସାହ, ଉଦ୍ଦୀପନା, ଚପଳତା ଓ ଚିରନ୍ତନତାର ସ୍ମାରକୀ । ଗ୍ରୀଷ୍ମର ସୃଷ୍ଟିସମ୍ଭାରରେ କୃଷ୍ଣଚୂଡ଼ା ତୋଳେ ଆଶ୍ୱସ୍ତିପୂର୍ଣ୍ଣ ଚିତ୍ରଶାଳା ବୋଲି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ରବିବାର ଅପରାହ୍ଣରେ ଅନୁଷ୍ଠିତ 'କୃଷ୍ଣଚୂଡ଼ାର ହସ' ଶୀର୍ଷକ ଗ୍ରୀଷ୍ମକବିତା ଓ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ତିହିଡ଼ି ସଂଗୀତ ମହାବିଦ୍ୟାଳୟ ପରିସରରେ ମଞ୍ଚର ଉପଦେଷ୍ଟା ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସାରସ୍ୱତ ସମାରୋହରେ ବରେଣ୍ୟ ଅତିଥି ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ଅଭୟ କୁମାର ଦାସ, କୁପାରୀ ହରେକୃଷ୍ଣ ମହତାବ କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ଦତ୍ତାତ୍ରେୟ ଦାଶ ଓ ଶିଂଗାଖୁଣ୍ଟା 'ନୀହାରକନ୍ୟା' ସାହିତ୍ୟ ସଂଗଠନର ସମ୍ପାଦକ ସୁରଞ୍ଜନ ପାତ୍ର ଯୋଗଦେଇ କବିର ଭାବ ରାଜ୍ୟରେ କୃଷ୍ଣଚୂଡ଼ା ନୈସର୍ଗିକ ସୁଷମା ଭରିଦିଏ ବୋଲି ମତବ୍ୟକ୍ତ କରିଥିଲେ । ସଂଯୋଜକ ବିସ୍ମୟବିହାରୀ ସାହୁ ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିବା ବେଳେ ଆବାହକ ଯୁବଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁବକବି ପତିତପାବନ ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ, ପ୍ରଦୀପ କୁମାର ମହାନ୍ତି, ନୀଳମାଧବ ସେନାପତି, ମନୋଜ ପାଣିଗ୍ରାହୀ, ବିପ୍ଳବ ରଞ୍ଜନ ପତି, ରବିକୁମାର ମହାନ୍ତି, ତପନ ହାତୀ,ଆଶୁତୋଷ କରଣ, ମୁକୁନ୍ଦ ଦେବ ନାୟକ,ପିତାମ୍ବର ସେଠୀ, ନିର୍ମଳ ଚନ୍ଦ୍ର ଦଳେଇ,ଭାଗିରଥୀ ବଳ, ସୁକୁମାର ପଣ୍ଡା, ନନ୍ଦନ ମିଶ୍ର, ପ୍ରଦୀପ୍ତ ମହାନ୍ତି, ସୁରୁଚି ପ୍ରଭା ଦାସ, ରଞ୍ଜନ ନାୟକ, ଅବଦୁଲ ଦୟାନ, ମାମି ପାତ୍ର, ବିଜୟ ବେହେରା, ଅକ୍ଷୟ ଦାସ,ସୁବାସ ମହାନ୍ତି, ହିମାଦ୍ରୀ ରାଉତରାୟ, ପି : ହୃଷିକେଶ,ବାବୁରାମ ରାଉତ, ଶଶିକାନ୍ତ ବେହେରା, ଅଭୟ ଦାସ ରୀନାରାଣୀ ପାତ୍ର, ସୁଧାରଞ୍ଜନ ମହାନ୍ତି, ଜ୍ଞାନରଞ୍ଜନ ନାୟକ, ବିଶ୍ୱମୈତ୍ରୀ ନାୟକ,ସରୋଜ ଓଝା, ପୁଷ୍ପାଞ୍ଜଳି ତ୍ରିପାଠୀ,ସୁବାସ ଦାସ, ଜୟନ୍ତ କୁମାର ମହାନ୍ତି, ଭାସ୍କର ସେଠୀ,ମୁସ୍ତାକ ଗହ୍ୱର ଚିନ୍ମୟୀ ଚାନ୍ଦ, ନିରୁପମା ପାଣି ପ୍ରମୁଖ ସ୍ୱରଚିତ କବିତା ଓ ମନିଗଳ୍ପ ପଠନ କରିଥିଲେ । କବି ଦେବେନ୍ଦ୍ରନାଥ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଧାମନଗର ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, (ପିପିଏସ) : ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ଆଜି ଧାମନଗର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୩ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ୬୦ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଓ ୦୩ଟି ସାମୂହିକ ସମସ୍ୟା ଭତ୍ତିକ ଅଭିଯୋଗ ଥିଲା । ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ସି.ଡ଼ି.ଏମ୍.ଓ. ଡ଼ା ସନ୍ତୋଷ କୁମାର ପାତ୍ର, ଧାମନଗର ବି.ଡ଼ି.ଓ. ବନ ବିହାରୀ ଦିଣ୍ଡା ପ୍ରମୁଖ ମଧ ଏହି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଉକ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧନ ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକତା ମତେ ସହଯୋଗ କରିଥିଲେ । ଏ.ବି.ଡ଼ି.ଓ. ଶର୍ମିଷ୍ଠା ମଲ୍ଲିକ୍ , ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ରମ୍ ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁସଂଗିକ ସହଯୋଗ କରିଥିଲେ ।

# ଆମ ଓଡିଶା ଓ ବିପଦର ବନ୍ଧୁ ଅନୁଷ୍ଠାନର ମିଳିତ ଉଦ୍ୟମରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ

ଗଞ୍ଜାମ/ ଭଞ୍ଜନଗର, (ପିପିଏସ) : ଗ୍ରୀଷ୍ମକାଳୀନ ପରିସ୍ଥିତି ପାଇଁ ସଂପ୍ରତି ରକ୍ତର ଆବଶ୍ୟକତା ବଢିଥିବା ବେଳେ ଗରମ ଯୋଗୁ ରକ୍ତଦାନ ଶିବିର ସଂଖ୍ୟା କମିବାରେ ଲାଗିଛି । ଯାହାର ପ୍ରଭାବ ରକ୍ତ ଭଣ୍ଡାର ଉପରେ ଦେଖିବାକୁ ମିଳିଛି । ଏହି ଅଭାବକୁ ପୂରଣ କରିବା ପାଇଁ ଆଜି ଗଞ୍ଜାମ ଜିଲ୍ଲାର ଉପାନ୍ତ ଇଲାକା ଭାବେ ପରିଚିତ ଗାଲେରୀ ଗ୍ରାମରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ସମ୍ବାଦ ଆମ ଓଡ଼ିଶା ସମେତ 'ମୋ ଗାଁ ଗାଲେରୀ'ର ସଦସ୍ୟ,'ବିପଦର ବନ୍ଧୁ' ଓ ବଜରଙ୍ଗୀ ଫିଲିଂ ଷ୍ଟେସନ୍ ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ୫୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଏଥିରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ଗୌଡ,୫୨ ନମ୍ବର ଜିଲ୍ଲାପରିଷଦ ସଭ୍ୟା ଭାଗ୍ୟଲତା ସେଠୀ,ବ୍ଲକ୍ ଅଧକ୍ଷ ନରୀସଭା ନାୟକ , ଜଳ ଓ ପରିମଳ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ ନିହାର ରଞ୍ଜନ ସ୍ୱାଇଁ,ସରପଞ୍ଚ ପ୍ରତିନିଧି ଶଙ୍କର୍ଷଣ ମହାରଣା ପ୍ରମୁଖ ଯୋଗଦେଇ ଶିବିର ଉଦ୍ଘାଟନ କରିଥିଲେ ।ଏହାକୁ ବିପଦର ବନ୍ଧୁ ଅନୁଷ୍ଠାନର ପ୍ରଦିପ କୁମାର ଜେନା,ଅରକ୍ଷିତ ପରିଛା,ସଂଗ୍ରାମ ଗୌଡ,ସମ୍ବାଦ ପ୍ରତିନିଧି ବିଶ୍ୱମ୍ଭର ଜେନା ପ୍ରମୁଖ ପରିଚାଳନା କରିଥିବା ବେଳେ ଏଥିରେ ଚିଣ୍ଟୁ ଗୌଡ,ସାଗର ମହାରଣା,ଏ.ରୋଶେନ ଦାସ,ସୁଧାଂଶୁ ଶେଖର ମହାରଣା, ଅରୁପ ଗୌଡ,କୁବେର ଗୌଡ, ବିଷ୍ଣୁପ୍ରିୟା ଗୌଡ, ସାନ୍ତାଣି ମହାରଣା, ନୀଳମାଧବ ଗୌଡ, ଲକ୍ଷ୍ମୀଧର ଗୌଡ, ନଟବର ସାହୁ,ନୃସିଂହ ସାହୁ,ସୀମାଞ୍ଚଳ ପଟ୍ଟନାୟକ,ପ୍ରକାଶ ଗୌଡ, ପ୍ରାଣକୃଷ୍ଣ ଗୌଡ, ବିଜୟ ବେହେରା, ତାରିଣୀ ଗୌଡ, ସନିଆ ବିଷୋୟୀ, ଲିଟୁ ସେଠୀ, ଶାଶ୍ୱତ ସାହୁ, କେଦାରନାଥ ସାହୁ, ଉମାକାନ୍ତ ପଟ୍ଟନାୟକ, ମଦନ ମୋହନ ପ୍ରଧାନ, ଅନୀଲ କୁମାର ଜେନାମଣି, ଅଭିଶେକ ଗୌଡ,ରଞ୍ଜନ ନାୟକ,ବାପୁଜୀ ବିଷୋୟୀ, ସୌମ୍ୟ ରଞ୍ଜନ ଗୌଡ, ବିକ୍ରମ କେଶରୀ ଗୌଡ, ସନ୍ତୋଷ ପ୍ରଧାନ, ଲିଙ୍ଗନ ବେହେରା, ରଞ୍ଜିତ ସେଠୀ, ପ୍ରଦିପ ସାହୁ, ରଞ୍ଜିତ ସାହୁ,ସାକିନି ନାୟକ,ଅଶ୍ୱିନୀ ନାୟକ, ସୁନୀଲ କୁମାର ମହାନ୍ତି, ଜିତେନ୍ଦ୍ର ସାହୁ, ରଞ୍ଜିତ ସ୍ୱାଇଁ, ଶ୍ରୀଧର ଚୌଧୁରୀ, ଚାନ୍ଦିନୀ ମହାରଣା, ବିକ୍ରମ ସେଠୀ ପ୍ରମୁଖ ରକ୍ତଦାନ କରିଥିଲେ । ଏହାକୁ ବିପଦର ବନ୍ଧୁ ଅନୁଷ୍ଠାନର ମୁକେଶ ସାହୁ,ପପୁ ପାତ୍ର, କ୍ଷିରୋଦ ଗୌଡ,ଶିବରାମ ପ୍ରଧାନ, ବସନ୍ତ ମିଶ୍ର, ମହେନ୍ଦ୍ର ସାହୁ, ସୋମନାଥ ବେହେରା, ଭାସ୍କର ନାୟକ ଓ 'ମୋ ଗାଁ ଗାଲେରୀ ଅନୁଷ୍ଠାନର ସୁମିତ କୁମାର ଗୌଡ, ସନ୍ତୋଷ ମହାପାତ୍ର, ବିନାୟକ ଗୌଡ, ରାଜି ରଣା, ଦିପକ ଗୌଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଭଞ୍ଜନଗର ରକ୍ତ କେନ୍ଦ୍ରର କର୍ମଚାରୀ ସୁରେନ୍ଦ୍ର ମହାପାତ୍ର, ଲକ୍ଷ୍ମୀକାନ୍ତ ମାଝୀ, ଇତିଶ୍ରୀ ତ୍ରିପାଠୀ,ବିପନ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ସେଠୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।



# ସିଦ୍ଧଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା କୁହୁଡି ଠାରେ ଥିବା ସିଦ୍ଧ ଭାରତୀ ବିଦ୍ୟାମନ୍ଦିରର ୭୦ତମ ବାର୍ଷିକ ଉତ୍ସବ ସଭାପତି ମଦନ ମୋହନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ୨୫ ଜୋନର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଦୁର୍ଗାବତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ମଧୁସାଗର କ୍ଲଷ୍ଟର ର ସିଆରସିସି ଅରୁପାନନ୍ଦ ପରିଡା, କଳା ଶିକ୍ଷକ ପ୍ରଫୁଲ୍ଲ ଜେନା ଉପସ୍ଥିତ ରହି ସବାକୁ ପରିଚୋଳନା କରିଥିଲେ । ପ୍ରଧାନ ଶିକ୍ଷକ ମଧୁସୁଦନ ମୁଦୁଲି ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ନିର୍ମଳ ଚନ୍ଦ୍ର ସାମଲ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସ, ଶୁଭଲକ୍ଷ୍ମୀ ପଲାଇ, ସରସ୍ୱତୀ ସାହୁ, ଉଷାରାଣୀ ରାଉତ, ମୋନାଲିସା ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ସବଟିକୁ ପରିଚାଳନା କରିଥିଲେ ।

# ଭଦ୍ରକରେ ଜିଲ୍ଲାସ୍ତରୀୟ ରେଡ଼କ୍ରସ୍ ଦିବସ ପାଳିତ

ଭଦ୍ରକ, (ପିପିଏସ) : ରେଡ଼କ୍ରସ୍‌ର ଜନକ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସକୁ ସ୍ମରଣ କରିବା ଓ ରେଡ଼କ୍ରସ୍ ଆନ୍ଦୋଳନରେ ମାନବୀୟ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ୧୯୩୪ ରୁ ମଇ ୮ ତାରିଖ କୁ ପ୍ରତିବର୍ଷ ରେଡ଼କ୍ରସ୍ ଦିବସ ଭାବେ ପାଳନ କରାଯାଇ ଆସୁଥିବା ଆଧାରରେ ଆଜି ଭଦ୍ରକ ଜିଲ୍ଲାସ୍ତରୀୟ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ରେଡ଼କ୍ରସ ଶାଖାର ଅଧକ୍ଷ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କାର୍ଯ୍ୟାଳୟ ପରିସରରେ ରେଡ଼କ୍ରସ ପତାକା ଉତ୍ତୋଳନ କରିବା ସହିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଉତ୍ସବ ପାଳନରେ ଯୋଗ ଦେଇଥିଲେ । ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରେଡ଼କ୍ରସ ଦିବସ ପାଳନ ଓ ରେଡ଼କ୍ରସ୍ ସଂଗଠନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ପ୍ରତିବର୍ଷ ଏହି ଦିବସ ପାଇଁ ରଖାଯାଉଥିବା ସ୍ୱତନ୍ତ୍ର ଥିମ୍ ପରି ଚଳିତ ବର୍ଷ ପାଇଁ ରଖାଯାଇଥିବା ଥିମ୍ "ପ୍ରତିଟି କାର୍ଯ୍ୟ ଯାହା ଆମେ କରୁ ତାହା ହୃଦୟରୁ କରିଥାଉ" ବିଷୟ ଆଧାରରେ ଜିଲ୍ଲାପାଳ ମାନବ ସେବା ଦିଗରେ ରେଡ଼କ୍ରସ୍ ର ବୃହତ୍ତର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଦୁଃଖୀ, ଦରିଦ୍ର, ନିଃସହାୟଙ୍କ ସହ ବନ୍ୟା, ଦୁର୍ଭିକ୍ଷ, ବାତ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ଦୈବୀ ଦୁର୍ବିପାକ ସମୟରେ ରେଡ଼କ୍ରସ୍‌ର ସହାୟତା କିପରି ଅମୃତ ଭଳି କାମ କରେ ତାହା ବୁଝାଇଥିଲେ । ସୂଚନାଯୋଗ୍ୟ କି ୨୦୨୨-୨୩ ବର୍ଷରେ ୩୧-୩-୨୩ ସୁଦ୍ଧା ବିଭିନ୍ନ ଉତ୍ସରୁ ଜିଲ୍ଲା ରେଡ଼କ୍ରସ୍ ର ସମୁଦାୟ ଆୟ ୬୬,୪୨,୩୩୮ଟଙ୍କା ଏବଂ ବ୍ୟୟ ୨୧, ୪୩, ୬୧୦ଟଙ୍କା । ଉକ୍ତ ତାରିଖ ସୁଦ୍ଧା ଶାଖାର ସମୁଦାୟ ଅର୍ଥ ଟ. ୨,୮୫,୧୩,୪୧୮.୬୪ପ. । ଉକ୍ତ ବର୍ଷ ମଧ୍ୟରେ ଗରିବ ଓ ନିହାତି ଆବଶ୍ୟକ କରୁଥିବା ୨୩୨ ଜଣ ରୋଗୀଙ୍କୁ ଚିକିତ୍ସା ସହାୟତା ବାବଦ ୧୬, ୬୬, ୫୨୦ଟଙ୍କା ବ୍ୟୟ କରାଯାଇଥିଲା ବେଳେ ମହାପ୍ରୟାଣ ଯାନ ମରାମତି, ରେଡ଼କ୍ରସ ପାଇଁ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ଦରମା ଓ ଅନ୍ୟ ବାବଦ ବ୍ୟୟ କରାଯାଇଥିବା ପ୍ରକାଶ କରାଯାଇଥିଲା । ପ୍ରକାଶ ଥାଉକି ରେଡ଼କ୍ରସ୍ ପାଇଁ ପାଣ୍ଠି ସଂଗ୍ରହ ଦିଗରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ପାଣ୍ଠି ସଂଗ୍ରହ କରିଥିବା ଆଧାରରେ ୫ଜଣ ଅଧୀକାରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ଡ଼େପୁଟୀ କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସବ୍‌ରେଜିଷ୍ଟ୍ରାର କସ୍ତୁରୀବାଳା ଜେନା, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ଓ ତହସିଲଦାର ଭଣ୍ଡାରିପୋଖରୀ ସରୋଜ କୁମାର ନାୟକ, ବିଶେଷ କରି ଏ.ଡ଼ି.ଏମ୍, ଜୁଡ଼ିସିଆଲ ପାଇଁ ୧୦ ଲକ୍ଷ ଧାର୍ଯ୍ୟ ଥିବା ସ୍ଥଳେ ସଂଗ୍ରହ କରାଯାଇଛି ୩୮,୬୦,୫୦୦/-। ଜିଲ୍ଲା ସବ୍‌ରେଜିଷ୍ଟର ପାଇଁ ୪ ଲକ୍ଷ ଥିବା ସ୍ଥଳେ ଆଦାୟ କରାଯାଇଛି ୬ ଲକ୍ଷ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କ ପାଇଁ ୫୦ ହଜାର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ୧,୬୨,୫୦୦ ଏବଂ ତହସିଲଦାର ଭଣ୍ଡାରିପୋଖରୀ ପାଇଁ ୭୦,୦୦୦ ଟଙ୍କା ଥିବା ସ୍ଥଳେ ୧,୦୬,୫୦୦ଟଙ୍କା ରେଡ଼କ୍ରସ୍ ପାଇଁ ସଂଗ୍ରହ କରାଯାଇ ପାରିଛି । ଜିଲ୍ଲା ରେଡ଼କ୍ରସ୍ ଶାଖାର ଉପାଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ରେଡ଼କ୍ରସ୍ ଦ୍ୱାରା ନିଆଯିବାକୁ ଥିବା ନୂତନ କାର୍ଯ୍ୟକ୍ରମ ବିଷୟରେ ପ୍ରକାଶ କରିଥିଲେ । ରୋଗୀ ସେବା ପାଇଁ ଆମ୍ବୁଲାନସ୍ କ୍ରୟ କରାଯିବା, ବଳକା ଖାଦ୍ୟ ସଂଗ୍ରହ କରି ଗରିବ ଲୋକଙ୍କୁ ପ୍ରଦାନ ପାଇଁ ଫ୍ରିଜର୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଥିବା ନେଇ ସେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ରେଡ଼କ୍ରସ୍ ଭବନ ନିର୍ମାଣ ପାଇଁ ଉପସ୍ଥିତ ରେଡ଼କ୍ରସ୍ ଶାଖାର ଆଜୀବନ ସଦସ୍ୟମାନଙ୍କ ପ୍ରଦତ୍ତ ପ୍ରସ୍ତାବ ପ୍ରତି ସମ୍ମତି ପ୍ରଦାନ ପୂର୍ବକ ପରବର୍ତ୍ତୀ ପର୍ଯ୍ୟାୟରେ ସେ ନେଇ ଆଲୋଚନା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲା ରେଡ଼କ୍ରସ୍ ଶାଖାର ସମ୍ପାଦକ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲ୍ଲିଙ୍କ ସଂଯୋଜନା ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯୁଗ୍ମ ସମ୍ପାଦକ ବିଶ୍ୱଜିତା ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନ ନେଇ ଆନୁସଂଗିକ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସୂତାର, ରାଧାରାଣୀ ମହାପାତ୍ର, ବାଦଲ କିଶୋର ମହାପାତ୍ର, ଜିଲ୍ଲା ୟୁଥ୍ ରେଡ଼କ୍ରସର କର୍ମକର୍ତ୍ତା ପ୍ରମୁଖଙ୍କ ସହ ଅନ୍ୟ ଆଜୀବନ ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ରକ୍ତ ଦାନ ଶିବିରରେ ୧୨ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଡ଼ା ବିମଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଂଗ୍ରେସର ୯ ବିଧାୟକ

୧୯୮୦ରୁ ୧୯୯୦ ଓ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ସମୟରେ ସେମାନେ ଆଜି ପର୍ଯ୍ୟନ୍ତ ନିର୍ବାଚନରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ସେ କହିଥିଲେ, ୧୯୮୦ ମସିହାରେ 'ହଜାରେ ଦିନର ହଜାରେ ଶିଳ୍ପ' ନାରା ଦେଇଥିଲେ ଜାନକୀବାବୁ । ଯାହାଫଳରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଜଗତପୁର ଶିଳ୍ପାଞ୍ଚଳ, ଗୋଳାବାରୁଦ ଫ୍ୟାକ୍ଟ୍ରୀ ଓ ନାଲ୍ ?କୋ ପରି ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା । ବହୁ ବୃହତ୍ତ ଜଳସେଚନ ପ୍ରକଳ୍ପ, ଓଭରବ୍ରିଜ୍ ଓ ରିଙ୍ଗ ରୋଡ୍ ନିର୍ମାଣ କରାଯାଇଥିଲା । ଚିରଞ୍ଜୀବୀ ବିଶ୍ୱାଳ ଆହୁରି କହିଥିଲେ, ୨୦୦୦ ମସିହାରୁ ନବୀନ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଆସୁଛନ୍ତି । ଯେଉଁ ପିଲାମାନେ ୨୦୦୦ ମସିହାରେ ଜନ୍ମଗ୍ରହଣ କରିଥିଲେ, ସେମାନଙ୍କୁ ଏବେ ୨୩ ବର୍ଷ ହେଲାଣି । ସେମାନେ ନବୀନ ପଟ୍ଟନାୟକଙ୍କ ଛଡ଼ା ଆଉ କିଛି ଶୁଣୁ ନାହାନ୍ତି । ୧୯୭୭ ମସିହାରେ କଂଗ୍ରେସ ଯେଉଁ ଭଳି ପରିସ୍ଥିତିରେ ଥିଲା, ତା'ଠାରୁ ଆହୁରି ଖରାପ ପରିସ୍ଥିତିରେ ଏବେ ରହିଛି । ଯେଉଁ କଠିନ ପରିଶ୍ରମ ଓ ନେତୃତ୍ୱର ଆବଶ୍ୟକତା ରହିବା କଥା, ଦୁଃଖର ସହ କହିବାକୁ ଚାହୁଁଛି ତାହା ବର୍ତ୍ତମାନ କଂଗ୍ରେସରେ ନାହିଁ । ତା'ର ଅର୍ଥ ନୁହେଁ କଂଗ୍ରେସ ଉନ୍ନତି କରିପାରିବ ନାହିଁ, ସଙ୍ଗଠିତ ହୋଇପାରିବ ନାହିଁ ବା ଆଗକୁ ଯାଇ ପାରିବ ନାହିଁ । ଏବେ ଆମ ଦଳର ବିଧାୟକଙ୍କ ସଂଖ୍ୟା କମି ଯାଉଛି । ୧୯୯୦ ମସିହାରେ ୧୦ ଜଣ ବିଧାୟକ ଆସିଥିଲେ । ଜାନକୀବାବୁ, ବସନ୍ତବାବୁ, ନିରଞ୍ଜନବାବୁ ଓ ଅନ୍ୟ ପୁରୁଖା ନେତାମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ୧୯୯୫ ମସିହାରେ କଂଗ୍ରେସ ପୁଣି ଥରେ ସରକାରକୁ ଆସିଥିଲା ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । କଂଗ୍ରେସର ବର୍ତ୍ତମାନ ସ୍ଥିତିକୁ ମନେ ପକାଇ ଶ୍ରୀ ବିଶ୍ୱାଳ କହିଥିଲେ, ଆଜି ଓଡ଼ିଶା ବିଧାନସଭାରେ ୯ ଜଣ ବିଧାୟକ ଅଛନ୍ତି । ଆଗାମୀ ଦିନରେ କେତେ ରହିବ, ତାହା କହିହେବ ନାହିଁ । ୯ ଜଣ ବିଧାୟକରେ ଆମର ୨୦ ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି । ଦିନକୁ ଦିନ ନମ୍ବର ବଢ଼ି ଚାଲିଛି । କଂଗ୍ରେସର ଆଉ ଲଢ଼ିବା ମନୋବୃତ୍ତି ନାହିଁ । ଜଣେ ହେଲେ ଯୁବକ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇ ଆସୁନାହାନ୍ତି । ତେଣୁ ଯୁବକମାନଙ୍କୁ ଆକୃଷ୍ଟ କରିବାର ସମୟ ଆସିଛି । ଯେଉଁ ଯୁବକମାନେ କଂଗ୍ରେସରେ ଆକ୍ଟିଭ ହୋଇ ଅଛନ୍ତି, ସେମାନ ସଠିକ ସୁଯୋଗ ଦିଆଯାଉ ନାହିଁ । କଂଗ୍ରେସର ବଡ଼ ରୋଗ ହେଉଛି, ଜଣେ ଲୋକ ନିର୍ବାଚନମଣ୍ଡଳୀରେ ସଙ୍ଗଠନ ସୁଦୃଢ଼ କରିବ କିନ୍ତୁ ଅନ୍ୟ ଜଣେ ଟିକେଟ ନେଇଯିବ । ମୋତେ ଏବେ ସନ୍ଦେହ ହେଉଛି, ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀ ପାଇଁ ସଠିକ ପ୍ରାର୍ଥୀ ମିଳିବେ କି ନାହିଁ । ସେ କହିଥିଲେ, ଯେଉଁ ରାଜନୈତିକ ଇଚ୍ଛାଶକ୍ତି ଜାନକୀବାବୁ, ବସନ୍ତବାବୁ ଓ ନିରଞ୍ଜବାବୁଙ୍କର ଥିଲା, ତାହା ଏବେ ଆଉ ନାହିଁ । କଂଗ୍ରେସ ହାରିବ ବୋଲି ମୂଳରୁ ପ୍ରସ୍ତୁତ ହୋଇ ରହିଛି । ନୂଆ ପିଲାମାନେ କଂଗ୍ରେସକୁ ଆସିବା ପାଇଁ ମନସ୍ଥ କରୁନାହାନ୍ତି । ଦଳ ମଧ୍ୟ ଚେଷ୍ଟା କରୁନାହିଁ । ଆମ ଦଳର ଗୋଟିଏ ପୁରୁଣା ରୋଗ ଅଛି, ଯିଏ ପିସିସି ସଭାପତି ହେବ, ସିଏ କାହାକୁ ପଚାରିବ ନାହିଁ । ପିସିସି ସଭାପତି ନହେବା ଯାଏଁ ସବୁ ଠିକ୍ ?, ହୋଇଗଲା ପରେ ବଦଳି ଯାଆନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଥିଲେ ।

### ସରକାରରେ ଯାହା କିଛି ହେଉଛି ମନ୍ତ୍ରୀ ଜାଣିପାରୁ ନାହାନ୍ତି

ଜାନକୀ ବାବୁ ଓ ବସନ୍ତବାବୁ ଯୋଡ଼ିକୁ ମନେ ପକାଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଜାନକୀ ବାବୁ ଓ ବସନ୍ତବାବୁ କଂଗ୍ରେସର କ୍ଷମତାସୀନ ନେତା ହେବା ପୂର୍ବରୁ ତାଙ୍କର ଯୋଡ଼ି ବହୁତ ମଜବୁତ୍ ? ଥିଲା । ବସନ୍ତ ବିଶ୍ୱାଳଙ୍କ ବଡ଼ପୁଅ ଓ ଜାନକୀବାବୁଙ୍କ ଜ୍ୟେଷ୍ଠପୁଅଙ୍କୁ ସମ୍ବର୍ଦ୍ଧିତ କରି ଦୋଷ ଛାଡ଼ିଦେଲେ ମୋହମ୍ମଦ ମୋକିମ୍ ? । ଯେହେତୁ ମୁଁ ରାଜନୀତିରେ ଅଛି ତେଣୁ ଜାନକୀବାବୁଙ୍କ ଜ୍ୱାଇଁ ହିସାବରେ ମୋତେ ଷ୍ଟେଜ୍ ?ରେ ବସାଇ ଦେଲେ । ଜାନକୀବାବୁଙ୍କ ଜ୍ୱାଇଁ ହିସାବରେ ଆପଣମାନେ ମୋତେ ଯେତେ ନିର୍ଯାତନା ଦେଇଛନ୍ତି ତାହା ମୁଁ ଜୀବନରେ କେବେ ଭୁଲି ପାରିବି ନାହିଁ । ସତେ ଯେମିତି ଏ ପିଲାର କୌଣସି କିଛି ଯୋଗ୍ୟତା ନାହିଁ ସେ ଜାନକୀବାବୁଙ୍କ ପାରିବାରିକ ସମ୍ପର୍କକୁ ନେଇ ସବୁକିଛି ହାତେଇବାକୁ ଚାହିଁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।ସେ ଆହୁରି କହିଛନ୍ତି, ଜାନକୀ ବାବୁ ଓ ବସନ୍ତବାବୁଙ୍କ ଯୋଡ଼ି ବହୁ ମଜବୁତ୍ ? ଯୋଡ଼ି । ମୁଁ ବିବାହ କରିଲା ବେଳକୁ ଜାନକୀବାବୁଙ୍କ ପରିବାରରେ ଅବିଚ୍ଛେଦ୍ୟ ଅଙ୍ଗ ଥିଲେ ବସନ୍ତବାବୁ । ମୁଁ ବିଲାତରୁ ଆସି ବାହା ହେବା ପାଇଁ ପ୍ରସ୍ତୁତ ହେଲା ବେଳକୁ ମୋର ଜାମା ଓ ପ୍ୟାଣ୍ଟର ମାପ ଯିଏ ନେଇଥିଲେ ସେ ହେଲେ ବସନ୍ତ ବାବୁ । ଶେଷରେ ଜୋତାଟି ଭୁଲି ଯାଇଥିଲୁ । ଜୋତା ମାପ ନେବା ପାଇଁ ଯେଉଁ ବ୍ୟକ୍ତି କାଗଜ ଖଣ୍ଡେ ଆଣି ପାଦ ଚାରି ପାର୍ଶ୍ୱରେ ପେନ୍ ?ସିଲରେ ଗାର କାଟିଥିଲା ତାଙ୍କୁ କେବେ ମୁଁ ଭୁଲି ପାରିବି ନାହିଁ । ଏକଥା କହି ତାଙ୍କୁ ଛୋଟ କରି ଦେଖାଇବାକୁ ଚାହୁଁ ନାହିଁ । ତାଙ୍କ ଦୁଇ ଜଣ ଯୋଡ଼ି କେତେ ନିବିଡ଼ ଥିଲା ତାହା ମୁଁ ଆପଣଙ୍କ ଆଗରେ କହୁଛି । ତେଣୁ ମୁଁ ତାଙ୍କ ପରିବାରର ଅନ୍ୟତମ ଅଂଶ ହିସାବରେ ବସନ୍ତଦାଦା ବୋଲି ଡାକୁଥିଲି । ଏଥିରୁ ଅନୁମାନ କରିପାରୁଥିବେ ଜାନକୀବାବୁଙ୍କ କେତେ ନିକଟତର ଥିଲେ ବସନ୍ତବାବୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।ପୁରୁଣା ଦିନକୁ ମନେ ପକାଇ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି ସ୍ୱାଧୀନତାର ଠିକ୍ ? ପରେ ଜାନକୀବାବୁ ଶିକ୍ଷାଲାଭ କରି ଚାକିରି ନକରି ପ୍ରଜାତନ୍ତ୍ରରେ ସାମ୍ବାଦିକ ଜୀବନ ଆରମ୍ଭ କରିଥିଲେ । ସମ୍ପାଦକ ହୋଇଥିଲେ । ଆଉ ନିଜ ଉଦ୍ୟମରେ ୧୯୬୭ ମସିହାରେ ପୌରୁଷ ପତ୍ରିକା ଆରମ୍ଭ କରିଥିଲେ । ତା'ପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ଅନେକ ଯୁବକଙ୍କ ପରି ମୁଁ ଯେତେବେଳେ ମୋ ଭବିଷ୍ୟତ ସମ୍ପର୍କରେ ତାଙ୍କଠାରୁ କିଛି ପରାମର୍ଶ ନେବା ପାଇଁ ଚାହେଁ, ସେ ସବୁବେଳେ ଗୋଟିଏ କଥା କୁହନ୍ତି ନିଜ ଗୋଡ଼ରେ ଛିଡ଼ା ହୋଇପାରିଲେ, ତୁମକୁ କେହି ଆଉ ଅଟକାଇ ପାରିବେ ନାହିଁ ।

# ଜେକେ କାଗଜ କଳ ପକ୍ଷରୁ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ରାୟଗଡ (ପିପିଏସ୍): ରାୟଗଡ ଜିଲ୍ଲା ଜେକେ କାଗଜ କଳର ସିଏସ୍ଆର ବିଭାଗ ତରଫରୁ ମେଡିକଭର ହସପିଟାଲ, ବିଶାଖାପାଟଣା ସହଭାଗିତାରେ ଏକ ମେଗା ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବିଶେଷଜ୍ଞ ଡ ଅନିତା ତ୍ରିପାଠୀ, ହୃଦ୍‌ରୋଗ ବିଶେଷଜ୍ଞ ଡ ଅର୍ଚ୍ଚନା ବେହେରା, ଅସ୍ଥି ଶୈଲ୍ୟ ବିଶେଷଜ୍ଞ, ଡ ପ୍ରବୀଣ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡ ରାଧିକା, ଭେଷଜ ବିଶେଷଜ୍ଞ ଆର୍ ରାଜେଶ କୁମାର ଉପସ୍ଥିତ ରହି ଆଖପାଖ ଅଞ୍ଚଳର ୨୦୬ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଥିଲେ। କାର୍ଯ୍ୟକ୍ରମକୁ ଜେକେ କାଗଜ ଡିସ୍ପେନ୍‌ସାରି ର ମୁଖ୍ୟ ଚିକିତ୍ସା ଅଧିକାରୀ ଡ କେଭି ରାଓ ଓ ପଦ୍ମା ଯଶବନ୍ତ ପରିଚାଳନା କରିଥିଲେ। ଅନ୍ୟାନ୍ୟ ଅଧିକାରୀ ମଧ୍ୟରେ ଜେକେ କାଗଜ କଳର ଉପସଭାପତି ବାଣିଜ୍ୟ ବିଶ୍ୱଜିତ୍ ଦ୍ୱିବେଦୀ ଓ ମହାପ୍ରବନ୍ଧକ ମାନବ ସମ୍ବଳ, ସନ୍ଦୀପ ପାଣ୍ଡେ ଉପସ୍ଥିତ ଥିଲେ।

## ରୋଗାଗ୍ରସ୍ତ ଝିଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

# ସରକାରୀ ସାହାଯ୍ୟ ପାଇଁ ମା'ଙ୍କ ଆକୁଳ ନିବେଦନ



ପାରଳାଖେମୁଣ୍ଡି, (ପିପିଏସ୍): ରୋଗାଗ୍ରସ୍ତ ଝିଅର ଚିକିତ୍ସା ସମାପନ କରି ଝିଅ ମୁହଁରେ ହସ ଫୁଟାଇବା ପାଇଁ ମା ସରକାରୀ ସାହାର୍ଯ୍ୟ ପାଇବା ପାଇଁ ଆକୁଳ ନିବେଦନକରିଛନ୍ତି. ଝିଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ. ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ ସ୍ତର ପଯ୍ୟନ୍ତ ଏବଂ ବହୁ ନେତାଙ୍କୁ ଅକୁଳ ନିବେଦନ କରିଛି ମା. ହେଲେ କାହାଠାରୁ କିଛି ସାହାର୍ଯ୍ୟ ନ ପାଇ ଅତ୍ୟନ୍ତ ଦୁଃଖରେ ଭାଙ୍ଗି ପଡିଛି ମା. ପରିବାର ଚଳାଇବା ପାଇଁ ଘରର ରୋଜଗାର ଝିଅ କେତେ ଯେ ସପ୍ନ ଦେଖେ। କିନ୍ତୁ ରୋଜଗାରିଆ ଝିଅଟି ପରିଣତ ବୟସରେ ଅକାମି ହୋଇଯାଏ ତାହେଲେ ପରିବାର ମୁଣ୍ଡରେ ଚଡ଼କ ପଡ଼ିଯାଏ। ଝିଅର ଅଧା ଅଙ୍ଗ ଏବେ ଅକାମି ହୋଇ ପଡ଼ିଛିଥିବା ବେଳେ ଅର୍ଥାଭାବ ଚିକିତ୍ସାରେ ବାଧକ ସାଜିଛି।ଏପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ପାଇକ ସାହିର ମାୟା ମହାନ୍ତିଙ୍କ କ୍ଷେତ୍ରରେ।ଚଳିତବର୍ଷ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଯାଇଥିଲା ମାୟା ମହାନ୍ତି।ପରିବାର ଲୋକେ ତାଙ୍କୁ ପ୍ରଥମେ ଗୁମ୍ମା ଏବଂ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତି କରିଥିଲେ।ପରେ ତାଙ୍କୁ ଶ୍ରୀକାକୁଲମ ଏମସ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା କରାଯିବା ସହ ଦେହରୁ ମୂତ୍ରାଶୟ ଦେଇ ପ୍ରଚୁରମାତ୍ରାରେ ପାଣି ବହିଯାଉଛି ବୋଲି ଡକ୍ଟର କହିଥିଲେ।ଏଥିପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। ପରିବାର ଲୋକେ ଚେହ୍ନାଇର ଏକ ଘୋରଇ ମେଡିକାଲରେ ମଧ ଚିକିତ୍ସା କରାଇବା ପରେ ମଧ ଶୋରୀରରେ କୌଣସି ଉନ୍ନତି ଆସିନଥିବା ପିଡିତାଙ୍କ ମା ହୀରା ପାଇକ କହିଛନ୍ତି। କିନ୍ତୁ ଅର୍ଥାଭାବ ଯୋଗୁଁ ଉକ୍ତ ଚିକିତ୍ସା ପାଇଁ ପରିବାର ଲୋକେ ସମର୍ଥ ହୋଇପାରୁ ନାହାନ୍ତି।ଗାଁ ଲୋକେ ଚାନ୍ଦା କରି ୩ମାସ ହେଲା ଚିକିତ୍ସା କରିଥିଲେ।ପୁରୁଷ ଶୂନ୍ୟ ପରିବାରରେ ମା ହୀରବତୀ ବୃଦ୍ଧା ଅବସ୍ଥାରେ ଝିଅର ଜୀବନ ବଞ୍ଚାଇବାକୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ଜୀବନ ଭିକ୍ଷା ନିମନ୍ତେ ଗଣମାଧମ ଜରିଆରେ ବିନୀତ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କୌଣସି ପ୍ରକାର ଅଭିଯୋଗ ଜଣାଇବାକୁ ସୁଯୋଗ ନଥିବାରୁ ଗଣମାଧମ ଜରିଆରେ ଅନୁରୋଧ କରିଛନ୍ତି ଗ୍ରାମବାସୀ।ସରକାରୀ ସହାୟତା ମିଳିଲେ ଅଧିକ ଚିକିତ୍ସା ହୋଇ ପାରନ୍ତା ଏବଂ ଝିଅର ଜୀବନ ବୋଞ୍ଚିପାରିବ ବୋଲି କହିଛନ୍ତି ମାୟାଙ୍କ ମା ହୀରାବତୀ।ଗାଁ ଲୋକେ ମଧ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ପୂର୍ବରୁ ରାଜ୍ୟବାସୀଙ୍କ ସ୍ୱାର୍ଥ ସାଧନରେ ଶ୍ରୀ ଭିକେ ପାଣ୍ଡିଆନଙ୍କ ଇଛାଶକ୍ତି ଯୋଗୁଁ ବହୁ ଜୀବନ ବୋଞ୍ଚିଯାଇଥିବା ନଜିର ରହିଛି।

# ବସନ୍ତପୁରା ଅଞ୍ଚଳରେ ବଢ଼ୁଛି ହାତୀ ଉପଦ୍ରବ

ଆନନ୍ଦପୁର (ହି.ସ): ଘସିପୁରା ବ୍ଲକ୍ ଭଣ୍ଡାରିଡିହା ପଞ୍ଚାୟତ ବସନ୍ତପୁରା ଅଞ୍ଚଳରେ ଉତ୍ପାତ ଚଳାଇଛି ଗୋଠଛଡ଼ା ଦନ୍ତାହାତୀ। ଗତକାଲି ରାତିରେ ଦନ୍ତାଟି ଦୁଇଜଣଙ୍କ ଘର ଭାଙ୍ଗି ଦେଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ହାତୀଟି ଶନିବାର ବିଳମ୍ବିତ ରାତିରେ ଗ୍ରାମରେ ପଶି ଉତ୍ପାତ କରିଥିଲା। ଗ୍ରାମର ଶ୍ୟାମସୁନ୍ଦର ହେମ୍ବ୍ରମଙ୍କ ଘର କାନ୍ଥ ଭାଙ୍ଗି ଚାଉଳ ଖାଇ ଦେଇଥିଲା। ଏହି ସମୟରେ ଘରେ ?ଶୋଇଥିବା ପରିବାରର ୪ଜଣ ସଦସ୍ୟ କୌଶଳ କରି ଘରୁ ପଳାଇବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସେହିପରି ହାତୀଟି ଗ୍ରାମର ନବ ମାରାଣ୍ଡିଙ୍କ ଘରର ଆଜବେଷ୍ଟସ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଦେଓଗାଁ ରେଞ୍ଜ ବନ କର୍ମଚାରମାନେ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ହାତୀ ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ବର୍ତ୍ତମାନ ହାତୀଟି ନିକଟସ୍ଥ ଜଙ୍ଗଲରେ ରହିଛି। ରେଂଜର ସୁରେନ୍ଦ୍ର କୁମାର ହେମ୍ବ୍ରମଙ୍କ ନିର୍ଦ୍ଦେଶକ୍ରମେ ସଂଧ୍ୟାରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

# ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଜେଠୁରାମ ମହାନ୍ତଙ୍କ ଜନ୍ମ ଶତବାର୍ଷିକୀ ପାଳିତ

ଚମ୍ପୁଆ, (ହି. ସ.): ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାରୁଣା ଚଉଠିଆ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୭ ମସିହାରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଜେଠୁରାମ ମହାନ୍ତଙ୍କ ୧୦୩ ତମ ଜନ୍ମ ଶତବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ଡ଼ଃ ପଦ୍ମ ଲୋଚନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବ୍ଲକ ଅଧକ୍ଷ୍ୟା ମାଳତୀ ନାଏକ ସମ୍ମାନିତ ଅତିଥି ଭାବେ ୧୮ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ, ଚଉଠିଆ ସରପଂଚ ଅନୁପମା ମୁଣ୍ଡା, ବରିଷ୍ଠ ଶିକ୍ଷକ ଅନାଦି ଚରଣ ନାୟକ, ଗୋବର୍ଦ୍ଧନ ପ୍ରଧାନଙ୍କ ସମେତ ଗୋବର୍ଦ୍ଧନ ମହାନ୍ତ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କ୍ଷେତ୍ରମୋହନ ମହାନ୍ତ, ବରିଷ୍ଠ ନାଗରିକ ମଂଚର ସେକ୍ରେଟାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତଙ୍କ ଛାତ୍ରବତ୍ସଳ ସତ୍ୟସାଇ ସଂଗଠନ ଗଠନର ମୁଖ୍ୟ ଭୂମିକା, ସମାଜସେବା ଓ ତାଙ୍କ ଉଦ୍ୟମରେ ଚଉଠିଆ ଠାରେ ପ୍ରାଥମିକ ସ୍ତରରୁ ଉଚ୍ଚବିଦ୍ୟାଳୟ ଶିକ୍ଷାନୁଷ୍ଠାନ ସ୍ଥାପନରେ ମୁଖ୍ୟଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ରହିଥିବା ପ୍ରତିମୂର୍ତ୍ତରେ ପୁଷ୍ପମାଲ୍ୟ ଧୂପଦୀପ ଜାଳି ପୂଜାଅର୍ଚ୍ଚନା କରାଯାଇଥିଲା କ୍ଷ ଏହିଅବସରରେ ସ୍ୱର୍ଗତ ଜେଠୁରାମ ମହାନ୍ତଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ସମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ



କଣ୍ଟାବାଞ୍ଜି (ପିପିଏସ୍): ସସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ବନ୍ଧୁ ମିଳନ ତଥା ସାଧାରଣ ପରିଷଦ ବୈଠକ ସଂଘର ସଭାପତି ବିମଳ ଦାସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାପତିଙ୍କ ସ୍ୱାଗତ ବକ୍ତବ୍ୟ ପରେ ସଂଘର ସମ୍ପାଦକ ଶେଖ ସମିମ ଗତ ବୈଠକର ବିବରଣୀ ପଠନ କରିଥିଲେ।ସଂଘର ସଂଗଠନକୁ ସୁଦୃଢ଼, ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଏବଂ ସାମ୍ବାଦିକ ସୁରକ୍ଷା,ସଂଘର ସମସ୍ତ ସଦସ୍ୟ ଙ୍କ ମିଳିତ ବୀମା, ରୋପ୍ୟ ଜୟନ୍ତୀ ପାଳନ ତଥା ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ଗୁରୁ ଦୟାଳ ହଂସ, ଉପସଭାପତି ଅଶୋକ ନାରାୟଣ ଭୋଇ, ଉପସଭାପତି ମୋହନ ସୋନି, ସହ ସମ୍ପାଦକ ହୁଲେଶ୍ୱର ହଂସ, କୋଷାଧକ୍ଷ କୃତିକର ବାଗ, ଆଇନ ପରାମର୍ଶଦାତା ସଞ୍ଜୟ କୁମାର ନାଥ, ପୂର୍ବତନ ସଭାପତି ସୁବାଷ ବେହେରା, ବରିଷ୍ଠ ସଦସ୍ୟ ଜୀବନାନନ୍ଦ ମହାନ୍ତି, ଅନ୍ତିମ ପାଣିଗ୍ରାହୀ, ଶିବ ଶଙ୍କର ବାଗ, ଅଭିମନ୍ୟୁ ବହିଦାର, ସୁଶାନ୍ତ ଥନାପତି, କୁଶଲ ଠାକୁର, ବିନୋଦ ସିଂ, ପ୍ରମୋଦ ବେହେରା, କୈଳାସ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ

କାଳିଆପାଣି (ହି.ସ): ସୁକିନ୍ଦା ରେଞ୍ଜ୍ ଓ ସେକ୍ସନ ପକ୍ଷରୁ ଗତକାଲି ମହାଗିରି ସୁରକ୍ଷିତ ଜଙ୍ଗଲର ପାଦଦେଶ ରାଙ୍କିଆ ଗାଁରେ ଚଢ଼ଉ କରାଯାଇ ୭ଟି ଶାଳଗଣ୍ଡି ଉଦ୍ଧାର କରାଯାଇଛି। ଏହି କାଠଗଣ୍ଡିର ଆୟତନ ୬୦ ଘନଫୁଟ ଏବଂ ଆନୁମାନିକ ମୂଲ୍ୟ ଲକ୍ଷେ ଟଙ୍କା ବୋଲି ବିଭାଗୀୟ ସୂଚନା ମିଳିଛି। ରେଞ୍ଜର ବିପିନ ବିହାରୀ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନପାଳ ଦୀପ୍ତିମୟୀ ନାୟକ ସଦଳବଳ ଚଢ଼ଉରେ ସାମିଲ ହୋଇଥିଲେ। ଖୁବଶୀଘ୍ର ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଚିହ୍ନଟ ଓ ଗିରଫ କରାଯିବ ବୋଲି କୁହାଯାଇଛି।

# ରୋଟାରୀ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କନ୍ଧମାଳ, (ହି.ସ.): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୯ଟା ସମୟରେ ଫୁଲବାଣୀ ନାରାୟଣୀ ରୋଡରେ ଅବସ୍ଥିତ ରୋଟାରୀ ସେବା ସଦନ ଠାରେ ଫୁଲବାଣୀ ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ହରିଶ୍ଚନ୍ଦ୍ର ମହାରଣା, ସମ୍ପାଦକ ମନୋରଞ୍ଜନ ପଟନାୟକ, ବରିଷ୍ଠ ରୋଟାରୀଆନ ତଥା ପ୍ରତିଷ୍ଠାତା ସଦସ୍ୟ, ବରିଷ୍ଠ ସଦସ୍ୟ ତଥା ପ୍ରତିଷ୍ଠାତା ରବି ନାରାୟଣ ସୁବୁଧି, ପଦ୍ମଚରଣ ସ୍ୱାଇଁ, ଶ୍ରୀମତୀ ବିରାଜିନୀ ମହାପାତ୍ର, ସୁନୀତି ଆଚାରି, ରୋଟାରିଆନ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ପ୍ରକାଶ ପଣ୍ଡା, ପଦ୍ମ ଚରଣ ମହାନ୍ତି, ପବନ ଅଗ୍ରୱାଲ, କୁନ୍ଦନ ସିଂ ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ରୋଟାରୀଆନ ସୁନୀଲ ପଟନାୟକ, ବିରାଜିନୀ ମହାପାତ୍ର, ପବନ ଅଗ୍ରୱାଲ, ପ୍ରକାଶ ପଣ୍ଡା, ମୁକ୍ତିକାନ୍ତ ମହାନ୍ତି, ଶରତ ଚନ୍ଦ୍ର ସୁବୁଦ୍ଧି, ଛାୟାବତୀ ମହାରଣା, କୁନା ପାତ୍ର ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବେଳେ ସଂଗୀତା କର, ସ୍ୱାଗତ ତ୍ରିପାଠୀ, ସାମ୍ବାଦିକ ତଥା ସାହିତ୍ୟିକ ଡ଼ଃ. କାହ୍ନୁ ଚରଣ ଶତପଥୀ, ସାମ୍ବାଦିକ ପ୍ରଶାନ୍ତ ବେହେରା, ଶିବରାମ ନାୟକ, ଜିଏନଏମ କଲେଜ ପ୍ରଶାସନିକ ଅଧିକାରୀ ସନ୍ତୋଷ ମିଶ୍ର, ପିଇଓ ମାନସ ପାଣିଗ୍ରାହୀ, କେ. ରାଧାଶ୍ୟାମ ପାତ୍ର, ଶଶୀ ଭୂଷଣ ପ୍ରଧାନ, ପ୍ରଶନ୍ନ ଦାଶ, କାହ୍ନୁ ସାହାଣୀ, ବାବୁଲା କହଁର, ଅଶୋକ ମେକାପ, କିଶୋର ସୁବୁଦ୍ଧି, ଦିବ୍ୟାନ ପାତ୍ର, ରାଜେଶ ପାତ୍ର, ନୀଳ ମାଧବ ପାତ୍ର ପ୍ରମୁଖ ରକ୍ତଦାନ କରିଥିଲେ।

## ବେଆଇନ ବାଲି ଚାଲାଣ

# ୪ ଟ୍ରାକ୍ଟର ଜବତ, ୧ ଲକ୍ଷ ଜରିମାନା



କେଗାଁ (ହି.ସ): ବେଆଇନ ବାଲିଚାଲାଣ କରୁଥିବା ବେଳେ ଶୁକ୍ରବାର ପରିବହନ ବିଭାଗ ଚଢ଼ଉ କରି ୪ଟି ଟ୍ରାକ୍ଟରକୁ ଜବତ କରିବା ସହ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନାନୁସାରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପଣ୍ଡକୁଳ ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଥିଲା। ଫଳରେ କଳାହାଣ୍ଡି ଜିଲ୍ଲା ପରିବହନ ବିଭାଗ ଆଜି ଚଢ଼ଉ କରିଥିଲା। ଚଢ଼ଉ ବେଳେ ୧ ଲକ୍ଷ ଟଙ୍କା ଜରିମାନା କରାଯିବା ସହ ଜବତ ୪ଟି ଯାକ ଟ୍ରାକ୍ଟରକୁ ଦଶପୁର ଫାଣ୍ଡିରେ ଜିମା ଦିଆଯାଇଛି। ଟ୍ରାକ୍ଟରଗୁଡ଼ିକର କାଗଜପତ୍ର ଠିକ ନଥିବାରୁ ଜରିମାନା କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ନାଗାବଳୀ ନଦୀରେ ବୁଡ଼ି ଶିଶୁ ମୃତ

ଥୁଆମୂଳ ରାମପୁର (ହି.ସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଗୁଣପୁର ଫାଣ୍ଡି ଅନ୍ତର୍ଗତ କାର୍ନିବେର ଗ୍ରାମରେ ଗୁରୁବାର ନଦୀରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନାନୁସାରେ ଗତକାଲି ମଧ୍ୟାହ୍ନରେ ଗାଁ'ର ଦାନ ମାଝୀଙ୍କ ପୁଅ ଦୀପକ (୮ ବର୍ଷ) ଗାଧୋଇବାକୁ ନିକଟସ୍ଥ ନାଗାବଳୀ ନଦୀକୁ ଯାଇଥିଲା। ତେବେ ବହୁ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ବାପା ଓ ମା' ତୁରନ୍ତ ନଦୀ କୂଳକୁ ଯାଇଥିଲେ। ସେଠାରେ ନଦୀ କୂଳରେ ପୁଅର ଚପଲ ଥିବା ଦେଖିବା ପରେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ପାଣିରେ ବୁଡ଼ିଯାଇଥିବା ଆଶଙ୍କା କରି ବାପା ଦାନ ନଦୀରେ ପଶି ଖୋଜିବା ପରେ ପୁଅକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ତାକୁ ତୁରନ୍ତ କାଣିଗୁମା ସ୍ୱାସ୍ଥ୍ୟ ସ୍ୱରାଜ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରୁ ଡାକ୍ତର ତାକୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏଠାରେ ଦୀପକକୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଫାଣ୍ଡି ଅଧିକାରୀ ଅଜୟ ନାୟକ ତଦନ୍ତ କରୁଥିବା ଜଣାପଡ଼ିଛି।

# ସର୍ବାଧିକ ଜଳକର ସଂଗ୍ରହ କରି ସବିତା ରଥ ରାଜ୍ୟରେ ପ୍ରଥମ



ରାଉରକେଲା, (ପିପିଏସ): ରାଉରକେଲାର ଜଳସାଥୀ ସବିତା ରଥ ସମଗ୍ର ରାଜ୍ୟରେ ସର୍ବାଧିକ ଜଳକର ସଂଗ୍ରହ କରି ରାଜ୍ୟସ୍ତରରେ ଶ୍ରେଷ୍ଠ ଜଳସାଥୀ ଭାବରେ ବିବେଚିତ ହୋଇଛନ୍ତି। ସେ ଅପ୍ରେଲ ମାସରେ ମୋଟ ୧୦ ଲକ୍ଷ ୪୭ ହଜାର ୧୦୩ ଟଙ୍କା ଜଳ କର ବାବଦକୁ ସଂଗ୍ରହ କରିଛନ୍ତି। ସବିତାଙ୍କ ସମେତ ରାଜ୍ୟ ସରକାରଙ୍କ ଘୋଷଣା କରିଥିବା ଶ୍ରେଷ୍ଠ ୧୦ ଜଣ ମଧ୍ୟରେ ୫ ଜଣ ରାଉରକେଲାର ଜଳସାଥୀ ସ୍ଥାନ ପାଇଛନ୍ତି । ସେମାନଙ୍କୁ ୱାଟକୋ ଡିଭିଜନ' ରାଉରକେଲା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଡାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ଯ ଅତିଥି ଭାବରେ ଯୋଗଦେଇ ଶ୍ରେଷ୍ଠ ପାଂଚ ଜଣ ଜଳସାଥୀଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ ହେଲେ ରାଉରକେଲାର ସବିତା ରଥ, ଲିଲି ଜେନା ୪ର୍ଥ,ରାଜଶ୍ରୀ ମିଶ୍ର ୫ମ, ରଶ୍ମି ରେଖା ପାଣି ୬ଷ୍ଠ ଏବଂ ଲକ୍ଷ୍ମୀ ରାଉତ ଜଳ କର ସଂଗ୍ରହ କରିବାରେ ୯ମ ସ୍ଥାନ ପ୍ରାପ୍ତ କରିଥିବାରୁ ସମ୍ମାନିତ କରାଯାଇଛି। ଏମାନଙ୍କ ବ୍ୟତୀତ ସୁନ୍ଦରଗଡ଼ ପୌରାଚଂଳ, ରାଉରକେଲା ମହାନଗର ନିଗମ, ବୀରମିତ୍ରପୁର ପୌରାଚଂଳ ଓ ରାଜଗାଙ୍ଗପୁର ପୌରାଚଂଳର ମୋଟ ୪୧ ଜଣ ଜଳସାଥୀ ମାନଙ୍କୁ ସମ୍ମାନିତ କରିଛନ୍ତି। ଶ୍ରୀଯୁକ୍ତ ମହାପାତ୍ର ସମ୍ବୋଧନରେ ରାଜ୍ୟସ୍ତରରେ ରାଉରକେଲାର ଜଳ ସାଥୀ ମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ତାଙ୍କର ପରିଶ୍ରମକୁ ପ୍ରଶଂସା କରି ଥିଲେ। ସେ କହିଥିଲେ ଯେ ୱାଟକୋ ମାଧ୍ୟମରେ ମହାନଗର ନିଗମ , ପୌରାଚଂଳ ଅଧିକାଂଶ ଘରେ ଘରେ ଜଳ ଯୋଗାଣସୁବିଧା ପହଞ୍ଚି ପାରିଛି। ଫଳରେ ଉପଭୋକ୍ତା ସଠିକ ସମୟରେ ଜଳ କର ସଳସାଥୀ ମାଧ୍ୟମରେ ପୈଠ କରୁଛନ୍ତି। ରାଉରକେଲା ପରେ ଜୋର ସୋରରେ 'ଡ୍ରିଙ୍କ ଫ୍ରମ ଟ୍ୟାପ' ଅଭିଯାନ ଚାଲିଛି। ତା ସହିତ ପ୍ରତ୍ୟେକ ଘରେ ଜଳ ଯୋଗାଣ ସୁ-ବ୍ୟବସ୍ଥା ଉପରେ ଜୋର ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ୱାଟକୋ ଡିଭିଜନର ମହାପ୍ରବନ୍ଧକ, ରାଉରକେଲା ଆଦିଲ ମୋହମ୍ମଦ, ୱାଟକୋ ଡିଭିଜନର ମହାପ୍ରବନ୍ଧକ, ସୁନ୍ଦରଗଡ଼ ପ୍ରତାପ କେଶରୀ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ବୀରମିତ୍ରପୁର ପୌରାଚଂଳ ସଂବିତ ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜଗାଗପୁର ଗୋବିନ୍ଦ ଦଣ୍ଡସେନା, ୱାଟକୋ ମ୍ୟାନେଜର ସୁଭାଷ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ।

# ଭୁଜାଲି ଆକ୍ରମଣରେ ୪ ଗୁରୁତର

ବଲାଙ୍ଗିର ୭ ମଇ ( ହି. ସ.) : ଆଗଲପୁର ବ୍ଲକ ଅନ୍ତର୍ଗତ ନଅଗାଁ (କ) ପଂଚାୟତ ମୁଣ୍ଡାପାଲି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାରର ୪ ଜଣଙ୍କୁ ଭୂଜାଲିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହା ଆକ୍ରମଣରେ ପରିବାରର ୪ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଗ୍ରାମର କୁନ୍ଦା ସେଠ ଓ ରୋଶନ ସାଙ୍କ ମଧ୍ୟରେ କୌଣସି କାରଣରୁ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ଶନିବାର ସକାଳ ୬ଘଣ୍ଟା ସମୟରେ କୁନ୍ଦା ସେଠ ଏକ ଭୂଜାଲିରେ ରୋଶନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ରୋଶନଙ୍କ ବାପା, ମା ଓ ଭଉଣୀ ପ୍ରତିବାଦ କରିବାରୁ କୁନ୍ଦା ସେମାନଙ୍କୁ ମଧ ଭୂଜାଲିରେ ଆକ୍ରମଣ କରିଥିଲେ । ଭୂଜାଲିରେ ଆକ୍ରମଣ ଫଳରେ ରୋଶନଙ୍କ ସମେତ ତାଙ୍କ ବାପା, ମା ଓ ଭଉଣୀ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଆଗଲପୁର ଡାକ୍ତରଖାନା ନିଆଯାଇଥିଲା।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ




ବଲାଙ୍ଗିର, (ହି.ସ): ବଲାଙ୍ଗିର ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଶିକ୍ଷାଧିକାରୀ କେଶବ ମେହେର ଯୋଗ ଦେଇ ଏ ବର୍ଷର ବିଷୟବସ୍ତୁ କୌଣସି ଭେଦଭାବ ନରଖି ଲୋକଙ୍କୁ ସାହାଯ୍ୟ କରିବା ସମ୍ପର୍କରେ କହିବା ସହ ସ୍ୱାସ୍ଥ୍ୟ ସେବା ଓ ବିଶ୍ୱ ବନ୍ଧୁତା ଯୋଗୁଁ ରେଡକ୍ରସ ବିଶ୍ୱବିଦିତ, ଅନ୍ୟ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଜୁନିୟର ରେଡକ୍ରସ ସଂପାଦକ ଅନ୍ତର୍ଯ୍ୟାମି ବିଶ୍ୱାଲ ଯୋଗ ଦେଇ ରେଡକ୍ରସ ଦିବସ ପାଳିବାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ସୁବାଷ ଚନ୍ଦ୍ର ପଟେଲ ଆଗାମୀ ଦିନରେ ଜିଲ୍ଲା ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କାଉନସିଲରମାନଙ୍କୁ ଆହ୍ୱାନ ଦେଇଥିଲେ । ପରେ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପଥିକମାନଙ୍କୁ ଅଂଶୁଘାତ ପ୍ରତି ସଚେତନତା କରାଯିବା ସହିତ ଦହି ପାଣି ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଜ୍ୟ ସାଧନ କର୍ମୀ ବିକାଶ ରଂଜନ ସାହୁ ପରିଚାଳନା କରିଥିବା ବେଳେ ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ଦିଗାମ୍ବର ନାଏକ, ରବିନ୍ଦ୍ର ଠେଟୁଆଲ, ରାମ ନାରାୟଣ ଦାଶ, ରଂଜିତ ମିଶ୍ର, ପ୍ରଭାକର ଛନ୍ଦ, ତୁଲେଶ୍ୱର ବାରିକ, ରଂଜିତା ମିଶ୍ର, ଅରୁନ୍ଧତି ବଡ଼େଇ, ଟୁନିତା ସାହୁ, ସୁନିତା ପାଣିଗ୍ରାହୀ, ଝୁନିତା ଭୋଇ, ଟିକେ ଜାଲ ପ୍ରମୁଖ ସହଯୋଗ କରିଥିଲେ।

# ଜୟପୁରରେ ଭାଲୁ ଆତଙ୍କ

ଜୟପୁର, (ହି.ସ.): ଜୟପୁରରେ ଭାଲୁ ଆତଙ୍କ । ଜୟପୁର ରେଲଷ୍ଟେସନ ଅଂଚଳରେ ଗତ ତିନି ଦିନ ହେବ ଭାଲୁ ରହିଛି । ଯାହାଫଳରେ ଗ୍ରାମ ବାସୀ ମାନେ ଆତଙ୍କିତ ହୋଇ ପଡିଛନ୍ତି । ଖବର ପାଇ ଜୟପୁର ବନ ବିଭାଗର ଏକ ଟିମ ଭାଲୁ କେଉଁଠି ଅଛି ଖୋଜା ଖୋଜି କରି ଫେରିଥିଲେ, କିନ୍ତୁ କିଛି ଖୋଜ ଖବର ପାଇନ ଥିଲେ । ଭାଲୁ ଜୟପୁର ଏୟାର ପୋର୍ଟ ଅଂଚଳରେ ବଲୁଥିବା ଖବର ପାଇଥିଲେ ବନ ବିଭାଗ। ଭାଲୁ କୁ ଧରି ଜଙ୍ଗଲରେ ଛାଡିବାକୁ ବନ ବିଭାଗ ତରଫରୁ ଆରମ୍ଭ ହୋଇଛି ନାଇଟ ଅପରେସନ। ଏହି ନାଇଟ ସଜ ଅପରେସନରେ ୩୦ ଜଣ ବନ କର୍ମଚାରି ସାମିଲ ହୋଇଛନ୍ତି । ସଂନ୍ଧ୍ୟା ସମୟରେ ଏ ସବୁ ଅଂଚଳରେ ଚଳ ପ୍ରଚଳ ନକରିବାକୁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ ବନ ବିଭାଗ ତରଫରୁ କରାଯାଉଛି । ଭାଲୁଟି ତିନି ଦିନ ହେବ ଜୟପୁରରେ ଆକଙ୍କ ଖେଳାଇଛି। ବନ ବିଭାଗ ଭାଲୁ କୁ ଆୟତ କରି ଜଙ୍ଗଲରେ ଛାଡିବାକୁ ଉଦ୍ୟମ କରୁଥିବା ଜଣାଯାଇଛି ।

## ବିଦ୍ୟୁତ୍ ସଂଯୋଗ ନାହିଁ

# କାର୍ଯ୍ୟକ୍ଷମ ହୋଇପାରୁନି ୮୫ ଉଠା ଜଳସେଚନ ପ୍ରକଳ୍ପ



ତେଲକୋଇ (ହି.ସ): ଉଠାଜଳସେଚନ ନିଗମ ପକ୍ଷରୁ ଚାଷୀଙ୍କ ଜମିରେ ଗଭୀର ନଳକୂପ ଖୋଳାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିବାରୁ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଖରାଦିନେ ଚାଷବାସ ହୋଇପାରୁ ନଥିବା କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍‌ର ଚାଷୀମାନେ ଅଭିଯୋଗ କରିଛନ୍ତି। ୭ ବର୍ଷ ତଳେ ଅର୍ଥାତ୍ ୨୦୧୭ରେ ଚାଷୀମାନେ ନିଜ ଜମିରେ ଗଭୀର ନଳକୂପ ଖୋଳିବା ନିମନ୍ତେ ଆବେଦନ କରିଥିଲେ। ଦୁଇବର୍ଷ ତଳେ ଚାଷୀଙ୍କ ଜମିରେ ନଳକୂପ ଖୋଳଯାଇଥିଲା। କେନ୍ଦୁଝର ଜିଲ୍ଲାରେ ୫୦୦ରୁ ଉର୍ଦ୍ଧ୍ୱ ଗଭୀର ନଳକୂପ ଖୋଳା ଯାଇଥିବା ବେଳେ ତେଲକୋଇ ବ୍ଲକ୍‌ରେ ୮୫ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ରହିଛି। ବିଦ୍ୟୁତ୍ ଖୁଣ୍ଟ ପୋତାଯିବା ସହ ତାର ଟଣାଯାଇ ଟ୍ରାନ୍ସଫର୍ମର ବସାଯାଇଛି। ଚାଷୀଙ୍କୁ ପାଣି ଉଠାଇବା ପାଇଁ ମୋଟର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ମିଟର ବସାଇ ବିଦ୍ୟୁତ୍ ସଂଯୋଗ ଦେବାକୁ ଚାଷୀମାନେ ବିଦ୍ୟୁତ୍ ବିଭାଗ ନିକଟରେ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହେଉନାହିଁ। ଫଳରେ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ।

ଜମିରେ ଗଭୀର ନଳକୂପ ଖୋଳାଯିବା ପରେ ଚାଷୀମାନେ ଉଭୟ ରବି ଓ ଖରିଫ ଋତୁରେ ବିଭିନ୍ନ ଚାଷ କରି ଦୁଇପଇସା ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଚାଷ କରିବା ସମ୍ଭବ ହେଉନାହିଁ ବୋଲି ତେଲକୋଇ ବ୍ଲକ୍ ଖୁଣ୍ଟାପଡ଼ା ଗ୍ରାମର ଚାଷୀ ଯୋଗେନ୍ଦ୍ର ପ୍ରଧାନ, ବ୍ରଜକିଶୋର ପ୍ରଧାନ, ସାରଙ୍ଗଧର ପ୍ରଧାନ, ହୃଷୀକେଶ ବିଶ୍ୱାଳ ପ୍ରମୁଖ ପ୍ରମୁଖ ପ୍ରକାଶ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଳଉତ୍ସ ଗୁଡ଼ିକ ଶୁଖିଯାଇଛି। ଫଳରେ ପରିବା ଚାଷ କରିବା ସମ୍ଭବ ହେଉନାହିଁ। ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେଇ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀମାନେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଜିଲ୍ଲା ଉଠାଜଳସେଚନ ନିଗମର ନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀଙ୍କୁ ପଚାରିବାରୁ, କିଛି ଚାଷୀ ନିଜର ବକେୟା ବିଦ୍ୟୁତ୍ ବିଲ୍ ନଥିବା ନେଇ ନୋ ଡିଉଜ୍ ପ୍ରମାଣପତ୍ର ଦେଉନାହାନ୍ତି। ଯେଉଁଥିପାଇଁ ପ୍ରକଳ୍ପ ଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରୁ ନାହିଁ। ଯେଉଁମାନେ ପ୍ରମାଣପତ୍ର ଦାଖଲ କରିଛନ୍ତି ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଟର ବସାଯାଇ ବିଦ୍ୟୁତ୍ ସଂଯୋଗ ଦିଆଗଲେ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୯।୦୫।୨୦୨୩ ■ ମଙ୍ଗଳବାର

# ମଣିପୁରର ନିଆଁ

ମଣିପୁରରେ ଆଦିବାସୀ ଓ ସଂଖ୍ୟାଗରିଷ୍ଠ ମୈତେଇ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ଯେଉଁଳି ହିଂସା ଘଟିଛି ତାହା ଅତ୍ୟନ୍ତ ନିନ୍ଦନୀୟ। ମଣିପୁରରେ ବ୍ୟାପିଥିବା ହିଂସାକୁ ଲକ୍ଷ୍ୟକରି ଦେଖିବା ମାତ୍ରେ ଗୁଳି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେଠାକୁ ବହୁ ସଂଖ୍ୟାରେ ସେନା, ଆସାମ ରାଇଫଲ୍ସ ଓ ସ୍ଥାନୀୟ ପୋଲିସଙ୍କୁ ମୁତୟନ କରାଯାଇଛି। ନଅ ହଜାରରୁ ଅଧିକ ଲେକାଙ୍କୁ ଯେଉଁଠି ସ୍ଥାନାନ୍ତରିତ କରାଯାଇଛି, ସେଠିକାର ଅବସ୍ଥା କ'ଣ ତାହା ସହଜରେ ଅନୁମେୟ। ମଣିପୁର ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ଲୋକମାନେ ଭୁଲ୍ ଧାରଣାର ବଶବର୍ତ୍ତୀ ହୋଇ ହିଂସାକାଣ୍ଡରେ ବ୍ୟାପୃତ ହୋଇଗଲେ। କିନ୍ତୁ ପ୍ରଶ୍ନ ହେଉଛି ଭୁଲ୍ ଧାରଣା ସୃଷ୍ଟି କିପରି, କ'ଣ ସରକାର ତାହାକୁ ଦୂର କରିବା ଲାଗି କୌଣସି ପ୍ରୟାସ କରିଥିଲେ। ଯଦି ସରକାର ବାସ୍ତବରେ ସେ ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି ସମାଧାନ କରିବା ଲାଗି ପ୍ରୟାସ କରିଥାଆନ୍ତେ, ତେବେ ସମ୍ଭବତଃ ଏ ପ୍ରକାର ସ୍ଥିତି ସୃଷ୍ଟି ହୋଇ ନଥା'ନ୍ତା। ମଣିପୁର ହାଇକୋର୍ଟ ଗତ ବୁଧବାର ଦିନ ଏକ ଆଦେଶ ଦେଇଥିଲେ, ଯହିଁରେ କୁହାଯାଇଥିଲା ଯେ ମୈତେଇ ସଂପ୍ରଦାୟର ଲୋକଙ୍କୁ ଆଦିବାସୀଭାବେ ବିଚାର କରିବାକୁ ସରକାର ପଦକ୍ଷେପ ନେଉ। ଏହାକୁ ନେଇ ଅନ୍ୟ ଆଦିବାସୀ ସଂପ୍ରଦାୟର ଲୋକେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କଲେ।

ଅବଶ୍ୟ ଏ ମାମଲା କିଛି ନୂଆ ନୁହେଁ। ମୈତେଇ ସଂପ୍ରଦାୟ ଦୀର୍ଘକାଳ ହେଲା ନିଜକୁ ଆଦିବାସୀ ସଂପ୍ରଦାୟ ଭାବେ ଚିହ୍ନଟ ହେବାକୁ ଦାବି କରି ଆସୁଛନ୍ତି। ଏ ସମ୍ବନ୍ଧରେ ଅଦାଲତକୁ ମଧ୍ୟ ଯାଇଥିଲେ। କିନ୍ତୁ ଏ ହିଂସାତ୍ମକ ବିକ୍ଷୋଭର ଅସଲ କାରଣ ସେ ଅଦାଲତ ନିର୍ଣ୍ଣୟ ନୁହେଁ, ବରଂ ସରକାରଙ୍କ ବ୍ୟବହାର। ଚଳିତ ବର୍ଷ ଫେବ୍ରୁଆରୀରେ ଯେବେ ସରକାର ପାହାଡ଼ ଅଞ୍ଚଳରୁ ବେଆଇନ ପ୍ରବାସୀଙ୍କୁ ହଟାଇବା ଆରମ୍ଭ କଲା, ସେବେ ପ୍ରଥମଥର ଲାଗି ହିଂସାକାଣ୍ଡ ଘଟିଥିଲା। ସେଠାକାର ନାଗା ଓ କୁକୀ ସଂପ୍ରଦାୟର ତେତିଶି ଜାତିଙ୍କୁ ଆଦିବାସୀ ମାନ୍ୟତା ମିଳିଛି ଓ ସେମାନଙ୍କ ଲାଗି ଚିହ୍ନିତ ଭୂଭାଗ ଉପରେ କୌଣସି ଅଣ-ଜନଜାତି ସଂପ୍ରଦାୟର ବ୍ୟକ୍ତିକୁ ଦଖଲ କରିବାର ଅନୁମତି ନାହିଁ; କିନ୍ତୁ ଯେଉଁମାନଙ୍କୁ ପ୍ରବାସୀ ଦର୍ଶାଇ ବାହାର କରାଗଲା, କୁକୀ ସଂପ୍ରଦାୟ ସେମାନଙ୍କୁ ନିଜର ବୋଲି ଦର୍ଶାଇଛନ୍ତି। ବିବାଦର ଅସଲ କାରଣ ହେଉଛି ଯଦି ଅଦାଲତର ନିର୍ଣ୍ଣୟ ଅନୁସାରେ ମୈତେଇ ସଂପ୍ରଦାୟକୁ ଜନଜାତି ମାନ୍ୟତା ଦିଆଯାଏ, ତେବେ ସେମାନେ ନାଗା ଓ କୁକୀଙ୍କ ଲାଗି ସଂରକ୍ଷିତ ଭୂଖଣ୍ଡକୁ ଅନାୟସରେ ଦଖଲକୁ ନେଇ ଯାଇପାରିବେ। ମୈତେଇ ସଂପ୍ରଦାୟ ସେଠାକାର ଆର୍ଥିକ ଓ ରାଜନୈତିକ ସ୍ତରରେ ବେଶ୍ ପ୍ରଭାବଶାଳୀ। ତାଙ୍କ ଭାଗରେ ଭୂଖଣ୍ଡ ଯଦିଓ ଅପେକ୍ଷାକୃତ କମ୍, କିନ୍ତୁ ସଂଖ୍ୟା ଦୃଷ୍ଟିରୁ ସେମାନେ ଜନଜାତି ସଂପ୍ରଦାୟଠାରୁ ଢେର ଅଧିକ।

ମଣିପୁର ରାଜ୍ୟ ରାଜନୀତିରେ ଷାଠିଏ ମଧ୍ୟରୁ ଚାଳିଶ ବିଧାନସଭା ଆସନ ମୈତେଇମାନଙ୍କ ଦଖଲରେ ରହିଆସିଛି। ତେଣୁ ଜନଜାତି ସଂପ୍ରଦାୟଙ୍କ ମନରେ ଭୟ ରହିଛି ଯେ ମୈତେଇମାନଙ୍କ ଦଖଲରେ ରହିଆସିଛି। ତେଣୁ ଜନଜାତି ସଂପ୍ରଦାୟଙ୍କ ମନରେ ଭୟ ରହିଛି ଯେ ମୈତେଇ ସଂପ୍ରଦାୟ ସେମାନଙ୍କ ହକ୍ ଛଡ଼ାଇନେବେ। ମୈତେଇ ସଂପ୍ରଦାୟର ଯୁକ୍ତି ହେଉଛି ମଣିପୁରର ଭାରତରେ ବିଲୟ ହେବା ପୂର୍ବରୁ ତାଙ୍କୁ ଜନଜାତି ସଂପ୍ରଦାୟର ମାନ୍ୟତା ମିଳିଥିଲା, ତେଣୁ ସେମାନଙ୍କୁ ତାଙ୍କର ପୁରୁଣା ମାନ୍ୟତା ମିଳିବା ଦରକାର। ଏହା ଉପରେ ବିଚାର କରି ହାଇକୋର୍ଟ ନିର୍ଣ୍ଣୟ ଦେଇଥିଲେ। ଏମିତି ନୁହେଁ ଯେ ଜନଜାତି ଓ ଅଣ-ଜନଜାତି ସଂପ୍ରଦାୟ ମଧ୍ୟରେ ଦୀର୍ଘଦିନ ଧରି ଚାଲି ଆସିଥିବା ସଂଘର୍ଷ ସଂପର୍କରେ ରାଜ୍ୟ ସରକାର ଜାଣିନଥିଲେ। ଯେବେ ଫେବ୍ରୁଆରୀରେ ପ୍ରବାସୀମାନଙ୍କୁ ଧରି ବାହାର କରିବାର ଅଭିଯାନ ଆରମ୍ଭ ହେଲା, ସେବେଠାରୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ପ୍ରୟାସ କରିବାର ଥିଲା। ଯେବେ ବି ଉତ୍ତର ପୂର୍ବାଞ୍ଚଳରେ ହିଂସାକାଣ୍ଡ ଘଟୁଛି ନିରପରାଧ ଲେକାଙ୍କର ମୃତ୍ୟୁ ଘଟୁଛି, ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ଏବେ ସେନା ଜରିଆରେ ଲୋକଙ୍କ ବିରୋଧକୁ ଦବାଇବା ଲାଗି ଉଦ୍ୟମ ହେଉଛି। ମ୍ୟାଁମାରରୁ ହେଉଥିବା ଅନୁପ୍ରବେଶ ଓ ଚୋରା ନିଶା କାରବାରର ପେଣ୍ଠସ୍ଥଳ ହେଉଛି ମଣିପୁର। ତେଣୁ ଦୃଢ଼ଭାବେ ଏ ପ୍ରକାର ହିଂସାକୁ ଦମନ କରିବା ବେଳେ ଅନୁପ୍ରବେଶ ଓ ନିଶା କାରବାରକୁ ମଧ୍ୟ ଦୃଢ଼ଭାବେ ଦମନ କରିବା ଆବଶ୍ୟକ। ❐❐

–ଭର୍ତ୍ତୃହରି ମହତାବ

# ସ୍ୱାଧୀନ ଭାରତର ମହିଳା ସଂଗ୍ରାମୀ

ସ୍ୱାଧୀନତା ହାସଲର ୭୫ ବର୍ଷ ପର୍ତ୍ତି ଉତ୍ସବ ପାଳନ ବେଳେ ଦେଶରେ ଅର୍ଦ୍ଧେକ ନାଗରିକ ଗୋଷ୍ଠୀ ଅର୍ଥାତ୍ ମହିଳାଙ୍କ ସ୍ୱାଧୀନତା, ଆତ୍ମସମ୍ମାନ, ସମାନ ଅଧିକାର ଓ ପ୍ରତିନିଧିତ୍ୱ ଆଦିର ସ୍ଥିତି ସମ୍ପର୍କରେ ଆତ୍ମସମୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସ୍ୱାଧୀନତା ପ୍ରାପ୍ତି ଠାରୁ କ୍ରମବର୍ଦ୍ଧିଷ୍ଣୁ ଲିଙ୍ଗ ଅନୁପାତ ଏକ ଚିନ୍ତାଜନକ ବିଷୟ ହୋଇରହିଛି। ତେବେ ବିଗତ ଦୁଇ ଦଶନ୍ଧିରେ ଲିଙ୍ଗ ଅନୁପାତରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ପ୍ରତି ହଜାରେ ପୁରୁଷରେ ୨୦୦୧ରେ ୯୩୩ ଜଣ ମହିଳା ଥିବାବେଳେ ୨୦୧୧ରେ ଏହି ହାର ୯୪୩କୁ ବୃଦ୍ଧି ପାଇଥିଲା। ୨୦୨୧ରେ ପ୍ରଥମ ଥର ପାଇଁ ଦେଶରେ ପ୍ରତି ୧୦୦୦ ପୁରୁଷରେ ୧୦୨୦ ମହିଳା ଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି। ତଥାପି ଆଜି ବି ଲିଙ୍ଗ ନିରୂପଣ କରି ଅସୁରକ୍ଷିତ ଭାବେ କନ୍ୟାଭ୍ରୁଣ ଗର୍ଭପାତ ଯୋଗୁଁ ପ୍ରତି ଦିନ ଭାରତରେ ଆଠଜଣ ମହିଳା ମୃତ୍ୟୁବରଣ କରୁଛନ୍ତି। ବ୍ରିଟିଶ ଦେଶ ଛାଡ଼ି ଯିବା ବେଳେ ଭାରତର ସାକ୍ଷରତା ହାର ୨୦%ରୁ କମ ଥିଲା। ଏହି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିପାରିଛି, କିନ୍ତୁ ୨୦୧୧ ବେଳକୁ ନାରୀ ସାକ୍ଷରତା ହାର ଥିଲା ୬୫.୪୬% ଯାହା ବିଶ୍ୱ ହାରାହାରି ଠାରୁ ୨୦% କମ। ସରକାରୀ ତଥ୍ୟ ଅନୁସାରେ ପ୍ରଜନନକ୍ଷମ ବୟସର ମହିଳାଙ୍କ ମଧ୍ୟରୁ ୨୦% ଅପପୁଷ୍ଟି ଭୋଗୁଛନ୍ତି। ୧୫-୪୯ ବର୍ଷର ମହିଳାଙ୍କ ମଧ୍ୟରୁ ପ୍ରାୟ ୬୦% ରକ୍ତହୀନତା ଭୋଗୁଛନ୍ତି, ଉଦ୍‌ବେଗଜନକ କଥା ହେଲା ଏ ସଂଖ୍ୟା ୨୦୧୫-୧୬ ଓ ୨୦୧୯-୨୦ ମଧ୍ୟରେ ୫୩ରୁ ୫୭%କୁ ବୃଦ୍ଧି ପାଇଛି। ଶିଶୁଙ୍କ ଉପରେ ଏସବୁର ସିଧାସଳଖ କୁପ୍ରଭାବ ପଡ଼ିଥାଏ। ନାରୀ ସାକ୍ଷରତା ହାରରେ ବୃଦ୍ଧି ସତ୍ତ୍ୱେ କର୍ମକ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ କ୍ରମେ ହ୍ରାସ ପାଇବାରେ ଲାଗିଛି। ୨୦୧୬-୧୭ରେ ୧୫% ମହିଳା ନିଯୁକ୍ତି ଥିଲେ ବା ଚାକିରି ସନ୍ଧାନ କରୁଥିଲେ, ଯେତେବେଳେ କି ୨୦୨୧-୨୨ରେ ଏହି ହାର ମାତ୍ର ୯%କୁ ଖସିଆସିଛି। ମହାମାରୀ ଦ୍ୱାରା ପୁରୁଷଙ୍କ ତୁଳନାରେ ମହିଳାମାନେ ଦୁଇଗୁଣରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏହିସବୁ କାରଣରୁ ୱାର୍ଲଡ଼ ଇକୋନୋମିକ ଫୋରମ୍‌ର ଲିଙ୍ଗ ବୈଷମ୍ୟ ରିପୋର୍ଟ-୨୦୨୨ରେ ଭାରତ ୧୪୬ ଦେଶ ମଧ୍ୟରେ ୧୩୫ତମ ସ୍ଥାନକୁ ଖସି ଆସିଛି। ସ୍ୱାଧୀନୋତ୍ତର ଭାରତରେ ନାରୀ ବିରୋଧୀ ହିଂସା ହ୍ରାସ ପାଇନାହିଁ ବରଂ ହିଂସା, ଉତ୍ପୀଡ଼ନା, ଯୌନ ହିଂସା ଆଦିର ସଂଖ୍ୟା ବଢ଼ି ଚାଲିଛି। ଏନଏଫଏଚଏସ-୫ ତଥ୍ୟ ଅନୁସାରେ ଦେଶରେ ତିନି ଜଣରୁ ଜଣେ ମହିଳା ଶାରୀରିକ ବା ଯୌନ ହିଂସା ଅଙ୍ଗେ ନିଭାଇଛନ୍ତି। ନୀତି ନିର୍ଦ୍ଧାରଣରେ ମହିଳାଙ୍କ ପ୍ରତିନିଧିତ୍ୱ ଆଜି ବି ନଗଣ୍ୟ। ଲୋକସଭାର ମାତ୍ର ୧୪% ସଦସ୍ୟ ହେଉଛନ୍ତି ମହିଳା, ଯେତେବେଳେ କି ଏ କ୍ଷେତ୍ରରେ ବିଶ୍ୱ ହାରାହାରି ହାର ହେଉଛି ୨୫%। ମହିଳାଙ୍କୁ ସମାନ ସ୍ୱାଧୀନତା ଦେବାକୁ ବା ଲିଙ୍ଗ ସମତା ହାସଲ କରିବାକୁ ଭାରତକୁ ୧୩୪ ବର୍ଷ ଲାଗିଯିବ ବୋଲି ଏକ ବିଶ୍ୱସ୍ତରୀୟ ରିପୋର୍ଟ ପୂର୍ବାନୁମାନ କରିଛି।

ଡଃ.ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,

# ତ୍ରିସ୍ତରୀୟ ଅପରେସନ୍ ଟୁ ପାକ୍

## ସୌମେନ୍ଦ୍ର ଜେନା

ପାକ୍ ସରକାରଙ୍କ ଭାରତ ବିରୋଧୀ ଛାୟାଯୁଦ୍ଧ ଅପରେସନ ଟୁପାକକୁ ତିନୋଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥାଏ। ପ୍ରଥମ ପର୍ଯ୍ୟାୟଟି ୧୯୭୦ରୁ ୧୯୮୮କୁ ଧରାଯାଇଥାଏ । ବଙ୍ଗଳାଦେଶ ଯୁଦ୍ଧପରେ ଆଇଏସ୍ଆଇ ଯୋଜନାରେ ଜେକେଏଲ୍ଏଫ ନାମରେ ସନ୍ତ୍ରାସବାଦୀ ଗୋଷ୍ଠୀ ସ୍ଥାପନ କରାଯାଇଥିଲା । ଏହି ଦଶନ୍ଧିରେ ହଲ୍‌କାଇ ଆହବେ ଇସଲାମୀରୁ ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା ଜନ୍ମ ହୋଇଥିଲା। ଏହି ସମୟରେ ଭାରତରେ ଷ୍ଟୁଡେଣ୍ଟସ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି) ନାମରେ ସଂଗଠନ କାର୍ଯ୍ୟାରମ୍ଭ କରିଥିଲା। ଏହି ଦଶନ୍ଧିରେ ଜାମ୍ମୁ-କାଶ୍ମୀରର ଷ୍ଟୁଡେଣ୍ଟସ ଇସଲାମିକ ଅର୍ଗାନାଇଜେସନ ଗଢାଯାଇ ପରେ ଜମାତେ ଇସଲାମୀ ପାକିସ୍ଥାନର ଛାତ୍ରଶାଖା ଇସଲାମୀ ଜମିଆତ-ଇ-ତଲାବାରେ ମିଶିଯାଇଥିଲା । ଆଇଏସ୍ଆଇର ଘୁଲାମ ନବି ଫାଏ଼ି ଜାମ୍ମୁ-କାଶ୍ମୀରରେ ପରିଚିତ ନାମ ଥିଲା। ସେହି ୭୦ ଦଶକରେ ବଙ୍ଗଳାଦେଶରେ ଜମାତର ଛାତ୍ରଶାଖା ଇସଲାମିକ ଛାତ୍ର ଶିବିର ଗଠନ କରାଯାଇଥିଲା। ଆସୋସିଏସନ୍ ଅଫ୍ ପାକିସ୍ଥାନୀ ଡିସେଣ୍ଟ ଇନ୍ ନର୍ଥ ଆମେରିକା (ଅପ୍‌ନା) ୧୯୭୭ରେ ଗଢାଯାଇଥିଲା । ଏହି ଦଶନ୍ଧିରେ ଅନେକଗୁଡିଏ ପ୍ରମୁଖ ସଂଗଠନମାନ ଗଢା ହୋଇଥିଲେ।

ଏଥିରେ ଅନ୍ୟ ଏକ ବିଷୟ ଲକ୍ଷ୍ୟ କରିବାର କଥା ହେଲା ଯେ ଯେଉଁମାନେ ଏହିସବୁ ସଂଗଠନ ଗଢିଥିଲେ ସେମାନେ ପରବର୍ତ୍ତୀ କାଳରେ ସେମାନଙ୍କ ପରିବାରବର୍ଗଙ୍କୁ ସେଥିରେ ସାମିଲ କରି ନେତୃତ୍ୱକୁ ନିଜ ହାତରେ ରଖିବାଲାଗି ଚେଷ୍ଟା କଲେ। ଉଦାହରଣ ସ୍ୱରୂପ ସାଉଣ୍ଡ ଭିଜନ ଏବଂ ଜେଏଫ୍ଏର ପ୍ରତିଷ୍ଠାତା ଅବଦୁଲ ମାଲିକ ମୁଜାହିଦ ୭୦ଦଶକରେ ଜମିଆତ ଇ-ତଲାବାର ଅଧ୍ୟକ୍ଷ ରହିଥିଲେ। ସିମିର ପ୍ରତିଷ୍ଠାତା ମହମ୍ମଦ ଅବଦୁଲ୍ଲା ସିଦ୍ଦିକୀ ଜେଏଫ୍ଏ ସହିତ ସଂପୃକ୍ତ ଥିଲା । ମହମ୍ମଦ ଅୟୁବ ଠାକୁରର ପୁଅ ମୁଜାମ୍ମିଲ ଏବେ କାଶ୍ମୀରର ମଶାଲଧାରୀ ସାଜିଛି । ନିକଟ ଅତୀତରେ ଜାତିସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କାଶ୍ମୀରୀଙ୍କ ବୈଠକରେ ଭାରତର ମହିଳା ପ୍ରତିନିଧି ଯୋଗ ଦେଇଥିଲା ବେଳେ ଅୟୁବ ଠାକୁର ସେମାନଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା । କାଶ୍ମୀରର ବିକାଶଧାରା ଏବଂ ଜନ ଜୀବନର ଉନ୍ନତି ବିଷୟରେ ଜାତିସଂଘରେ ଆଲୋଚନା ହେଲାବେଳେ ପାକ୍ ସମର୍ଥିତ ଅୟୁବ ଗୋଷ୍ଠୀ ସବୁବେଳେ ଭ୍ରାନ୍ତି ସୃଷ୍ଟି କରିବାକୁ ପ୍ରୟାସ କରିଥାନ୍ତି ।

ଅପରେସନ ଟୁପାକର ଦ୍ୱିତୀୟ ପର୍ଯ୍ୟାୟର ସମୟ କହିଲେ ୧୯୮୦ରୁ ୧୯୯୦କୁ ବୁଝାଇଥାଏ । ଏହି ସମୟରେ ପାକ୍ ଓ ଭାରତରୁ ଅଲଗା ହେବାକୁ ଜାମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ ଆହ୍ୱାନ ଦେଇଥିଲା । ପାକ୍‌ର ରାଜନେତା ଏବଂ ମାନବତାବାଦୀମାନେ ପାକ୍‌ର କାଶ୍ମୀର ନୀତିକୁ କେନ୍ଦ୍ର କରି ସେହି ଆହ୍ୱାନକୁ ସମର୍ଥନ ଜଣାଇଥିଲେ । ସେମାନଙ୍କ ମତବ୍ୟକ୍ତର ଅଧିକାର, ମାନବାଧିକାରର ସୁରକ୍ଷା ସେ ପର୍ଯ୍ୟନ୍ତ ଠିକ୍ ଥିଲା, ଯେ ପର୍ଯ୍ୟନ୍ତ ସେମାନେ ପାକ୍‌ର ନୀତିକୁ ସମର୍ଥନ କରୁଥିଲେ । ଆମେରିକା, ୟୁରୋପ ଏବଂ ଭାରତରେ ଥିବା ସେମାନଙ୍କ ସମର୍ଥକଙ୍କୁ ସମର୍ଥନ କରୁଥିଲେ । କାଶ୍ମୀରୀ ଲୋକଙ୍କର କିଛି ମତ ନଥିଲା କି ସେମାନେ ସନ୍ତ୍ରାସବାଦକୁ ବିରୋଧ ମଧ୍ୟ କରୁନଥିଲେ । ଜେକେଏଲଏଫର କାର୍ଯ୍ୟ ପାକ୍‌କୁ ସହାୟକ ନହେବା ଯୋଗୁ ସେମାନେ ବିକଳ୍ପର ଅନ୍ୱେଷଣ କଲେ । ତେଣୁ ୧୯୮୦ ପରେ ଅନ୍ୟ ଏକ ଗୋଷ୍ଠୀ ଲସ୍କର-ଇ-ତୈବା ଏବଂ ହିଜବୁଲ ମୁଜାହିଦ୍ଦୀନ ପାକ୍ ସରକାରଙ୍କ ଯୋଜନାରେ ମୁଣ୍ଡ ଟେକିଲା । ଏହି ସମୟରେ ଅନେକଗୁଡିଏ ସଂଗଠନ ରାତାରାତି ମୁଣ୍ଡ ଟେକିଲେ। ସମସ୍ତଙ୍କର ଗୋଟିଏ ମୁଖ୍ୟ ଗୋଷ୍ଠୀ ସହ ସଂପର୍କ ରହିଥିଲା । ଜଷ୍ଟିସ୍ ଫର୍ ଅଲ୍‌ର ମୂଳ ସଂଗଠନ 'ଦି ସାଉଣ୍ଡ ଭିଜନ' ୧୯୮୮ରେ ଜମାତର ଆଇସିଏନ୍ଏ ବା ଇସଲାମିକ କାଉନସିଲ ଅଫ୍ ନର୍ଥ ଆମେରିକା ଦ୍ୱାରା ଆରମ୍ଭ କରାଯାଇଥିଲା । ୧୯୮୯ରେ 'ଦି ମେସେଜ୍ ଇଣ୍ଟରନେସନାଲ' ପତ୍ରିକା ଆରମ୍ଭ ହୋଇଥିଲା । ସେମିତି ୧୯୯୦ରେ ଆଇଏସ୍ଆଇର ଆର୍ଥିକ ସହାୟତା ଲାଭ କରୁଥିବା ମହମ୍ମଦ ଅୟୁବ ଠାକୁର ଏବଂ ଘୁଲାମ ନବି ଫାଏ଼ିଙ୍କ ଦ୍ୱାରା ୱାର୍ଲଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ ଏବଂ କାଶ୍ମୀର ଆମେରିକାନ କାଉନସିଲ ଗଠିତ ହୋଇଥିଲା।

ଅପରେସନ ଟୁପାକ୍‌ର ତୃତୀୟ ପର୍ଯ୍ୟାୟ ୨୦୧୦ରୁ ଅଦ୍ୟାବଧି ଜାରି ରହିଛି । ୨୦୧୧ରେ ଦୁଇଟି ପ୍ରମୁଖ ଘଟଣା ଘଟିଥିଲା । ଭାରତ ସରକାର ୨୦୧୧-୨୦୧୭ ମଧ୍ୟରେ ବିଦେଶୀ ଦାନ ଗ୍ରହଣ ଆଇନର ଉଲ୍ଲଘନକୁ କେନ୍ଦ୍ର କରି ପ୍ରାୟ ୧୮,୮୬୮ ସ୍ୱେଚ୍ଛାସେବୀ ସଂଗଠନର ମାନ୍ୟତାକୁ ବାତିଲ କରିଥିଲେ। ଆଇନକୁ ବଳବତ୍ତର କରିବା ଯୋଗୁ ସହାୟତା ରାଶି ୨୦୧୫-୧୬ରେ ୧୭୭୭୩ କୋଟିରୁ ହ୍ରାସ ପାଇ୨୦୧୬-୧୭ରେ ୧୧୨୭୪ କୋଟିକୁ ଖସିଆସିଥିଲା । ଦ୍ୱିତୀୟ ଘଟଣାଟି ହେଲା ପାକ୍ ସିନେଟ୍ ୩ ଅକ୍ଟୋବର ୨୦୧୬ରେ ଏକ ରିପୋର୍ଟ ପ୍ରକାଶ କଲେ ଯେ କାଶ୍ମୀର ସଂକ୍ରାନ୍ତରେ ବିଦେଶରେ ଯେପରି ଭାରତ ବିରୋଧୀ ମନୋଭାବ ସୃଷ୍ଟି ହେବ ସେଥିପାଇଁ ଯେତେ ସବୁ ଲବି ଫାର୍ମ ରହିଛି ସେମାନଙ୍କୁ କାର୍ଯ୍ୟରେ ଲଗାଯିବ । ଫଳସ୍ୱରୂପ୨୦୧୬-୧୯ ମଧ୍ୟରେ ଅନେକଗୁଡିଏ ସଂଗଠନ କାଶ୍ମୀର ନାମରେ ଛତୁ ଫୁଟିଲା ପରି ବ୍ରିଟେନ ଓ ଆମେରିକା ମଧ୍ୟରେ ମୁଣ୍ଡ ଟେକିଲେ । ୨୦୧୫-୧୬ରେ ଦକ୍ଷିଣ ଏସିଆ ମାମଲାରେ ଅନେକ ଗୋରା ବିଶେଷଜ୍ଞ ଦେଖାଦେଲେ। ଅଡ୍ରେ ଟ୍ରୁସ୍‌କେ ନାମକ ଜଣେ ଅଧ୍ୟାପିକା ୨୦୧୫ରେ ଆଉରଙ୍ଗଜେବ ବିଷୟରେ ତାଙ୍କ ପୁସ୍ତକ ପ୍ରକାଶ କରାଇଲେ । ୨୦୧୬ରେ ଭାରତକୁ ଟାର୍ଗେଟ କରି ସିଜେ ୱ୍ୱେରେଲମାନ ନାମକ ଜଣେ ବ୍ୟକ୍ତି ପ୍ରଚଣ୍ଡ ଭାରତ ବିରୋଧୀ ପ୍ରଚ୍ରର ଚଳାଇଲେ । ସେମିତି ଡାନିଏଲେ ଖାଁ ନାମରେ ଅନ୍ୟ ଜଣେ କାଶ୍ମୀରୀ ବିଶେଷଜ୍ଞ ଭାବେ ୨୦୧୬ରେ ବାହାରି ପଡିଲେ। ପାକ୍‌ର ଗୋରୀ ରାଷ୍ଟ୍ରଦୂତ ସିନ୍ଥିଆ ଡି.ରିଚି ମଧ୍ୟ ୨୦୧୬ରେ ଭାରତ ବିରୋଧୀ ପ୍ରଚ୍ରରେ ଲାଗିପଡିଲେ। ପାକ୍ ଟିଭିରେ ବ୍ରିଟେନର ମୂଳବାସିନ୍ଦା ପଲ୍ ଆଡାମ୍ସ ନୱାଜ ସରିଫଙ୍କ ଦୁର୍ନୀତିକୁ କେନ୍ଦ୍ରକରି ବିସ୍ଫୋରକ ବର୍ଣ୍ଣନା ଦେଲେ, ଯାହା ଇମରାନ ଖାଁଙ୍କ ସରକାର ପାଇଁ ଲାଭଜନକ ହେଲା। ଆଣ୍ଡ୍ରୁ କୋରିବ୍‌କୋ ନାମକ ଜଣେ ରୁଷୀୟ ବ୍ୟକ୍ତି ପାକ୍ ଗଣମାଧ୍ୟମରେ ଭାରତ ବିରୁଦ୍ଧରେ ବିଷୋଦଗାର କରିବାକୁ ଲାଗିଲେ । ହେଲେନେ ସେଜଲର୍ଟ ନାମକ ଜଣେ ସ୍ୱିଡେନ ଜନ୍ମିତ ମାନବାଧିକାର କର୍ମୀ ୨୦୧୬ରେ କାଶ୍ମୀର ମୁକ୍ତି ପାଇଁ ଯୁକ୍ତି ବାଢିବାକୁ ଲାଗିଲେ । ହାଲେ ଡୁଷ୍ଟିନ୍‌ସ୍କି ନାମ୍ନୀ ଜଣେ ମହିଳା ନୃତତ୍ତ୍ୱବିତ୍ ୨୦୧୬ରେ କାଶ୍ମୀର ବିଷୟରେ ବଢିବଢି କହିବାକୁ ଆରମ୍ଭ କଲେ । ତା'ପୂର୍ବରୁ ସେ ଏହି ବିଷୟରେ ପଦେ ହେଲେ କଥା କହିନଥିଲେ।

ଉପରବର୍ଣ୍ଣିତ ଲୋକଙ୍କ ମଧ୍ୟରେ ଦୁଇଟି ବିଷୟ ସାଧାରଣ ଥିଲା ସେମାନେ ସମାନ ସମୟରେ ଦେଖାଦେଉଥିଲେ। ସେମାନେ ପାକ୍ ସମର୍ଥନରେ ଭାରତ ବିରୁଦ୍ଧରେ କହୁଥିଲେ। ମୁଜାମ୍ମିଲ ଠାକୁର ୨୦୧୬ରେ ନିଜ ପିତାଙ୍କର ଜଷ୍ଟିସ୍ ଫାଉଣ୍ଡେସନ କାଶ୍ମୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନେସନାଲ ଆଫେୟାର୍ସର କାର୍ଯ୍ୟକୁ ହାତକୁ ନେଲା। ୨୦୧୬ରେ ଇକ୍ୱାଲିଟୀ ଲାବ୍ସର କାର୍ଯ୍ୟ ଆରମ୍ଭ ହୋଇସାରିଥିଲା। ସେମିତି ୨୦୧୬ରେ ହିନ୍ଦୁତ୍ୱ ବିରୋଧରେ ପ୍ରଚ୍ରର ଚଳାଇବାକୁ 'ଦି ପୋଲିସ ପ୍ରୋଜେକ୍ଟ' ଆରମ୍ଭ ହୋଇଯାଇଥିଲା । ଏମାନେ ସମସ୍ତେ ଭାରତରେ ମାନବାଧିକାର ବିଷୟକୁ ନେଇ ଚିନ୍ତା ପ୍ରକଟ କରୁଥିଲେ। ଧାରା ୩୭୦କୁ ୨୦୧୯ରେ ହଟାଯିବା ପରେ ଜମାତେ ଇସଲାମୀ ସହ ଯୋଡି ହୋଇଥିବା ସଂଗଠନ କାଶ୍ମୀର ବିଷୟକୁ ନେଇ ମଇଦାନକୁ ଗୋଟିଏ ସମୟରେ ଡେଇଁପଡିଲେ । ସେମାନଙ୍କ ମଧ୍ୟରେ ଆମେରିକାନ୍ସ ଫର କାଶ୍ମୀର ଷ୍ଟାଣ୍ଡ ୱିଥ୍ କାଶ୍ମୀର, ଫ୍ରେଣ୍ଡସ୍ ଅଫ୍ କାଶ୍ମୀର ସଂଗଠନ ରହିଥିଲେ । ୨୦୧୯ରେ ଅନ୍ୟ ଏକ ସଂଗଠନ ହିନ୍ଦୁଜ ଫର୍ ହ୍ୟୁମାନ୍ ରାଇଟ୍ସ ଗଢାଯାଇଥିଲା।

ସମୟ ବଦଳିବା ସହ ସଂଗଠନଗୁଡିକର ନାମ ମଧ୍ୟ ବଦଳିଛି । ନୂଆ ନୂଆ ସଂଗଠନ ମଧ୍ୟ ମୁଣ୍ଡ ଟେକିବାରେ ଲାଗିଛନ୍ତି। ଦି କୋଆଲିସନ୍ ଏଗେନେଷ୍ଟ କମ୍ୟୁନାଲିଜମର ନାମ ବଦଳିଯାଇ ହିନ୍ଦୁଜ ଫର ହ୍ୟୁମାନ ରାଇଟ୍ସ ହୋଇଛି । ସମୟ ଅନୁଯାୟୀ ସଂଗଠନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହିସବୁ ସଂଗଠନଗୁଡିକର ମୂଳରେ ରହିଥିବା ସଂଗଠନ କଥା ଦେଖିଲେ ଜଣାପଡିବ ଯେ ସବୁଠି ଜମାତ ହିଁ ରହିଛି। ଲକ୍ଷ୍ୟ ଗୋଟିଏ ରହିଛି ଭାରତକୁ କ୍ଷତିଗ୍ରସ୍ତ କରିବା, ରକ୍ତାକ୍ତ କରିବା।

ଦ୍ୱନ୍ଦ୍ୱର କାରଖାନା ମାଧ୍ୟମରେ ଅପରେସନ ଟୁପାକକୁ ଆର୍ଥିକ ସହାୟତା ଏବେ ମଧ୍ୟ ଜାରିରହିଛି। ତେବେ କଥା ହେଉଛି ଆର୍ଥିକ ଦୁଃସ୍ଥିତି ମଧ୍ୟରେ ପାକ୍ ପରି ଏକ ଦୁର୍ବଳ ରାଷ୍ଟ୍ର ଭାରତ ବିରୁଦ୍ଧରେ ଏତେଗୁଡିଏ ସଂଗଠନକୁ କିପରି ସକ୍ରୀୟ ରଖିପାରିବ, ଏତେଗୁଡିଏ ଗୃଧ୍ର କର୍ମୀଙ୍କୁ କେମିତି ପୋଷିବ ? ଏହାର ଉତ୍ତରରେ କୁହାଯାଇପାରେ ଯେ ପାକ୍ ସରକାର ଯେ ପର୍ଯ୍ୟନ୍ତ ମିଛ ଆକ୍ରମଣର ଟୁଲ୍‌କିଟ ଧରି ଚ୍ଲିଥିବେ, ସେତେଦିନ ଯାଏ ସ୍ଥିତିକୁ ସୁନ୍ଦର ଭାବେ ବଜାୟ ରଖିପାରିବାର କୌଶଳ ଶିକ୍ଷା କରିଛନ୍ତି । ଅତୀତ ଦିନମାନଙ୍କରେ ତାଲିବାନ ପ୍ରକଳ୍ପକୁ ଚ୍ଲୁ ରଖିବା ପାଇଁ ଆଫଗାନିସ୍ଥାନରେ ନିଶା କାରବାରକୁ ଜାରିରଖି ପାକ୍ ସରକାର ସାହାଯ୍ୟ କରି ଆସିଥିଲେ । ଏବେ ସେମିତି ବିଶ୍ୱବ୍ୟାପି ପ୍ରଚ୍ରର ଏବଂ ଲବିଂ ମାଧ୍ୟମରେ ସୂଚନାଯୁଦ୍ଧ ଜାରି ରଖିବାଲାଗି ଉଦ୍ୟମ ଚଳାଇଛନ୍ତି । ଫଳସ୍ୱରୂପ ଆମେରିକାର ମାନବାଧିକାର ସଂଗଠନ ପକ୍ଷରୁ ଭାରତ ବିରୁଦ୍ଧରେ କଟକଣା ଜାରି କରିବା ଲାଗି ଦାବି କରାଯାଇଛି । ସେଥିରେ ଭାରତରେ ମୁସଲମାନଙ୍କ ବିରୋଧରେ ହିଂସାକାଣ୍ଡ ବୃଦ୍ଧି ପାଉଥିବା ଏବଂ ମୁସଲିମମାନଙ୍କୁ ଭାରତରେ ହଇରାଣ ହରକତ କରାଯାଉଥିବା ବିଷୟ ଦର୍ଶାଯାଇଛି । ଆମେରିକାର ସଂସଦ ନିକଟରେ ଉପସ୍ଥାପିତ ଏକ ରିପୋର୍ଟରେ ଏହି ସଂସ୍ଥା ଭାରତରେ ବିନାପରାଧରେ ମୁସଲିମଙ୍କ ଉପରେ ଆକ୍ରମଣ ହେବା, ପ୍ରାର୍ଥନା ସ୍ଥଳୀକୁ ଭାଙ୍ଗିପକାଇବା ପରି କାର୍ଯ୍ୟ ହେଉଥିବାର ଅଭିଯୋଗ ଅଣାଯାଇଛି । ଅଥଚ ଇସଲାମିକ ସନ୍ତ୍ରାସବାଦ, ଲଭ୍ ଜିହାଦ, ଜମିଜିହାଦ, ହଲାଲ ଜିହାଦ ମାଧ୍ୟମରେ କିପରି ଇସଲାମିକ ଉଗ୍ରବାଦ ଭାରତରେ ବୃଦ୍ଧିପାଉଛି ସେ ବିଷୟରେ କିଛି କୁହାଯାଇନାହିଁ।

**ଭାରତୀୟ ସମ୍ବାଦ ସେବା (ଭାସ୍)**
**ଭୁବନେଶ୍ୱର -୭୫୧୦୦୩**

# ଜଳ ସୁରକ୍ଷା ପ୍ରତି ଧ୍ୟାନ ଦିଅ

## ସୌଭାଗ୍ୟ ରଂଜନ ମହାନ୍ତି

ଜଳବାୟୁ ପରିବର୍ତ୍ତନ, ଆର୍ନ୍ତଜାତିକ ଉଷ୍ଣତା ବୃଦ୍ଧି, ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଆସନ୍ତା ୨୦୫୦ ମସିହା ବେଳକୁ ଭାରତ ସମେତ ବିଶ୍ୱର ଅର୍ଦ୍ଧାଧିକ ରାଷ୍ଟ୍ରରେ ଉତ୍କଟ ଜଳ ସଂକଟ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇଥିବାବେଳେ ଆମ ରାଜ୍ୟରେ ନିକଟ ଭବିଷ୍ୟତରେ ଜଳ ସଂକଟ ହେବନାହିଁ ଦେଖା ଦେବ ନାହିଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଦେଶର ପ୍ରଥମ ଜଳାଶୟ ଗଣନା ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଉତ୍ସାହଜନକ। ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶର ଜଳାଶୟ ତାଲିକାରେ ଓଡିଶା ଚତୁର୍ଥ ସ୍ଥାନରେ ରହିଛି। ଦେଶରେ ଥିବା ମୋଟ ଜଳାଶୟ ମଧ୍ୟରୁ ଓଡ଼ିଶାରେ ୭୮,୫୦୬ଟି ପୋଖରୀ ରହିଛି, ଯାହାକି ଦେଶରେ ଦ୍ୱିତୀୟ। ସେହିପରି ୯୨,୬୧୨ଟି ଗାଡିଆ ରହିଛି, ଯାହା ଦେଶରେ ଚତୁର୍ଥ ସର୍ବାଧିକ। ରାଜ୍ୟରେ ମୋଟ ୧,୮୧,୮୩୭ଟି ପୋଖରୀ, ଗାଡିଆ, ହ୍ରଦ ଓ ଜଳଭଣ୍ଡାର ରହିଛି। ସେଥିମଧ୍ୟରୁ ୭,୧୦୯ଟି ପ୍ରାକୃତିକ ଜଳ ଉତ୍ସ ହୋଇଥିବାବେଳେ ୧,୭୪,୭୨୮ଟି ମଣିଷକୃତ। ଏଥି ମଧ୍ୟରୁ ୯୮ ପ୍ରତିଶତ ଗ୍ରାମାଚଂଳରେ ଥିବାବେଳେ ସହରାଚଂଳରେ ମାତ୍ର ୨ ପ୍ରତିଶତ ଜଳାଶୟ ରହିଛି। ଆହୁରି ମଧ୍ୟ ରାଜ୍ୟରେ ଥିବା ମୋଟ ଜଳାଶୟ ମଧ୍ୟରୁ ୮୯ ପ୍ରତିଶତ ବ୍ୟବହାର ଯୋଗ୍ୟ ବୋଲି କୁହାଯାଇଛି। ଅର୍ଥାତ ୧,୬୨,୨୦୭ଟି ଜଳାଶୟ ବ୍ୟବହାର ଉପଯୋଗୀ ଯାହାକି ଉତ୍ସାହଜନକ। ଏହା ସତ୍ୟ ଯେ, ରାଜ୍ୟର ଗ୍ରାମାଚଂଳରେ ବହୁ ପୋଖରୀ, ଗାଡିଆ ରହିଥିବାବେଳେ ସହରାଚଂଳରେ ଏବେ ପୋଖରୀ, ଗାଡିଆ, ହ୍ରଦ ଉପରେ ଏବେ ବାସଗୃହ ନିର୍ମାଣ ଚାଲିଛି। ଶୀଘ୍ର କାରଖାନା ଗଢି ଉଠିଛି। ଯାହାକି ଦିନକୁ ଦିନ ନୂଆ ନୂଆ ଜନବସତି ଗଢି ଉଠୁଥିବାବେଳେ ପୋଖରୀ, ଜଳାଶୟଗୁଡିକୁ ପୋତି ଦିଆଯାଇ ତା ଉପରେ ଜନବସତି ମାନ ଗଢି ଉଠିଛି। ପୁରୀ, କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ପରି ରାଜ୍ୟର ବଡ ବଡ ସହରରେ ଥିବା ପୋଖରୀ, ଗାଡିଆ, ଜଳର ପ୍ରାକୃତିକ ଉତ୍ସକୁ ପୋତି ଦିଆଯାଇ ନିର୍ମାଣ ଚାଲିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରର ଜନବହୁଳ ନୟାପଲ୍ଲୀ ଅଂଚଳରେ କାହିଁ କେଉଁ କାଳରୁ ୭ ଏକର ଜାଗାରେ ଥିବା ଏକ ପ୍ରାକୃତିକ ଜଳ ଉତ୍ସ ବା ହ୍ରଦ ଏବେ ଏକ ପୋଖରୀରେ ସିମୀତ ରହିଛି। ଏହି ହ୍ରଦ ଉପରେ ବଡ ବଡ ଅଟାଳିକା ଗଢି ଉଠିଛି। ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ପର୍ଯ୍ୟନ୍ତ ହ୍ରଦର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏଥିରୁ ରାଜ୍ୟରେ ପୋଖରୀ, ଗାଡିଆ, ପ୍ରାକୃତିକ ଜଳ ଉତ୍ସ ଉପରେ ଜମି ମାଫିଆଙ୍କର କିପରି କୁ ନଜର ପଡ଼ିଛି, ତାହା ଅନୁମାନ କରାଯାଇପାରେ। ସେହିପରି ଜମି ମାଫିଆଙ୍କ ନିକଟରେ ସରକାର ତଥା ପ୍ରଶାସନ କିପରି ଅସହାୟ ହୋଇଛନ୍ତି, ତାହାର ସଂକେତ ମଧ୍ୟ ପ୍ରଦାନ କରୁଛି। ଅବଶ୍ୟ ଆମ ରାଜ୍ୟରେ ପୋଖରୀ ଗୁଡିକର ପୁନରୁଦ୍ଧାର ଲାଗି ରାଜ୍ୟ ସରକାର 'ମୋ ପୋଖରୀ' ନାମରେ ଏକ ଯୋଜନା ଆରମ୍ଭ କରିଥିଲେ ବର୍ତ୍ତମାନ ଏବେ ଏହା କେବଳ ଯୋଜନାରେ ରହିଯାଇଥିବା ମନେହୁଏ। ସ୍ମରଣକରାଯାଇପାରେ ଯେ, ଗ୍ରାମ ତଥା ଜନବସତିଗୁଡିକରେ ଲୋକଙ୍କ ବ୍ୟବହାର ପାଇଁ ରାଜରାଜୁଡା ଶାସନ ଅମଳରୁ ପୋଖରୀ, ଗାଡିଆ ଖନନ କରାଯାଇଥିଏ। ଯେଉଁ ପୋଖରୀ କେବଳ ଲୋକମାନଙ୍କର ଦୈନନ୍ଦିନ ବ୍ୟବହାର ପାଇଁ ନୁହେଁ, କୋଠ ମାଛଚାଷ ଏବଂ ଅଗ୍ନି ବିପତି କୃଷିକ୍ଷେତ୍ରକୁ ଜଳସେଚନ ଆଦି କ୍ଷେତ୍ରରେ ମଧ୍ୟ ଏହାର ଜଳକୁ ବ୍ୟବହାର କରାଯାଇଥାଏ। ରାଜ୍ୟରେ ଖରାଦିନେ ପୋଖରୀ, ଗାଡିଆ, ଶୁଖିଲା ପଡିବା ଏକ ନିୟମିତ ଘଟଣା। ଗୋଟିଏ ପଟେ ଭୂତଳ ଜଳ ସ୍ତର ହ୍ରାସ ଏବଂ ଅନ୍ୟପଟେ ଅସହ୍ୟ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅନିମୟିତ ମୌସୁମୀ ଯୋଗୁଁ ବହୁ ପୋଖରୀ, ଗାଡିଆ, ଜଳାଶୟ ଶୁଖିଲା ପଡିବା ସହ କେବେ ବି ଜଳପୂର୍ଣ୍ଣ ହୋଇପାରୁନଥିବା ଦେଖାଯାଏ। ସେହିପରି ଭୂତଳ ଜଳସ୍ତର ପ୍ରତିବର୍ଷ କମି କମି ଯାଉଥିବା ବେଳେ ଗତ ଦଶନ୍ଧି ମଧ୍ୟରେ ଜଳସ୍ତର ୨ରୁ ୩ ମିଟର ହ୍ରାସ ପାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିପାଇଁ ଜଳ ସଂରକ୍ଷଣ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ବୈଜ୍ଞାନିକ, ପରିବେଶମିତ୍ରମାନେ ଦେଇଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଆନ୍ତର୍ଜାତିକ ଉଷ୍ଣତା ବୃଦ୍ଧି, ଋତୁ ଚକ୍ରରେ ପରିବର୍ତ୍ତନ ନୂଆ ନୂଆ ଜନବସତି ବୃଦ୍ଧି, ଦ୍ରୁତ ଶିଳ୍ପାୟନ ଭବିଷ୍ୟତରେ ଜଳ ସଂକଟର ମୁଖ୍ୟ କାରଣ ହୋଇପାରେ। ବିଶ୍ୱସ୍ତରରେ କ୍ଲାଇମେଟ ଇଣ୍ଡେକସରେ ଓଡିଶା ନିରାପଦ ସ୍ଥାନରେ ରହିବା ଏବଂ ନିକଟ ଭବଷ୍ୟତରେ ରାଜ୍ୟରେ ଜଳ ସଂକଟର ଆଶଙ୍କା ଥିବାନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ପ୍ରଥମ ଜନଗଣନା ରିପୋର୍ଟ ସତ୍ତ୍ୱେ ରାଜ୍ୟରେ ଭୂତଳ ଜଳ ସ୍ତର ହ୍ରାସ ପାଇବା ନିଶ୍ଚିତ ଭାବେ ଚିନ୍ତାଜନକ। ଜଳ ସଂରକ୍ଷଣ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯିବ ଏବଂ ରାଜ୍ୟରେ ଥିବା ପୋଖରୀ, ଗାଡିଆ, ପ୍ରାକୃତିକ ଜଳ ଉତ୍ସର ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ। ଯାହାକି ଜଳ ସଂକଟର ରାଜ୍ୟକୁ ସୁରକ୍ଷିତ ରଖିପାରିବ। ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳରେ ବହୁ ପ୍ରାକୃତିକ ଝରଣା, ଜଳ ଉତ୍ସ ରହିଛି, ଯାହାକି ମଣିଷ, ଜୀବଜନ୍ତୁଙ୍କ ପାଇଁ ପ୍ରକୃତିର ଅବଦାନ। ତାହାର ସୁରକ୍ଷା ଏବେ ଜରୁରୀ।

ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ଶରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ-୯୪୩୭୯୯୪୩୭୯

## ସଂପାଦକଙ୍କୁ ପତ୍ର

### ବୟନିକାରେ ରେକର୍ଡ ବିକ୍ରି ସ୍ୱାଗତଯୋଗ୍ୟ

ମହାଶୟ,

ବୟନିକା ୬୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ମଇ ୫ ତାରିଖ ଦିନ ସମସ୍ତ ବୟନିକା ଶାଖାରେ ପାଖାପାଖି ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି । ସେଥି ମଧ୍ୟରୁ ବୟନିକା ମାର୍କେଟ ବିଲ୍ଡିଂ ଶାଖାରେ ୩୨ ଲକ୍ଷ ଟଙ୍କାର ବିକ୍ରି ହୋଇଛି, ଯାହା ଗୋଟିଏ ଦିନରେ ହୋଇଥିବା ବିକ୍ରିର ସର୍ବକାଳୀନ ରେକର୍ଡ ଅଟେ । ଆଗାମୀ ସାବିତ୍ରୀକୁ ଆଖି ଆଗରେ ରଖି ବୟନିକା ଏହାର ସମସ୍ତ ଶାଖାରେ ନୂଆ ଡିଜାଇନ୍ ତଥା ରଙ୍ଗର ଶାଢ଼ି, ଡ୍ରେନ୍ ସେଟ୍ ତଥା ଅନ୍ୟାନ୍ୟ ଜିନିଷ ଭରପୂର କରି ରଖିଛି। ଏଗୁଡ଼ିକ ଜାତୀୟ ତଥା ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ବୁଣାକାର ତଥା ଓଡ଼ିଶାର ଛୋଟବଡ ପ୍ରାଥମିକ ବୁଣାକାର ସମବାୟ ସମିତିମାନଙ୍କ ଦ୍ୱାରା ବୁଣାଯାଉଛି। ମାଣିଆବନ୍ଧ ଦ୍ୱାରା ପ୍ରସ୍ତୁତ ଅତ୍ୟାଧୁନିକ ଡିଜାଇନ୍ ଶାଢ଼ିମାନ ସୀମିତ ସମୟ ପାଇଁ ପ୍ରଦର୍ଶିତ ହେଉଛି ଓ ଏହାର ଅର୍ଡର ରଖାଯାଉଛି ବୋଲି ବୟନିକା ସୂତ୍ରରୁ ପ୍ରକାଶ।

ବାବୁଲି ଜେନା
ସାହାବାଜ୍, କନ୍ଦରପୁର, କଟକ

# ବିଭିନ୍ନତାରେ ଏକତା ବନାମ ରାଜନୀତି

## ବିଷ୍ଣୁ ପ୍ରସାଦ ଦାସ

ଭାରତବର୍ଷ ରେ ବିଭିନ୍ନ ଭାଷା ଭାଷୀ , ବିଭିନ୍ନ ଜାତି, ଧର୍ମର ଲୋକ ବସବାସ କରନ୍ତି , ସାମ୍ବିଧାନିକ ସମାନତା ଆଜି ସମସ୍ତ ଭାରତୀୟଂକୁ ଗୋଟିଏ ଛତା ତଳେ ଏକଜୁଟ କରିପାରିଛି । ସଂଘୀୟ ସରକାର ଏବଂ ପ୍ରାଦେଶିକ ସରକାର ମଧ୍ୟ ସମ୍ବିଧାନକୁ ସମ୍ମାନ ଦେଇ ନିଜର ଜନହିତକର ଶାସନ କାର୍ଯ୍ୟ ଚଳାଇବାକୁ ସକ୍ଷମ ହେଉଛନ୍ତି , ତେବେ ଅନେକ ସ୍ଥାନରେ କ୍ଷମତାସୀନ ପ୍ରାଦେଶିକ ସରକାର , କେନ୍ଦ୍ର ସରକାରଙ୍କ ସହିତ ଏକମତ ହୋଇ ପାରୁ ନାହାନ୍ତି । ଦୁଇ ପକ୍ଷଙ୍କ ମତ, ନୀତି ଜନହିତକର ହେବା ପରିବର୍ତ୍ତେ ଦଳ ହିତକର ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି ଯାହାକି ଦେଶର ମାନସମ୍ମାନ ଉପରେ ଆଞ୍ଚ ଆଣିବା ସହିତ ଦଳୀୟ ସଙ୍କୀର୍ଣ୍ଣତାର ପରିଚୟ ଦେଉଛି । ଏଠାରେ ଦଳ ଏବଂ କ୍ଷମତା ପାଇଁ ଅଧିକରୁ ଅଧିକ ଚେଷ୍ଟା ଚାଲିଛି କିନ୍ତୁ ଦେଶର ଉନ୍ନତି ପାଇଁ କେବଳ ସାଗର ଗର୍ଭକ ଭାଷଣ ହିଁ ଯଥେଷ୍ଟ ବୋଲି ଆଗଧାଡିର ନେତୃବୃନ୍ଦ ଭାବୁଛନ୍ତି । ପୃଥିବୀର ସବୁ ଦେଶର ଜନତା ସୁଶାସନ ସହିତ ଦେଶର ସର୍ବାଙ୍ଗୀନ ଉନ୍ନତି ଚାହାନ୍ତି, କିନ୍ତୁ ତାହା ବଦଳରେ ଯଦି କୁତ୍ସିତ ରାଜନୀତି ଦ୍ୱାରା ଜନତା ନିର୍ଯାତିତ, ନିଷ୍ପେସିତ ତଥା ହିଂସାର କବଳରେ ପଡି ଧନ ଜୀବନ ନଷ୍ଟ ର ସମ୍ମୁଖୀନ ହୁଅନ୍ତି ତେବେ ତାହାର ପରିଣତି କ'ଣ ହେବ ନିଜେ ଚିନ୍ତା କରନ୍ତୁ ତ ?

ଅନାଦି କାଳରୁ ପୃଥିବୀରେ ଧର୍ମ ନାମରେ ଅସଂଖ୍ୟ ରକ୍ତପାତ ହୋଇଛି ଅନେକ ନିରୀହ ଜୀବନ ଯାଇଛି ଯାହାର କି ଇତିହାସ ସାକ୍ଷୀ ହୋଇ ଛିଡା ହୋଇଛି , କ୍ଷମତା ବଳରେ ସବଳ ର ଦୁର୍ବଳ ଉପରେ ଅମାନୁଷିକ ଅତ୍ୟାଚାର କିଛି ନୂଆ କଥା ନୁହେଁ , ଏଠି ଆମେ କେବଳ ବଂଚିବା ପାଇଁ ସଂଗ୍ରାମରତ ପରି ମନେହୁଏ । ଆମ ମୁଣ୍ଡ ଉପରେ ଧର୍ମ ନାମକ ଏକ ଅତି ସମ୍ବେଦନଶୀଳ ମୁକୁଟଟିଏ ରହିଛି ଯାହା ଆମେ ଆଜନ୍ମରୁ ପରିବାରରୁ ପାଇଥାଉ କିମ୍ବା ସାବାଳକ ହେବାପରେ ଆଇନତଃ ନିଜେ ନିଜସ୍ୱ ମତ ପରିବର୍ତ୍ତନ କରି ଅନ୍ୟ ଧର୍ମକୁ ଆପଣେଇ ମୁକୁଟ ବଦଳାଇ ଥାଉ , ଧର୍ମକୁ ନେଇ ଆମର ଚିହ୍ନଟ, ଧର୍ମକୁ ନେଇ ଆମର ସଂସ୍କାର, ଧର୍ମକୁ ନେଇ ଆମର ନାମ ସରକାରୀ କଳରେ ପଂଜିକୃତ, ଧର୍ମକୁ ନେଇ ଆମର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ରୀତି ନୀତି ମାନିବାକୁ ସମାଜର କଠୋର ନିୟମ ରହିଛି । ଜୀବନର ଏହି ପ୍ରକ୍ରିୟା ଭିତରେ ଅନେକ ବ୍ୟକ୍ତି କିଂକର୍ତ୍ତବ୍ୟ ବିମୁଢ ହୋଇ ଯାଇଥା'ନ୍ତି, ତଥାପି ସମାଜ ତା'ଙ୍କୁ ବାଧ କରିଥାଏ ରୀତି ନୀତି ମାନିବାକୁ ଓ ଏହାତ ଗଲା ସମାଜ କଥା , ସମ୍ପ୍ରତି ଭାରତ ବର୍ଷର ରାଜନୀତି ଆଜି ଅନେକାଂଶରେ ଧର୍ମୀୟ ରାଜନୀତି ଆଡକୁ ଅଗ୍ରସର ହେଉଛି । ସମ୍ବିଧାନ ଅନୁସାରେ 'ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସବୁ ଭାରତୀୟ ସମାନ ' କିନ୍ତୁ ପ୍ରକୃତରେ କ'ଣ ସରକାର ଏହାକୁ ଆନ୍ତରିକତା ସହ ପାଳନ କରୁଛନ୍ତି ? ସମସ୍ତେ କ'ଣ ସମାନ ସୁବିଧା ସୁଯୋଗ ପାଉଛନ୍ତି ? ବର୍ତ୍ତମାନ ଧର୍ମ ଭିତ୍ତିକ ରାଜନୀତି ଦ୍ୱାରା ଦେଶକୁ ବିଭାଜନ କରିବାରେ ଅନେକ ଦଳ ଚେଷ୍ଟିତ, ଏହାଦ୍ୱାରା 'ଏକତା ଅନେକତାରେ' ପରିଣତ ହେଉଛି । ଧର୍ମ ଏବଂ ରାଜନୀତି ଦୁଇଟି ପୃଥକ , 'ସମାଜରେ ଶୃଙ୍ଖଳିତ ସହାବସ୍ଥାନ ତଥା ନିଜ ରୀତି ନୀତି, ସଂସ୍କାରକୁ ଜୀବିତ ରଖି ନିଜ ଧର୍ମର ଆରାଧ୍ୟ ଦେବତାଙ୍କୁ ପ୍ରାର୍ଥନା କରିବା ସହିତ ସମସ୍ତଙ୍କ ମଙ୍ଗଳ କାମନା କରିବା' ଧର୍ମର ଉଦ୍ଦେଶ୍ୟ , ଧର୍ମ ଅନେକ ହୋଇପାରେ କିନ୍ତୁ ସବୁ ଧର୍ମର ଲକ୍ଷ ଏକ । ସବୁ ଧର୍ମକୁ ସମ୍ମାନ ଦେବା ସହିତ ଭାଇଚାରା ସୃଷ୍ଟି କରିବା ବଦଳରେ ବର୍ତ୍ତମାନ କିଛି କଠୋରପନ୍ଥୀ ଧର୍ମୀୟ ଗୁରୁ, ରାଜନେତା , ସ୍ୱାର୍ଥପର କ୍ଷମତା ଲୋଭି ବ୍ୟକ୍ତି ବିଶେଷ ନିରୀହ ଜନତାଙ୍କୁ ଧର୍ମ ନାମରେ ପରସ୍ପର ସହିତ ଲଢେଇ କରିବାକୁ ଚେଷ୍ଟା ଚଳାଇ ଆସୁଛନ୍ତି, ଘୃଣାର ବୀଜ ବିକ୍ଷେପ କରୁଛନ୍ତି ଯାହାକି ସମୟ ସମୟରେ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରୁଛି ଓ ସମ୍ବିଧାନ କ'ଣ କହିଛି ଯେ, ନିର୍ଦ୍ଦିଷ୍ଟ ଗୋଟିଏ ଧର୍ମର ବ୍ୟକ୍ତିବିଶେଷଙ୍କ ପାଇଁ ନିର୍ଦ୍ଦିଷ୍ଟ ଦଳ ରହିବ ? ଅନ୍ୟ ଧର୍ମର ବ୍ୟକ୍ତି ବିଶେଷ କ'ଣ ଭାରତୀୟ ନୁହନ୍ତି ? ବିଭିନ୍ନ ଧର୍ମାବଲମ୍ବୀ ମାନଙ୍କ ଜୀବନଶୈଳୀ ହୁଏତ ବିଭିନ୍ନ କିନ୍ତୁ ସେମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ପ୍ରଶାସନର ଦାୟିତ୍ୱ କିନ୍ତୁ ଏଠି ପ୍ରଶାସନ କରୁଛି କ'ଣ ? ହୁଏତ କୌଣସି ଚାପର ସମ୍ମୁଖୀନ ହୋଇ ନିଜ ଦାୟିତ୍ୱରେ ଅବହେଳା କରୁଛି ଫଳରେ ନିରୀହ ଜୀବନ ସହିତ ସରକାରୀ ବେସରକାରୀ ସମ୍ପତ୍ତି ନଷ୍ଟ ହେଉଛି। କଥାରେ ଅଛି 'ଜୋର ଯାହାର ମୁଲକ ତାହାର' ଯେଉଁ ଦେଶରେ ଶାସକ ପ୍ରଜା ମାନଙ୍କର ରକ୍ଷକ ନ'ହୋଇ ଭକ୍ଷକ ହେଉଛି ସେଠାରେ ନ୍ୟାୟ କାହାଠାରୁ ଆଶା କରିବା ? ଆଇନ ଅଦାଲତ ନିରପେକ୍ଷ ନ୍ୟାୟ ଦେବାକୁ ବସିଛନ୍ତି କିନ୍ତୁ ନ୍ୟାୟିକ ପ୍ରଣାଳୀ ଖୁବ ଜଟିଳ, ଏହାର ସରଳୀକରଣ ଯଦି ହୋଇ ପାରନ୍ତା ତେବେ ନିଶ୍ଚିତ ଭାବେ ଜନତା ଉପକୃତ ହୋଇ ପାରନ୍ତେ । ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନ୍ୟାୟିକ ପ୍ରଣାଳୀରେ ଅନେକ ସୁଧାର ଆଣି ସାରିଲେଣି ଭବିଷ୍ୟତରେ ମଧ୍ୟ ଅନେକ ସୁଧାର ଆସିବ ।

ପୃଥିବୀ ପୃଷ୍ଠରେ ଏପରି କିଛି ଦେଶ ଅଛି ଯେଉଁଠାରେ କି ଧର୍ମକୁ ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ କେବଳ ମାନବତା ଏବଂ ସୁଶାସନକୁ ଗୁରୁତ୍ୱ ଦିଆଯାଏ, ସେହିପରି ନିମ୍ନରେ କିଛି ଦେଶର ଉଦାହରଣ ଦେବାକୁ ଉଚିତ ମନେ କରୁଛି ଯେଉଁଠାରେ କି ସମୁଦାୟ ଜନସଂଖ୍ୟାର --- ପ୍ରତିଶତ କୌଣସି ଧର୍ମର ନୁହନ୍ତି ଓ ୧. ଚେକ୍ ରିପବ୍ଲିକ୍ (ୟୁରୋପ) -- ୭୮.୪ ପ୍ରତିଶତ କୌଣସି ଧର୍ମର ନୁହନ୍ତି, ୨. ଉତ୍ତର କୋରିଆ - ୭୧.୩ %, ୩. ଇସ୍ତୋନିଆ -- ୬୦.୨%, ୪. ଜାପାନ୍ -- ୬୦%, ୫. ହଂକଂ --୫୪.୭%, ୬. ଚୀନ୍--୫୧.୮ %, ୭. ଦକ୍ଷିଣ କୋରିଆ--୪୬.୬%, ୮. ଲାଟ୍‌ଭିଆ--୪୫.୩%, ୯.ନେଦରଲ୍ୟାଣ୍ଡ --୪୪.୩%, ୧୦. ଉରୁଗୁଏ --୪୧.୫%, ୧୧. ନ୍ୟୁଜିଲାଣ୍ଡ --୩୯.୬%, ୧୨. ମଙ୍ଗୋଲିଆ--୩୬.୫%, ୧୩ .ଫ୍ରାନ୍ସ --୩୧.୯%, ୧୪. ବ୍ରିଟେନ୍ --୩୧.୨%, ୧୫. ବେଲଜିଅମ୍ --୩୧% ଜନସାଧାରଣ କୌଣସି ଧର୍ମର ନୁହନ୍ତି । ଭାରତ ବର୍ଷ ରେ ପ୍ରାୟ ୧ % ଲୋକ କୌଣସି ଧର୍ମର ନୁହନ୍ତି । ତେବେ ବିଚାର କରନ୍ତୁ ତ' ଦର୍ଶାଯାଇଥିବା ଦେଶ ଗୁଡିକର ଜନତା ଧର୍ମ ବିନା କ'ଣ ଉତ୍ତମ ଶାସନ ପାଉନାହାନ୍ତି ? ନିଶ୍ଚିତ ଉଣା ଅଧିକେ ସୁଶାସନ ପାଉଛନ୍ତି ତେବେ ଆମ ଭାରତ ବର୍ଷରେ କାହିଁକି ଆଜି ଧର୍ମ ନାମରେ ରାଜନୀତି ଚାଲିଛି ? ଧର୍ମ ନାମରେ ଦେଶର ନାଗରିକ ମାନଙ୍କୁ ଭାଗ ଭାଗ କରି ଦଳୀୟ ରାଜନୀତିରେ ସାମିଲ କରି ଭୋଟ ବ୍ୟାଙ୍କ ବଢାଇବା ଛଡା ଆଉ କିଛି ନୁହେଁ ବୋଲି ଗୁଣି ଜ୍ଞାନୀ ମାନଙ୍କ ମତ ଓ ଆମେ ମାନେ ଆଜି ଏହି ଧର୍ମ ବିବାଦକୁ ନେଇ ଯେତେ ସମୟ ଅପଚୟ କରୁଛୁ ତା'ର ଫଳ ସ୍ୱରୂପ ଦଙ୍ଗା ଜନିତ ଧନ ଜୀବନ ନଷ୍ଟ ହେଉଛି , ରାଷ୍ଟ୍ରୀୟ ସମ୍ପତ୍ତି ନଷ୍ଟ ହେଉଛି ସେହି ସମୟ ଯଦି ଦେଶର ଉନ୍ନତି ପାଇଁ ଚିନ୍ତା କରନ୍ତୁ ତେବେ ଦେଶର ଅନେକ ଉନ୍ନତି ହୁଅନ୍ତା ଭାଇଚାରା ବୃଦ୍ଧି ହୁଅନ୍ତା 'ଅନେକତାକୁ ନେଇ ଏକତା' ସୃଷ୍ଟି ହୁଅନ୍ତା କିନ୍ତୁ ନେତାଙ୍କ ଆଖି କେବଳ ଭୋଟ ଉପରେ ନ୍ୟସ୍ତ ହୋଇ ରହିଛି, ଯାହାର କି କୌଣସି ବିକଳ୍ପ ନାହିଁ । ପ୍ରେମରେ ବାନ୍ଧିବାକୁ ଚେଷ୍ଟା ନ'କରି ଘୃଣା ବିଦ୍ୱେଷ ଭରିଦେଇ ଶାସନ କରିବା କେତେଦୂର ଯଥାର୍ଥ ? ରାଜନୀତି ଠାରୁ ଧର୍ମକୁ ଅଲଗା ରଖି ଧାର୍ମିକ ଭାବନା ଉପରେ ଆଞ୍ଚ ନ' ଆଣି ତଥା କୌଣସି ଧର୍ମକୁ ଛୋଟ ବା ବଡ଼ ଦେଖାଇବାକୁ ଚେଷ୍ଟା ନ' କରି ସୁଶାସନ ଦେଉଥିବା ସରକାର ନିଶ୍ଚିତ ଦୀର୍ଘସ୍ଥାୟୀ ହେବ ଏଥିରେ ସନ୍ଦେହ ନାହିଁ । ଏକ ଧାଡ଼ିର ପଦ୍ୟ ଟିଏ ମନେପଡ଼ି ଯାଏ--' ତୁମେ ତ' ରାମ, ତୁମେ ତ' ରହିମ, ତୁମେ ତ' ଆଲ୍ଲା, ଯୀଶୁ ... ତୁମରି ପାଇଁ ଲାଗିଛୁ କଳି ହୋଇ ଆମେ ଆଜି ପଶୁ' । 'ମାନବ ସେବା ହିଁ ମାଧବ ସେବା' ଏକଥା ଭୁଲି ନ ' ଯାଇ ସମସ୍ତଙ୍କୁ ସମାନତା ଦେବା ଆମର ଲକ୍ଷ ହେଉ।

**ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା**
**କଟକ ୭୫୩୦୦୯**
**ମୋ:୯୯୩୭୧୭୪୦୯୭**

# ଗଜପତିର ପାହାଡିଆ ଇଲାକାର ନିଆରା ଖାଦ୍ୟ କାଇପୋଡ଼ା





**ପାରଳାଖେମୁଣ୍ଡି, (ପିପିଏସ୍):** ଗଜପତି ଜିଲ୍ଲାରେ ଏପରି ଅନେକ ପାହାଡିଆ ଇଲାକା ରହିଛି ଯେଉଁଠାରେ କି ଆଦିବାସୀ ମାନେ କେତେକ ସ୍ୱାଦିଷ୍ଟ ଓ ଶରୀର ଉପଯୋଗୀ ନିଆରା ଖାଦ୍ୟ ଖାଇ ଆସୁଛନ୍ତି. ଏହି ପରମ୍ପରିକ ଖାଦ୍ୟ ଗୁଡିକ ମଧ୍ୟରୁ କାଇପୋଡାର ଏକ ସ୍ୱତନ୍ତ୍ରତା ରହି ଆସିଅଛି. କାଇପୋଡା ଖାଇବା ଦ୍ୱାରା ଶରୀରକୁ ବିଭିନ୍ନ ରୋଗରୁ ମୁକ୍ତ ପାଇଁ ବହୁ ଉପାଦେୟ ମିଳିଥାଏ. ଏଥି ସହ ଲୋକେ ଦୀର୍ଘାୟୁ ପ୍ରାପ୍ତ ହେବା ସହ ବୁଢ଼ା ବୟସ ପର୍ଯ୍ୟନ୍ତ ଦୃଷ୍ଟି ଶକ୍ତି ତୀକ୍ଷ୍ଣ ଭାବେ ରହେ ବୋଲି ବହୁ ଆଦିମ କାଳରୁ ଏଠାକାର ପାହାଡିଆ ଇଲାକାର ଆଦିବାସୀ ମାନଙ୍କ ଠାରେ କାଇପୋଡା ଖାଦ୍ୟର ସ୍ୱତନ୍ତ୍ରତା ରହି ଆସିଅଛି. ବିକଶିତ ଯୁଗରେ ବୈଜ୍ଞାନିକ ପଦ୍ଧତିରେ ପରିକ୍ଷିତ ଖାଦ୍ୟକୁ ସ୍ୱାସ୍ଥ୍ୟ ବିଭାଗର ଅନୁମୋଦନ କ୍ରମେ ସୁଷମ ଖାଦ୍ୟର ଚାହିଦା ବୃଦ୍ଧି ପାଇଛି। ତେବେ କିଛି ଖାଦ୍ୟରେ ବିଷ ପ୍ରକ୍ରିୟାର ଯଥେଷ୍ଟ ସମ୍ଭାବନା ରହୁଥିବା ଆଶଂକାରେ ଏଭଳି କିଛି ଖାଦ୍ୟ ପଦାର୍ଥ ଯଥା, ଆମ୍ବଟାକୁଆ, ବିଭିନ୍ନ ପ୍ରକାରର ଛତୁ, ସରୀସୃପ, କୀଟ ପତଙ୍ଗ ଆଦିକୁ ଧିରେ ଧିରେ ପ୍ରତ୍ୟାଖ୍ୟାନ କରାଯାଉଛି। କିନ୍ତୁ ପୁରୁଷ ପରମ୍ପରା କ୍ରମେ କାଇପୁଡାକୁ ଖାଦ୍ୟ ଭାବେ ବ୍ୟବହାର କରି ଆସୁଥିବା ଏହି ଅଞ୍ଚଳର ଆଦିବାସୀ ମାନେ। ଏଥିରେ ଔଷଧୀୟ ଗୁଣ ସମ୍ପନ୍ନ, ସୁସ୍ୱାଦୁ ଓ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି ଦାବି କରିଛନ୍ତ ପାହାଡିଆ ଅଞ୍ଚଳରେ ଥିବା ଲୋକେ। ପ୍ରକୃତିରୁ ବିଭିନ୍ନ ପ୍ରକାରର ପଦାର୍ଥକୁ ଖାଦ୍ୟ ଭାବେ ସଂଗ୍ରହ କରିଥାନ୍ତି ଲୋକେ। ଭିନ୍ନ ଭିନ୍ନ ଅଞ୍ଚଳରେ ଏହାର ପ୍ରକାର ଅନେକ ସାଧାରଣତଃ ଫଳମୂଳ ଡାଳପତ୍ର ଏପରିକି ପଶୁପକ୍ଷୀଙ୍କୁ ଶିକାର କରି ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ। ଏଠି କିନ୍ତୁ ପୁରୁଷ ପରମ୍ପରା ଭାବେ କୀଟ ପ୍ରଜାତିର ଖାଦ୍ୟକୁ ଆଦର ସହ ଭୋଜନ କରିଥାନ୍ତି ଲୋକେ।ଏହି ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ ଅଞ୍ଚଳରେ ।ଜଣେ ଆଦିବାସୀ ବୃଦ୍ଧା ନିକଟ ଜଙ୍ଗଲରୁ କାଜୁ ସଂଗ୍ରହ କରି ଫେରିବା ସମୟରେ ଘରକୁ ସାଥିରେ ନେଉଛି କିଛି ପରିମାଣର ପିମ୍ପୁଡ଼ି ପ୍ରଜାତିର କୀଟ। ଯାହାକୁ ପ୍ରସ୍ତୁତ କରି ଖାଇବେ ପରିବାର ଲୋକେ। ସ୍ଥାନୀୟ ଭାଷାରେ ଏହାକୁ କାଇ ପୁଡା କୁହାଯାଉଥିବା ବେଳେ ଏହାକୁ ଆବୁ ବୋଲି କହନ୍ତି ଆଦିବାସୀ। ଜଙ୍ଗଲରେ ଆମ୍ବ, ପଣସ, କାଜୁ, କରଞ୍ଜ ଆଦି ଗଛରେ ଦେଖିବାକୁ ମିଳେ ଏହି କାଇ ଗୁଡ଼ିକ। ଗଛ ଉପରେ ପତ୍ରଗୁଡ଼ିକୁ ଲାଳରେ ଯୋଡ଼ି ପୁଡା ଆକାରରେ ଘର ତିଆରି କରି ସେଥିରେ ଅଣ୍ଡା ଓ ଛୁଆ ଦିଅନ୍ତି କାଇମାନେ। ଏହାକୁ ସଂଗ୍ରହ କରି ନିଆଁରେ ପକାଇ ମାରି ଦେବା ପରେ ସିଧାସଳଖ ଖାଇବା ଆରମ୍ଭ କରିଦିଅନ୍ତି। କେତେକାଂଶରେ ଏଥିରେ ତେଲ ଲୁଣ,ମରିଚ ଆଦି ପକାଇ ସ୍ୱାଦିଷ୍ଟ କରିଥାନ୍ତି ତ ପୁଣି ଶାଗ ଓ ଅନ୍ୟାନ୍ୟ ପନିପରିବାରେ ଏହାକୁ ମିଶାଇ ତରକାରୀ ପ୍ରସ୍ତୁତ କରି ସମସ୍ତେ ଭୋଜନ କରିଥାନ୍ତି ବୋଲି କହିଛନ୍ତି ଇଲାରୀ ଗମାଙ୍ଗ, ଅର୍ଜୁନ ଗମାଙ୍ଗ,ଜନାସ ଗମାଙ୍ଗ ଓ ସୁଲମୀ ଶବର ସ୍ଥାନୀୟ ସରପଞ୍ଚ। ଏନେଇ ଖାଦ୍ୟ ନିରୀକ୍ଷଣ ବିଭାଗ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଛନ୍ତି ।କାଇ ପୁଡାକୁ ପରୀକ୍ଷା କରି ଏହା କେତେ ପରିମାଣର ଖାଦ୍ୟ ଉପଯୋଗୀ ନିର୍ଦ୍ଧାରଣ କରିବା ଆବଶ୍ୟକ ରହିଥିବା ବେଳେ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବା ଜରୁରୀ ହୋଇଛି।

**ଔଷଧୀୟ ଗୁଣ ସହ ଦୀର୍ଘାୟୁ ଏବଂ ଶରୀର ରୋଗ ଉପଶମ ହେଉଥିବା ନେଇ ଆଦିମ କାଳରୁ ରହିଛି ବିଶ୍ୱାସ**





# ସର୍ବ ପୁରାତନ ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନ ଯାତ୍ରା





**ଫୁଲନଖରା (ପିପିଏସ୍):** ପୂଣ୍ୟତୋୟା ପ୍ରାଚୀନଦୀ ତଟରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ଦେବଙ୍କ ଚନ୍ଦନଯାତ୍ରା ଆଜିଠାରୁ ଆରମ୍ଭ ହେଉଛି । ଏହି ଚନ୍ଦନଯାତ୍ରା ୫ଦିନ ଧରି ମହାଆଡମ୍ବର ଓ ଆନନ୍ଦଉଲ୍ଲାସରେ ପାଳିତ ହେବ । ବାର ମାସରେ ବିଭିନ୍ନ ପର୍ବପର୍ବାଣୀ ଯଥା ଜ୍ୟେଷ୍ଠ ମାସରେ ଦେବସ୍ନାନ ପୂର୍ଣ୍ଣିମା, ଆଷାଢ଼ ମାସରେ ରଜସଂକ୍ରାନ୍ତି, ଶ୍ରାବଣ ମାସରେ ଝୁଲଣ ଯାତ୍ରା, ଭାଦ୍ରବ ମାସରେ ଭାଦ୍ରବ ଅମାବାସ୍ୟା, କାର୍ତ୍ତିକ ମାସରେ ଶରତ ରାହାସ, ମାର୍ଗଶୀର ମାସରେ ପ୍ରଥମାଷ୍ଟମୀ, ପୁଷ ମାସରେ ପୂଷ ପୂର୍ଣ୍ଣିମାରେ ଅଭିଷେକ, ମାଘ ମାସରେ ମାଛବିନ୍ଧା ଯାତ୍ରା, ଫାଲ୍‌ଗୁନ ମାସରେ ଯାଗର ଯାତ୍ରା ଓ ଦୋଳ ଯାତ୍ରା, ଚଇତ୍ର ମାସରେ ରାମନବମୀ ଆଦି ଅନୁଷ୍ଠିତ ହେଉଥଲା ବେଳେ ବୈଶାଖମାସରେ ଅନୁଷ୍ଠିତ ଚନ୍ଦନଯାତ୍ରା ଅନ୍ୟତମ ଗଣପର୍ବ ଅଟେ । ଏହି ଚନ୍ଦନଯାତ୍ରା କେବେଠାରୁ ଆରମ୍ଭ ହୋଇଥିଲା ତାହାର ସଠିକ୍ ପ୍ରମାଣ ନ ମିଳିଲେ ସୁଦ୍ଧା ପ୍ରାୟ ୧୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଏ । ପାଞ୍ଚ ଦିନ ଧରି ଅନୁଷ୍ଠିତ ଚନ୍ଦନଯାତ୍ରା ସମୟରେ ମନ୍ଦିରରେ ସଂଧ୍ୟା ଆଳତୀ ପରେ ବିମାନଯୋଗେ ଇଷ୍ଟ ଦେବ ଶ୍ରୀଲକ୍ଷେଶ୍ୱରଙ୍କ ଚଳନ୍ତି ପ୍ରତିମା ଶ୍ରୀଚନ୍ଦ୍ରଶେଖରଦେବଙ୍କୁ ସଂକୀର୍ତ୍ତନ ସହ ମହାପଟୁଆରରେ ବନ୍ଧଛଡା ମୌଜାସ୍ଥିତ କାଚରାମାଳ ଗ୍ରାମବାସୀମାନେ କୁଆଖାଇ ନଦୀ କୂଳରେ ଥିବା ଚନ୍ଦନଘାଟକୁ ନେଇ ମଣ୍ଡପରେ ବିଜେ କରାଇଥାନ୍ତି । ନଦୀରେ ପୂର୍ବରୁ ପ୍ରସ୍ତୁତ ସୁସଜ୍ଜିତ ନୌକାରେ ଶ୍ରୀଚନ୍ଦ୍ରଶେଖର ଦେବଙ୍କୁ ମନ୍ଦିରର ପୂଜକମାନଙ୍କ ଦ୍ୱାରା ବିଜେ





କରାଯାଇ ଘଣ୍ଟ,ଘଣ୍ଟା ଓ ଭକ୍ତମାନଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଦିନ ଚାପ ଓ ପରେ ରାତି ଚାପ ବା ଭଉଁରୀ କରାଯାଇଥାଏ । ଚାପ ବା ଭଉଁରୀ କରାଇ ଜଳ ଭିତରେ ହୋଇଥିବା ମେଣ୍ଡା କୁଡିଆରେ ଥିବା ଚନ୍ଦନ କୁଣ୍ଡରେ ସ୍ନାନ କରାଇଥାନ୍ତି । ସ୍ନାନ ପରେ ନଦୀ କୂଳରେ ଥିବା ଚନ୍ଦନ ମଣ୍ଡପରେ ଠାକୁରଙ୍କୁ ବିଜେ କରାଇ ଚନ୍ଦନ ଚର୍ଚ୍ଚିତ କରିବା ପରେ ବିମାନ ଯୋଗେ ଚନ୍ଦନ ପଡିଆକୁ ଅଣାଯାଇଥାଏ । ଏହି ଉତ୍ସବରେ ଅନୁଷ୍ଠିତ ଚାପରେ ଈଶ୍ୱରଙ୍କୁ ଦର୍ଶନ କଲେ ପୂଣ୍ୟଫଳ ମିଳିଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି । ତେଣୁ ଚାପ ସମୟରେ ଆଖପାଖ ଅଂଚଳର ବହୁ ଭକ୍ତ ରୁଣ୍ଡ ହେବା ସହ ଈଶ୍ୱରଙ୍କୁ ଦର୍ଶନ କରିଥାଆନ୍ତି । ଚାପ ସାରି ଫେରିବା ସମୟରେ ଶ୍ରୀ ବିଗ୍ରହଙ୍କୁ ଆଲୋକ, ପାରମ୍ପରିକ ବାଦ୍ୟ ଓ ବାଣଫୁଟାଇ ନିକଟସ୍ଥ ଗ୍ରାମ ଯଥା ପୁରୁଣା କାଚରାମାଳ, ନୂଆ କାଚରାମାଳ ଓ ବମ୍ପକୁଦ ଆଦି ଗ୍ରାମବାସୀଙ୍କ ଦ୍ୱାରା ଚାଟେରୀ ଭୋଗ ପ୍ରଦାନ କରାଯାଇଥାଏ । ଚାଟେରୀ ଭୋଗଖାଇ ସାରିବା ପରେ ଠାକୁର ଚନ୍ଦନ ପଡିଆକୁ ପ୍ରବେଶ କରି ପଡିଆସ୍ଥିତ ସୁସଜ୍ଜିତ ମଣ୍ଡପରେ ବିଜେ ହୋଇଥା'ନ୍ତି । ଖଇ, ଉଖୁଡା, ଖଜା, ମିଷ୍ଟାନ୍ନ ଓ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଫଳମୂଳରେ ହେଉଥିବା ପଛିଭୋଗକୁ ଉପସ୍ଥିତ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥାଏ । ପଛି ଭୋଗର ସ୍ୱାଦ ନିଆରା ହୋଇଥିବାରୁ ଭକ୍ତମାନେ ପଛିଭୋଗ ପାଇବା ପାଇଁ ବ୍ୟାକୁଳ ହୋଇ ରହିଥା'ନ୍ତି । ରାତ୍ର ସମୟରେ ପ୍ରତ୍ୟେକ ଦିନ ସଂକୀର୍ତ୍ତନ ଓ ଅପେରା ଦ୍ୱାରା ନାଟକ ମଞ୍ଚସ୍ଥ ହୋଇଥାଏ । ଆଖପାଖ ଗ୍ରାମର ସହସ୍ରାଧିକ ଦର୍ଶକ ରାତି ସାରା ଉକ୍ତ ନାଟ ତାମସାକୁ ଉପଭୋଗ କରିଥାଆନ୍ତି । ଭୋର ୪ଟା ସମୟରେ ଠାକୁର ବିମାନଯୋଗେ ମନ୍ଦିରକୁ ଯିବା ସହ ମନ୍ଦିରରେ ତାଙ୍କର ଦୈନନ୍ଦିନ ନିତ୍ୟକର୍ମ କରାଯାଇଥାଏ । ଶେଷଦିନ ମନ୍ଦିର ପରିସରରେ ହଳଦିପାଣିରେ ଗାଧେଇବା ପରେ ଶ୍ରୀଚନ୍ଦ୍ରଶେଖର ଦେବ ମନ୍ଦିରରେ ପ୍ରବେଶ କରିଥା'ନ୍ତି, ଯାହାକି ବିଜ୍ଞାନସମ୍ମତ ପରମ୍ପରା ଅଟେ ।

ଚଳିତ ବର୍ଷ ଚନ୍ଦନଯାତ୍ରା କମିଟିର ସଭାପତି ଭକ୍ତବନ୍ଧୁ ବରାଳ, ସଂପାଦକ ସୁକାନ୍ତ ଭୋଇ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ବରାଳ, ପ୍ରଶାନ୍ତ କୁମାର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାରଣା, ସୁଧାକର ସ୍ୱାଇଁ, ବସନ୍ତ କୁମାର ସାହୁ, ରବି ନାରାୟଣ ସାହୁ, ସନ୍ତୋଷ ସାହୁ, ଅନୀଲ ମହାନ୍ତି, ଉତ୍ତମ ମହାନ୍ତି, କାଳନ୍ଦି ଜେନା, ଯୋଗେନ୍ଦ୍ର ଜେନା, ଡମା ଜେନା ଓ ପ୍ରତାପ ଜେନା ପ୍ରମୁଖ ଚନ୍ଦନଯାତ୍ରା ମହୋତ୍ସବକୁ ପରିଚାଳନା କରୁଥିବା ବେଳେ ଗ୍ରାମର ସମସ୍ତ ଯୁବପିଢ଼ୀ ଓ ଗ୍ରାମବାସୀ ସହଯୋଗରେ ଆୟୋଜିତ ହୋଇଥାଏ ଏହି ଗଣପର୍ବ। ଏହି ଚନ୍ଦନଯାତ୍ରା ଅବସରରେ ଜନଗହଳିକୁ ଦୃଷ୍ଟିରେ ରଖି କଟକ ସଦର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି ବୋଲି ଆଇଆଇସି ରଶ୍ମି ରଂଜନ ମହାପାତ୍ର ସୂଚନା ଦେଇଛନ୍ତି ।



# 'ବ୍ୟାସକୃତ ଶ୍ରୀମଦ୍ ଭାଗବତ : ଭକ୍ତି ଓ ଲୀଳାମୃତ' ଶୀର୍ଷକ ଆଲୋଚନାଚକ୍ର




ରାଉରକେଲା(ପିପିଏସ୍) : ବ୍ୟାସଦେବ ତଥା ମହର୍ଷି ବେଦବ୍ୟାସଙ୍କର ମହନୀୟତାର ବୃଦ୍ଧି ପାଇଁ ସଂକଳ୍ପବଦ୍ଧ ବେଦବ୍ୟାସ ପୀଠ ବିକାଶ ମଞ୍ଚ ତରଫରୁ କଳିଙ୍ଗ ବିହାରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ ସହିତ ମିଳିତ ଆନୁକୂଲ୍ୟରେ ଧାରାବାହିକ ଆଲୋଚନାଚକ୍ର ' ବ୍ୟାସଦେବ ସୃଜନ ଚିନ୍ତନ'ର ତୃତୀୟ ଅର୍ଘ୍ୟ ବ୍ୟାସକୃତ ' ଶ୍ରୀମଦ୍ ଭାଗବତ : ଭକ୍ତି ଓ ଲୀଳାମୃତ' ଶୀର୍ଷକ ଆଲୋଚନା କରାଯାଇଥିଲା । ଏହି ଅବସରରେ ସଙ୍ଗଠନର ଆବାହକ ବଦ୍ରୀ ନାରାୟଣ ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିବା ସହ ବ୍ୟାସକ୍ଷେତ୍ରର ମହନୀୟତା ଉପରେ ଅନେକ ପୌରାଣିକ ଏବଂ ଐତିହାସିକ ତଥ୍ୟ ପ୍ରଦାନ କରି ଏହି ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ଚେଷ୍ଟା କରିବାକୁ ନିବେଦନ କରିଥିଲେ। ଉଦ୍‌ଘାଟକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ମହେନ୍ଦ୍ର କୁମାର ମହାନ୍ତି ହକି ଷ୍ଟାଡିୟମ ନିର୍ମାଣ ମାଧ୍ୟମରେ ରାଉରକେଲା ସହରବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ହାଇଟେକ୍ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଆରମ୍ଭ ହୋଇଥିବା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ରାଜକୁମାର ମହାନ୍ତି ମହର୍ଷି ବେଦବ୍ୟାସଙ୍କର ସୃଷ୍ଟିରେ ଶ୍ରୀମଦ୍ ଭାଗବତର ମହନୀୟତା ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ବେଦବ୍ୟାସ ପୀଠ ବିକାଶ ମଞ୍ଚରଯୁଗ୍ମ ଆବାହକ ବିଭୂତି ଭୂଷଣ ଦାସ ଭିତ୍ତି ଉପସ୍ଥାପନ ମାଧ୍ୟମରେ ଭାରତବର୍ଷର ପର୍ଯ୍ୟଟନ ମାନଚିତ୍ରରେ ଏହି ପୀଠ ରାଷ୍ଟ୍ରୀୟସ୍ତରର ମାନ୍ୟତା ପାଇବାକୁ ହେଲେ ସରକାରୀ ସ୍ତରରେ ତତ୍ପରତା ପାଇବା ଉଚିତ୍ ବୋଲି କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗିରିଜା ଗୋସ୍ୱାମୀ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ମୋହନ କର, ଲକ୍ଷ୍ମଣ ନାଥ ଦାସ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ,କ୍ଷୀରୋଦ କୁମାର ମିଶ୍ର, ଶଙ୍କର ପ୍ରସାଦ ତ୍ରିପାଠୀ, ହରିହର ଶତପଥୀ, ବିଦ୍ୟାଧର ବିଶ୍ୱାଳ,ରାଜେନ୍ଦ୍ରକୁମାର ପାଢ଼ୀ, ଗଜେନ୍ଦ୍ର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟ୍ ବର୍ଜନ ନିଷ୍ପତ୍ତିରୁ ଓହରିଲେ ସମାସିଂଘା ପଞ୍ଚାୟତ ଚାଷୀ

ଝାରସୁଗୁଡ଼ା (ହିସ) - ଭୋଟ୍ ବର୍ଜନ ନିଷ୍ପତିରୁ ଓହରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ପୂର୍ବକ ଆଗାମୀ ଉପନିର୍ବାଚନରେ ଭୋଟଦାନ କରିବାକୁ ସମାସିଂଘା ପଂଚାୟତ ଚାଷୀକୂଳ କହିଛନ୍ତି। ଆଜି ଅପରାହ୍ଣରେ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବା ପରେ ପ୍ରତିନିଧିମାନେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଭୋଟବର୍ଜନ ନିଷ୍ପତିରୁ ଓହରୁଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅଂଚଳରେ ଚାଷ ଜମିକୁ ପାଣି ଯୋଗାଣ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ବତୀ ଗିରି ମେଗା ଜଳ ସେଚନ ପ୍ରକଳ୍ପ ଅନ୍ତର୍ଗତ ପ୍ରସ୍ତାବିତ ସମସ୍ତ ବାର ଶହ ହେକ୍ଟର ଜମିର ସମସ୍ତ ଅଂଚଳକୁପାଣିଯୋଗାଇବା ପାଇଁ ଦାବୀ କରାଯାଇଛି। ଚେତାନନ୍ଦ ପଟେଲଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟିଥିଲେ।

# ରାଉରକେଲା ଇସ୍ପାତ କାରଖାନା ପରିସରରେ ନୂତନ ଅତ୍ୟାଧୁନିକ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ ପ୍ରଣାଳୀ ଉଦ୍‌ଘାଟିତ




ରାଉରକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପରିସରରେ ସଡକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ନୂତନ ପ୍ରଯୁକ୍ତି କୌଶଳ ଯୁକ୍ତ ପଦକ୍ଷେପ ସ୍ୱରୂପ ଇଡି (ୱାର୍କସ) ବିଲଡିଙ୍ଗ ନିକଟରେ ଥିବା ଚତୁଃରୋଡ୍ କ୍ରସିଂରେ ଏକ ଅତ୍ୟାଧୁନିକ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ (ଆରଏଲଭିଡି) ସିଷ୍ଟମ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏସ ଆର ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଦେବବ୍ରତ ଦତ୍ତ, ସିଜିଏମ ଷ୍ଟିଲ ରାମକୃଷ୍ଣ ପାତ୍ର, ଡିଜାଇନ ଓ ସମ୍ବ ବିଭାଗର ସିଜିଏମ ରବି ରଞ୍ଜନ, ଇଲେକ୍ଟ୍ରିକଲ ବିଭାଗର ସିଜିଏମ, ଏମ୍ କେ ମହାନ୍ତି, ଇନଷ୍ଟ୍ରୁମେଣ୍ଟେସନ୍ ଓ ଅଟୋମେସନ୍ ବିଭାଗର ସିଜିଏମ ସୁଦୀପ ପାଲ ଚୌଧୁରୀଙ୍କ ସମେତ ଅଟୋମେସନ୍, ସଞ୍ଚାର ଏବଂ ସୁରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ନୂତନ ପ୍ରଯୁକ୍ତିବିଦ୍ୟା ସଡକ ସୁରକ୍ଷାରେ ଉନ୍ନତି ସାଧନ ତଥା କାରଖାନା ମଧ୍ୟରେ ଥିବା ବ୍ୟସ୍ତବହୁଳ ଛକଗୁଡ଼ିକରେ ଟ୍ରାଫିକ୍ ଉଲ୍ଲଂଘନକୁ ହ୍ରାସ କରିବା ନିମନ୍ତେ ଡିଜାଇନ୍ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ନୂତନ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ ପ୍ରଣାଳୀ ହେଉଛି ଏକ ଉନ୍ନତ ଟ୍ରାଫିକ୍ ମନିଟରିଂ ସିଷ୍ଟମ୍ ଯାହା ଇଡି (ୱାର୍କସ) ବିଲ୍ଡିଂ କ୍ରସିଂରେ ରେଡ୍ ଲାଇଟ୍ ଉଲ୍ଲଂଘନ କରୁଥିବା ଯାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ହାଇ ରିଜୋଲ୍ୟୁସନ୍ କ୍ୟାମେରା ଏବଂ ସେନ୍ସର ବ୍ୟବହାର କରୁଛି। ଏଭଳି ଯାନବାହନର ଲାଇସେନ୍ସ ପ୍ଲେଟକୁ କ୍ୟାପଚର କରିବା ଏବଂ ଗାଡିର ପଞ୍ଜୀକୃତ ମାଲିକକୁ ସ୍ୱୟଂଚାଳିତ ଭାବରେ ଚିହ୍ନଟ କରିବା ପାଇଁ ସିଷ୍ଟମ ଡିଜାଇନ୍ କରାଯାଇଛି। ଏହାର ପ୍ରଭାବ ଏବଂ ନିର୍ଭରଯୋଗ୍ୟତା ନିଶ୍ଚିତ କରିବାକୁ ଏହି ବ୍ୟବସ୍ଥାକୁ କଠୋର ରୂପେ ପରୀକ୍ଷଣ କରାଯାଇଛି। ଉକ୍ତ ବ୍ୟବସ୍ଥାରେ ବ୍ୟବହୃତ ଟେକ୍ନୋଲୋଜି ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଆଲଗୋରିଦମ ଉପରେ ଆଧାରିତ ଏବଂ ସାଧାରଣ ଟ୍ରାଫିକ୍ ଉଲ୍ଲଂଘନକୁ ମଧ୍ୟ ସଠିକ୍ ଭାବରେ ଚିହ୍ନଟ କରିବାରେ ଏହା ସକ୍ଷମ ଅଟେ। ଇ ଏବଂ ଏ, ସୁରକ୍ଷା ଏବଂ ଯୋଗାଯୋଗ ବିଭାଗ, ଆରଏସପି ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ସଙ୍ଗେସଙ୍ଗେ କାରଖାନାରେ ଟ୍ରାଫିକ୍ ଉଲ୍ଲଂଘନକୁ ହ୍ରାସ କରିବା ଦିଗରେ ରାଉରକେଲା ଇସ୍ପାତ କାରଖାନାର ପ୍ରତିବଦ୍ଧତାର ଏକ ଅଂଶବିଶେଷ ଅଟେ। ଅଟୋମେଟିକ୍ ନମ୍ବର ପ୍ଲେଟ୍ ସ୍ୱୀକୃତି ପ୍ରଣାଳୀ ସହିତ ଏହା ପୂର୍ବରୁ କାର୍ଯ୍ୟ କରୁଛି, ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ ସିଷ୍ଟମ୍ କେବଳ ରୋଡକ୍ରସିଂରେ ଦୁର୍ଘଟଣା ହ୍ରାସ କରିବାରେ ସାହାଯ୍ୟ କରିବ ନାହିଁ ବରଂ ସମ୍ଭାବ୍ୟ ଉଲ୍ଲଂଘନକାରୀଙ୍କ ପାଇଁ ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରିବ, ଯାହାଦ୍ୱାରା ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ପାଇଁ ଏହି ଛକ ସୁରକ୍ଷିତ ହୋଇପାରିବ ।

# ୪ ଗଞ୍ଜେଇ ବେପାରୀଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରୀ

ମାଲକାନଗିରି, (ହି.ସ.): ମାଲକାନଗିରି ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ବାରମ୍ୱାର କୋର୍ଟ ନୋଟିସକୁ ଅବମାନନା କରି ଧାର୍ଯ୍ୟ ତାରିଖଗୁଡିକରେ ହାଜର ନ ହେବାରୁ କାଲିମେଲା ଓ ଚିତ୍ରକୋଣ୍ଡା ଥାନା ଅଂଚଳର ଚାରି ଗଞ୍ଜେଇ ବେପାରୀଙ୍କୁ ପଳାତକ ଘୋଷଣା କରାଯାଇଛି। ବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଚିତ୍ରକୋଣ୍ଡା ଏସଡିପିଓ ଆରସେଲ କିସପୋଟାଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ଥାନାଧିକାରୀ ମୁକୁନ୍ଦ ମେଲକାଙ୍କ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ଚିତ୍ରକୋଣ୍ଡା ଥାନା ଅନ୍ତର୍ଭୁକ୍ତ ଆରଙ୍ଗୀ ଗ୍ରାମର ରାମଜାନ ଖାନ ଏବଂ ଗିରିଲିଗୁଡ଼ା ଗ୍ରାମର ବୁଦୁ ଖିଲଙ୍କ ଘରକୁ ଯାଇ ପଚାରି ବୁଝିବାରୁ ସେମାନେ ଘରେ ନ ଥିବା ଜଣାପଡ଼ିଥିଲା। ତେବେ ଉଭୟ ଗ୍ରାମର ଗ୍ରାମବାସୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ଦ୍ୱୟଙ୍କ ଘର କାନ୍ଥରେ ପଳାତକ ନୋଟିସ୍ ମରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପଳାତକ ଘୋଷଣା କରାଯାଇ ଜାମିନବିହୀନ ଗିରଫ ପରୱାନା (ଏନବିଡବ୍ଲୁ)ଜାରି କରାଯାଇଛି। ଆଜିଠାରୁ ଧାର୍ଯ୍ୟ ତାରିଖ ମଧ୍ୟରେ କୋର୍ଟରେ ହାଜର ନ ହେଲେ ତାଙ୍କର ଥିବା ସମସ୍ତ ସମ୍ପତିକୁ ଆଇନ ଅନୁଯାୟୀ ବାଜ୍ୟାପ୍ତି କରାଯିବ ବୋଲି ଘୋଷଣାରେ ଉଲ୍ଲେଖ କରାଯାଇଛି। ରାମଜାନଙ୍କ ନାମରେ ଏକ ଏନ୍ଡିପିଏସ୍ କେସ୍ ନମ୍ବର ୫୨/୨୧ ଏବଂ ବୁଦୁଙ୍କ ନାମରେ ୧୬/୨୦୧୬ ମାମଲା ଅନୁଯାୟୀ ଉଭୟ ଫେରାର ରହି କୋର୍ଟଙ୍କ ନିର୍ଦ୍ଦେଶକୁ ବାରମ୍ୱାର ଅବମାନନା କରିଥିବାରୁ ବିଚାରପତି ଏହି ଘୋଷଣା କରିଛନ୍ତି। କେବଳ ଏହି ଅଭିଯୁକ୍ତମାନେ ନୁହେଁ ଚିତ୍ରକୋଣ୍ଡା ଥାନା ଅନ୍ତର୍ଭୁକ୍ତ ଥିବା ଅଂଚଳ ମଧ୍ୟରେ ରହିଥିବା ଏହିଭଳି ଏନ୍ଡିପିଏସ ତଥା ଅନ୍ୟାନ୍ୟ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତମାନଙ୍କ ନିମନ୍ତେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପଳାତକ ଘୋଷଣା କରାଯାଇ ଗିରଫ ପରୱାନା ଜାରି କରାଯିବ ବୋଲି ଚିତ୍ରକୋଣ୍ଡା ଥାନାଧିକାରୀ ମୁକୁନ୍ଦ ମେଲକା ପ୍ରକାଶ କରିଛନ୍ତି। ସେହିପରି କାଲିମେଲା ଥାନା ଅନ୍ତର୍ଗତ ଏମଭି- ୯୪ ଗ୍ରାମର ଅନୁପ ମିସ୍ତ୍ରୀ ଓ ମହାଦେବ ମଣ୍ଡଳଙ୍କ ନାମରେ କାଲିମେଲା ଥାନାରେ କେସ ନମ୍ବର ୧୫୫/୧୯ ରେ ଗଞ୍ଜେଇ ଚାଲାଣ ନେଇ ମାମଲା ହୋଇଥିଲା। ଏହି ମାମଲାରେ ଉଭୟ କୋର୍ଟ ଆଦେଶକୁ ଅବମାନନା କରି ଫେରାର ଥିବାରୁ ଦୁହିଁଙ୍କୁ ପଳାତକ ଘୋଷଣା କରାଯାଇ ଗିରଫ ପରୱାନା ଜାରୀ କରାଯାଇଥିବା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ସୂଚନା ଦେଇଛନ୍ତି।

# ପାହାଡ଼ ଉପରକୁ ଚଢ଼ି ନେଟୱର୍କ ଖୋଜୁଛନ୍ତି ଗାଁ ଲୋକେ

ମାଲକାନଗିରି, (ହି.ସ.): ବଣ ଜଙ୍ଗଲ ଘେରା ପାହାଡ । ସବୁଆଡେ ଘଂଚ ଅରଣ୍ୟ । ଏହାରି ମଧ୍ୟରେ ଏମାନେ କିଛିଯୁବକ ଇତସ୍ତତଃ ହୋଇ ବୁଲୁଛନ୍ତି । ଏମିତି ଦୃଶ୍ୟ ଦେଖିବା ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚିତ । ହେଲେ ଏହା ପଛର କାରଣ ବଡ କରୁଣ । ନିଜ ଇଚ୍ଛାରେ ନୁହେଁ, ବାଧ୍ୟବାଧକତାରେ ଜଙ୍ଗଲରେ ମୋବାଇଲ ଧରି ବୁଲୁଛନ୍ତି ଗାଁ ଲୋକମାନେ । ଆଜିକା ଦିନରେ ଆମେ ସମସ୍ତେ ୫-ଜି ନେଟୱର୍କ ବ୍ୟବହାର କଲେଣି । କେହିକେହି ୪-ଜି ବ୍ୟବହାର କରୁଛନ୍ତି । ହେଲେ ଏମାନେ ୨-ଜି ଲାଗି ସଂଘର୍ଷ କରୁଛନ୍ତି । ଗାଁ ଭିତରେ ତ ନେଟୱର୍କ ଜମାରୁ ଆସୁନି ଯଦି ପାହାଡ ଉପରକୁ ଚଢ଼ିବ, ଆଉ ଇଆଡେ ସିଆଡେ ବୁଲିବ ତେବେ ଯାଇ ମୋବାଇଲରେ ନେଟୱର୍କ ଆସିବ । ମାଲକାନଗିରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ଧୁଲିପୁଟ, ଗାଜଲ ମାମୁଡି, କୁରୁମାନୁଁ, ପାପୁଲୁର ଆଦି ଚାରଟି ପଂଚାୟତର ଲୋକମାନେ ଆଜି ବି ନେଟୱର୍କ ପାଇବାରୁ ବଂଚିତ । ପିଲାଙ୍କ ପାଠପଢା ହେଉ କି ବ୍ୟାଙ୍କ କାମ ହେଉ ଭତ୍ତା ହେଉ କି ଅନଲାଇନ୍ ଫର୍ମ ଫିଲଅପ୍ ହେଉ ସବୁବେଳେ ନେଟୱର୍କ ପାଇଁ ସ୍ୱାଭିମାନ ଅଂଚଳର ଲୋକମାନେ ନାହିଁନଥିବା ଅସୁବିଧାର ସାମ୍ନା କରୁଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଆଜିକା ଦିନରେ ବି ସମ୍ପର୍କୀୟ କିମ୍ବା ଦୂରରେ ରହୁଥିବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ସହିତ କଥାବାର୍ତା ହେବାକୁ ହେଲେ ସେମାନଙ୍କୁ ଚଢ଼ିବାକୁ ପଡେ ପାହାଡ଼ । ସ୍ଥିତି ଏମିତି ବି ହୋଇଛି ଘରେ ରୋଗୀ ପଡିଛି ଆଉ ଆମ୍ବୁଲାନ୍ସ ପାଇଁ ପାହାଡ ଉପରକୁ ଚଢ଼ି ନେଟୱର୍କ ଖୋଜୁଛନ୍ତି ଗାଁ ଲୋକେ । ଖାଲି ନେଟୱର୍କ କାହିଁକି ? ଗାଁ ଲୋକଙ୍କ ଲାଗି ବିଜୁଳି ଓ ଭଲ ରାସ୍ତା ସାତ ସପନ ହୋଇ ରହିଛି । ଗୋଟିଏ ପଟେ ଡିଜିଟାଲ୍ ଇଣ୍ଡିଆର କଥା ସରକାର କହୁଛନ୍ତି । ରାଜ୍ୟଠୁ କେନ୍ଦ୍ର ସରକାର ସବୁ କାମ ଅନଲାଇନ୍ ମାଧ୍ୟମରେ କରିବାକୁ କହୁଛନ୍ତି । ହେଲେ ଆଜିକା ଦିନରେ ବି ନେଟୱର୍କ ଲାଗି ସ୍ୱାଭିମାନ ଅଂଚଳର ଲୋକେ ଯେମିତି ସଂଘର୍ଷ କରୁଛନ୍ତି ତାହା ଆଖିରେ ନଦେଖିଲେ ବିଶ୍ୱାସ କରିହେବନି ।ସମସ୍ୟାକୁ ନେଇ ସରପଂଚଙ୍କୁ ବାରମ୍ୱାର ଅଭିଯୋଗ କରିଛନ୍ତି ଲୋକେ । ହେଲେ ଫଳ କିଛି ହୋଇନି । ବରଂ ସରପଂଚ କହିଛନ୍ତି ବ୍ଲକ୍ ଅଧ୍ୟକ୍ଷାଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି । ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ।

# ଗଛରେ ପିଟିହେଲା କାର୍ : ମହିଳା ଗୁରୁତର



ବୌଦ୍ଧ : ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ବୌଦ୍ଧ ଜିଲ୍ଲାର ଜହ୍ନାପଙ୍କ ଫାଣ୍ଡି ବୁରକଟା ଛକ ନିକଟରେ ଏକ ଇନୋଭା କାର (ଓଡି ୦୨ଏଭି ୬୭୩୨) ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଛି। ଏଥିରେ ବସିଥିବା ଗୋଟିଏ ପରିବାର ତିନିଜଣ ଥିବା ବେଳେ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡିଛି। ହେଲେ ଗାଡି ଚଳାଉଥିବା ଗାଡି ମାଲିକ ଓ ତାଙ୍କ ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଭୁବନେଶ୍ୱର ନିବାସୀ ମଧୁସୂଦନ ରାଉତ (୩୫) ତାଙ୍କ ପତ୍ନୀ ରୀନା ରାଉତ (୩୦) ଓ ତାଙ୍କ ଦୁଇ ବର୍ଷର ଝିଅ ସହ କୌଣସି ନିଜ କାମରେ ସୋନପୁର ଯାଉଥିଲେ। ରବିବାର ସକାଳ ୫ଟାରେ ମଧୁସୂଦନଙ୍କ ଆଖି ଲାଗି ଯିବାରୁ ଗଛରେ ପିଟିହୋଇ ଦୁର୍ଘଟଣାର ସାମ୍ନା କରିଥିଲେ। ଘଟଣାସ୍ଥଳରେ ତାଙ୍କ ପତ୍ନୀ ରୀନାଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଅନ୍ୟମାନେ ସାମନ୍ୟ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ରୀନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତରିତ କରାଯାଇଛି ।ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ କରୁଥିବା ଜଣା ପଡ଼ିଛି।

# ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ଗଜପତି ଜିଲ୍ଲା ଶାଖା ବୈଠକ




ପାରଳାଖେମୁଣ୍ଡି ,(ପିପିଏସ୍): ସ୍ଥାନୀୟ ଶୈଳମ୍ କଲ୍ୟାଣ ମଣ୍ଡପ ପରିସରରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ଗଜପତି ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି . ଜିଲ୍ଲା ସଭାପତି ସିଦ୍ଧେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ବୈଠକରେ ସମ୍ପାଦିକା ତନୁଜା ଶତପଥୀ ପ୍ରାରମ୍ଭିକ ଅଭିଭାଷଣ ଦେବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ . ମଂଚାସୀନ ହୋଇ ବକ୍ତବ୍ୟ ରଖିଥିଲେ ନରସିଂହ ଗୌଡ଼ । ସଚ୍ଚିଦାନନ୍ଦ ସାମଲ , ଲିଙ୍ଗରାଜ ପାଣିଗ୍ରାହୀ , ହର ପ୍ରସାଦ ସୁଆର , ଲୋକନାଥ ମିଶ୍ର ,ଗଣେଶ ରାଜୁ , ମୁରଲୀ ପରିଚ୍ଛା , ସବିତା ପଣ୍ଡିତ , ମାନସୀ , ପ୍ରଫୁଲ୍ଲ , ମୀନା , କବିତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ପ୍ରତି ମାସର ଶେଷ ରବିବାର ବୈଠକ ରଖି ସାହିତ୍ୟ ଆଲୋଚନା , କବିତା ପାଠ ପ୍ରଭୃତି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ମେ' ୨୫ ତାରିଖ ଦିନ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ପାଳନ ସକାଶେ ଉପସ୍ଥିତ ସମସ୍ତେ ମତ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଗୌରାଙ୍ଗ ଗୌଡ। ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ରଙ୍କୁ ବୈଠକକୁ ନିମନ୍ତ୍ରଣ କରା ଯାଇଥିଲା। କିନ୍ତୁ ଅସୁସ୍ଥତାବଶତଃ ସେ ଆସି ନପାରି ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ।

# ରବିବାର ଅନ୍ନପୂର୍ଣ୍ଣା ଆହାରର ବିକଳ୍ପ ହେଉ



ବଲାଙ୍ଗିର : ପ୍ରତି ରବିବାର ଦିବା ଘ.୧୨.୩୦ମି. ସମୟରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ରୋଗୀ ଓ ସେମାନଙ୍କର ସହାୟକ ଭାବରେ ଆସିଥିବା ବ୍ୟକ୍ତି ବିଶେଷମାନଙ୍କୁ ସହଯୋଗ ଫାଉଣ୍ଡେସନ ତରଫରୁ ଅନ୍ନପୂର୍ଣ୍ଣା ମାଧ୍ୟମରେ ୭ ମାସ ହେଲା ଭାତ ଓ ଡାଲମା ତାହା ସହିତ ବେଳେ ବେଳେ ଅନ୍ୟାନ୍ୟ ମିଷ୍ଟାନ୍ନ ବଣ୍ଟନ କରିଆସୁଛି । ଓଡିଶା ସରକାର ରବିବାର ଦିନ ଆହାର କେନ୍ଦ୍ର ବନ୍ଦ ଥିବା ବେଳେ ସହଯୋଗ ଫାଉଣ୍ଡେସନ ତରଫରୁ ନିଆଯାଇଥିବା ରବିବାର ଦିନ ଅନ୍ନପୂର୍ଣ୍ଣା ଯୋଜନା ମାଗଣାରେ ଖାଇବାକୁ ଯୋଗାଉଛି । ସେଥି ପାଇଁ ସହଯୋଗ ଫାଉଣ୍ଡେସନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ରବିବାର ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ ଆହାରର ବିକଳ୍ପ ହେଉ ବୋଲି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ନନ୍ଦିଘୋଷ ଟିଭିର ବ୍ୟୁରୋ ମୁଖ୍ୟ ଦିପକ ପୁରୋହିତ ଓ ଶିବା ଆର୍ଟର ମାଲିକ ଶିବ ଶଙ୍କର ମେହେର ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆପ କା ସ୍ୱାସ୍ଥ୍ୟ, ଆପକା ସାଥ ଅତିଥିଗଣ ଦ୍ୱାରା ଉନ୍ମୋଚନ ହୋଇଥିଲା । ଯାହା ସହଯୋଗ ଫାଉଣ୍ଡେସନ ତରଫରୁ ଆସନ୍ତା ଶନିବାର ଦିନ ଠାରୁ ବଲାଙ୍ଗିର ବିଭୁତିପଡା ସ୍ଥିତ ପାର୍କରେ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଜାରି ରହିବ। କାର୍ଯ୍ୟକ୍ରମରେ ସହଯୋଗ ଫାଉଣ୍ଡେସନର ସଭ୍ୟ ତଥା ମୋଟିଭେଟର ଆର୍ତ୍ତତ୍ରାଣ ପାଢୀ ଆପ କା ସ୍ୱାସ୍ଥ୍ୟ, ଆପକା ସାଥ ବିଷୟରେ ବିଷଦ ଭାବରେ ଅବଗତ କରାଇଥିଲେ। ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମକୁ ଆଜି ପାଇଁ ସହଯୋଗର ହାତ ବଢ଼ାଇଥିଲେ ଟିଟିଲାଗଡର ସମାଜସେବୀ ଅମର ଜୈନ। କାର୍ଯ୍ୟକ୍ରମରେ ପିଙ୍କି ମୋଦୀ, ପ୍ରତ୍ୟୁଷ ପୁରୋହିତ, ପ୍ରଭାତ ଶ୍ରୀବାସ୍ତବ, ରାମ ଅବତାର ଅଗ୍ରୱାଲା, ସନ୍ତୋଷ ଲାଲା, ପୂଜା ଲାଲ, ତୁଫାନ ପାତ୍ର, ସୁଦିପ୍ତ ତ୍ରିପାଠି, ଦିପକ ଜୈନ, ଅନିଲ ମୋଦୀ, ଶଙ୍କର ଦିପ, ଅଚ୍ୟୁତ ସାହୁ, ରାମ ନାରାୟଣ ଦାଶ, ପବନ ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଡ. ପଂଚାନନ ପ୍ରଧାନ ପରିଚ୍ଳନା କରିଥିଲେ।

# ଦୁଡ଼ା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଭ୍ରଷ୍ଟାଚାର ବିରୋଧୀ ସଂଗଠନ

ଜୟପୁର, (ହି.ସ.) : ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ କୋରାପୁଟ ଜିଲା ଶାଖା ତରଫରୁ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଛି । ଏଥିରେ କୋରାପୁଟ ଜିଲା ଶାଖାର ସଭାପତି ଅଶୋକ ମିଶ୍ର ଉପସ୍ଥିତ ରହି ଗତ ଦିନରେ ଡୁଡାର ଏକାଉଂଟାଂଟ ପି ଆଶିଷ କୁମାର ଲକ୍ଷ ଲକ୍ଷ ଟଙ୍କା ହଡପ କରି ଗିରଫ ହୋଇଛନ୍ତି । ଦୀର୍ଘ ୩ ବର୍ଷ ହେବ ସେ ବ୍ୟାଙ୍କରୁ ଟଙ୍କା ହେରଫେର କରି ନିଜ ନାମରେ କରୁଥିବା ବେଳେ ଉଚ୍ଚ ପ୍ରଦସ୍ତ ଅଧିକାରୀ କିପରି ଜାଣି ପାରିଲେ ନାହିଁ । ବିଭାଗରେ ସମୟ ଅନୁଯାଇ ଅଡିଟ ହୋଉ ନଥିବାରୁ ଏପରି ଘଟଣା ଘଟିଥିଲା। ଏହି ମାମଲାରେ ଉଚ୍ଚ ସ୍ତରିୟ ଅଧିକାରି ମାନେ ମଧ୍ୟ ସାମିଲ ଥିବା ସେ ଅଭିଯୋଗ କରିଛନ୍ତି । ତେଣୁ ରାଜ୍ୟ ସରକାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ଯେଉଁ ଅଧିକାରି ମାନେ ଏଠାରେ ସାମିଲ ଅଛନ୍ତି ସେମାନଙ୍କୁ ଗିରଫ କରାଯାଉ, ଜନତାଙ୍କ ଟଙ୍କା ଯେପରି ଫେରିବ ସେ ନେଇ ୫ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଏକ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଜୟପୁର: ଅଜଣା ଗାଡି ଧକ୍କାରେ ଜଣକର ମୃତ୍ୟ ହୋଇଛି । ମୃତକ ଜଣକ ହେଉଛନ୍ତି ବୈପାରିଗୁଡା ଥାନା ଦିଗାପୁର ନୁଆଗୁଡାର ରତନ ନାୟକ (୫୦) ସୂଚନା ଅନୁଯାଇ ବୈପାରିଗୁଡା ଥାନା ଅନ୍ତର୍ଗତ ଦିଗାପୁର ନୁଆଗୁଡାର ରତନ ନାୟକ ଏକ ବାଇକ ରେ ପଛରେ ବସି ବୋରିଗୁମ୍ମା ନୁଆ ଗାଁ ଯାଇ ଫେରୁଥିଲେ ।

ଫେରିବା ସମୟରେ ରଣ୍ଡାପାଲି ଠାରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ରତନ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଏକ ଟିପ୍ପର ଧକ୍କା ଦେଇ ଚାଲି ଯାଇଥିବା ସମ୍ପର୍କୀୟ ମାନେ କହିଛନ୍ତି । ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜୟପୁର ଜିଲା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ତଦନ୍ତ ଜାରି ରହିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# 'ଶିକ୍ଷାର ବିକାଶ ବିନା ସାମାଜିକ ବିକାଶର ପରିକଳ୍ପନା ଅବାସ୍ତବ' ଶୀର୍ଷକ ଆଲୋଚନାଚକ୍ର



ସମ୍ବଲପୁର: ସମ୍ବଲପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ'ଶିକ୍ଷାର ବିକାଶ ବିନା ସାମାଜିକ ବିକାଶର ପରିକଳ୍ପନା ଅବାସ୍ତବ' ଶୀର୍ଷକ ଏକ ଆଲୋଚନାଚକ୍ର ଆଜି ସମ୍ବଲପୁର ନାରୀ ସେବା ସଦନ ସ୍ଥିତ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାନେତ୍ରୀ ଶ୍ରୀମତୀ ଜୋତ୍ସ୍ନାମୟୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ ବବୃବାହନ ଭୋଇ ସଂଚାଳନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦିଲ୍ଲୀପ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଣ୍ଡିଆନ ବାଂକର ଅବସରପ୍ରାପ୍ତ ପରିଚାଳକ ମୋତିଲାଲ ନନ୍ଦ ଅନ୍ୟତମ ଅତିଥି ଭାବେ ଦେଇ ଶିକ୍ଷାର ଆଶାନୁରୂପ ବିକାଶ ନ ଘଟିଲେ ସାମାଜିକ ବିକାଶର ପରିକଳ୍ପନା ସଂପୂର୍ଣ୍ଣ ଅବାକସ୍ତବ ମନେହୁଏ ଓ ଏହାର ପ୍ରତିଫଳନରେ ଏକ ସୁସ୍ଥ ସମାଜରେ ମଧ୍ୟ ନୈତିକ ସ୍ଖଳନ ଘଟିଥାଏ ।ଏକ ସୁସ୍ଥ ଓ ସଭ୍ୟ ସମାଜରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଉଲ୍ଲେଖନୀୟ ବିକାଶ ନ ଘଟିଲେ ସାମଗ୍ରିକ ଭାବେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶଧାରା ମଧ୍ୟ ସଙ୍କୁଚିତ ଓ ପ୍ରଭାବିତ ହୋଇଥାଏ ବୋଲି ଉଭୟ ଅତିଥିବୃନ୍ଦ ସେମାନଙ୍କର ଅଭିଭାଷଣରେ ସ୍ପଷ୍ଟ ଟିପ୍ପଣୀ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ପ୍ରାଥମିକ ବିଦ୍ୟାଳୟସ୍ତରରୁ ଶିକ୍ଷାର ମୂଳଦୂଆକୁ ମଜବୁତ ନ କଲେ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ମୌଳିକ ଲକ୍ଷ୍ୟ ଓ ଆଭିମୁଖ୍ୟ ବହୁଳ ଭାବେ ପ୍ରଭାବିତ ହେବ ବୋଲି ସୁଚିନ୍ତିତ ମତାମତ ଦେଇଥିଲେ। ଏତଦବ୍ୟତୀତ,ଜିଲ୍ଲାରେ ଶିକ୍ଷକ ସଂଘର ଉଲ୍ଲେଖନୀୟ ବିକାଶ ଓ ଅଭିବୃଦ୍ଧି ଘଟାଇବା ପାଇଁ ସମୁଦାୟ ଏଗାରଟି ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।ଏହି ସଙ୍ଗଠନ ବ୍ଲକ୍ ସ୍ତରରୁ ଆରମ୍ଭ ହୋଇ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରି ଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥଲେ ।ପରେ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ସମାନ୍ତରାଳ ଏକ ଜାଲ ଶିକ୍ଷକ ସଂଗଠନ ଗଠନ ହୋଇଥବାରୁ ଜିଲ୍ଲାର ଏକମାତ୍ର ମୂଳ ସଂଗଠନର ଆଦର୍ଶ ଓ ସୁନାମ କଳଙ୍କିତ ହେଉଛି ବୋଲି କଟୁ ସମାଲୋଚନା କରିଥିଲେ। ତେବେ, ମୂଳ ପ୍ରାଥମିକ ଶିକ୍ଷକ ସଂଗଠନର ପଞ୍ଜିକରଣ ନମ୍ବର କୁ ଅନୁସରଣ କରି ଶ୍ରୀ ମତୀ ରଚନା ସିଂ ଆଉ ଏକ ସମାନ୍ତରାଳ ଜାଲ ଶିକ୍ଷକ ସଂଗଠନ କରି ପ୍ରଶାସନ ଓ ଜନସାଧାରଣଙ୍କୁ ଭୂଆ ବୁଲାଇବା ଘୋର ଦୁର୍ଭାଗ୍ୟ ଜନକ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।ଏପରିକି, ଏହି ଜାଲ ଶିକ୍ଷକ ସଂଗଠନ ମୂଳ ସଙ୍ଗଠନ ର ଆଦର୍ଶ ଓ ଭାବମୂର୍ତ୍ତିକୁ କଳଙ୍କିତ କରୁଥିବାରୁ ଅତିଥି ମାନେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଆଗମୀ ଦିନରେ କେତେକ ସ୍ୱାର୍ଥପର ଶିକ୍ଷକଙ୍କ ଏଭଳି କୁତ୍ସିତ ବିଚାରଧାରା ମୂଳ ସଙ୍ଗଠନର ମୌଳିକତା ପ୍ରତି ବଡ଼ ବିପଦ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ ।ତେଣୁ ଏହା ଆଇନ ଦୃଷ୍ଟିରୁ ଏହା ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ବୃହତ୍ତର ସ୍ୱାର୍ଥ ର ଘୋର ପରିପନ୍ଥୀ ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଛନ୍ତି ।ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଏହାକୁ ଦୃଢ଼ ନିନ୍ଦା କରାଯାଇଛି ଏବଂ ଏହି ଜାଲ ଶିକ୍ଷକ ସଂଗଠନକୁ ବେଆଇନ ଓ ଅସିଦ୍ଧ ବୋଲି ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ ବବୃବାହନ ଭୋଇ ଆଜି ଅନୁଷ୍ଠିତ ଆଲୋଚନାଚକ୍ରରେ ଦୃଢ଼ ଘୋଷଣା କରିଛନ୍ତି। ଯଦି ଜିଲ୍ଲାର ଏହି ଜାଲ ଶିକ୍ଷକ ସଂଗଠନ ଏତାଦୃଶ ବେଆଇନ କାର୍ଯ୍ୟଧାରାରୁ ନିବୃତ୍ତ ନ ରହେ, ତାହେଲେ ଏହି କୁତ୍ସିତ କାର୍ଯ୍ୟ ବିରୁଦ୍ଧରେ ଆଇନର ଆଶ୍ରୟ ନିଆଯିବ ବୋଲି ସଂଘ ପକ୍ଷରୁ ଦୃଢ଼ ଚେତାବନୀ ଦିଆଯାଇଛି ।

# ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା




ବଲାଙ୍ଗିର: ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପ୍ରାଙ୍ଗଣ ଠାରେ ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାରେ ମୁଖ୍ୟ ଅତିଥି ଭାବେ ଗେଲେକ୍ସି ମହାବିଦ୍ୟାଳୟର ନିର୍ଦ୍ଦେଶକ ସଚିଦାନନ୍ଦ ସାହୁ, ସମ୍ମାନିତ ଅତିଥି ମାନୁଏଲ ନାଗ, ସ୍କୁଲର ସଭାପତି ସଚିନ ବାଗ ଯାଦବ ଓ ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଂପାଦକ ହୃଦୟ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ପରୀକ୍ଷାରେ ସ୍କୁଲର ୨୬ ଜଣ କାରାଟେକା ଉତୀର୍ଣ୍ଣ ହୋଇଥିବା ବେଳେ ୟେଲୋ ବେଲ୍ଟ କ୍ରେୟାଂଶ ଲେଙ୍କା, ଅଭ୍ୟୁକ୍ତା ଆଶିଶ, ଜେସମିନ ସାହୁ, ହାର୍ଦ୍ଦିକ ବାଗ, ଅରୁଣ ମିଶ୍ର, ଲକ୍ଷ ଗୁଣ୍ଡା, ସୁପ୍ରତିକ ପଣ୍ଡା । ଓରେଞ୍ଜ ବେଲ୍ଟ ଦେବ ଆରାଧ୍ୟା ମହାନା, ଆନନ୍ଦିନୀ ସାହୁ, ଅନୁଷ୍କା ପଟ୍ଟନାୟକ, ହରସିତା ସିଂ, ରମନ କୁମାର। ଗ୍ରୀନ ବେଲ୍ଟ ସମିର ସାହୁ, ମିଥୁନ ଗହୀର, ଅଭିନୀତ ପାଣିଗ୍ରାହୀ, ଅନ୍ୱେଷା ବାଗ, ନିବେଦିତା ପଧାନ, ନିକିତା ପଧାନ, ବ୍ଲୁ ବେଲ୍ଟ ଆୟୁଶ ମେହେର, ରେଖା ମନହିରା, ପୁରୁଷୋତ୍ତମ ବାଗ, ଲୋକେଶ ବାଗ, ବ୍ରାଉନ ବେଲ୍ଟ ଆୟୁଶି ସିଂ ବାରିକ, ଆଦିତ୍ୟ ସିଂ ବାରିକ ଓ ବ୍ଲାକ ବେଲ୍ଟ ସୋଷନରେ ଅନୁରାଗ ଦାସ ଓ ନିଦାନରେ କ୍ରିଷ୍ଣା ନାଏକ ସଫଳତାର ସହିତ ପରୀକ୍ଷାରେ ପାସ କରିଛନ୍ତି। ଏହି ବେଲ୍ଟ ପରୀକ୍ଷାକୁ ଚନ୍ଦ୍ର ଶେଖର ସେଠ ପରିଚ୍ଳନା କରିଥିବା ବେଳେ ମନଗୋବିନ୍ଦ ମେହେର, ବିଜୟ କୁମାର ସିଂ ଓ ରାଜେନ୍ଦ୍ର ବାଗ ସହଯୋଗ କରିଥିଲେ। ଶେଷରେ ସ୍କୁଲର ସଭାପତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ନାବାଳିକା କନ୍ୟାର ଅପହରଣକାରୀଙ୍କ ଗିରଫ ଦାବିନେଇ ଏସ୍‌ପିଙ୍କୁ ଭେଟିଲେ ପରିବାର




ଭଦ୍ରକ, (ପିପିଏସ) : ନିଜ ନାବାଳିକା କନ୍ୟାର ସୁରକ୍ଷା ଓ ଅପହରଣକାରୀମାନଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏକ ପରିବାର ସ୍ଥାନୀୟ ଥାନା ଠାରୁ ଆରମ୍ଭ କରି ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲାପାଳଙ୍କ ସମେତ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ସହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ବାରମ୍ବାର ଆସି ନିରାଶ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଆଜି ଏହି ଘଟଣାକୁ ନେଇ ପୁନର୍ବାର ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ନିକଟକୁ ଆସିଥିବା ପିତାମାତା ଓ ପରିବାର ଲୋକଙ୍କ ଅଭିଯୋଗ ମୂଳେ ଏହି ଜିଲାର ଆଗରପଡା ଥାନା ଅଧୀନସ୍ଥ ଓଡଙ୍ଗ ଗ୍ରାମନିବାସୀ ସୁରେନ୍ଦ୍ର ମଳିକଙ୍କ ଅଷ୍ଟମ ଶ୍ରେଣୀର ପଢୁଥିବା ୧୩ ବର୍ଷୀୟା ନାବାଳିକା କନ୍ୟା ରାଜଲକ୍ଷ୍ମୀ (ଛଦ୍ମନାମ)କୁ ଗତବର୍ଷ ସେପ୍ଟେମ୍ବର ୩ ତାରିଖ ଦିନ ରାତିରେ କେଉଁଆଡେ ନିଖୋଜ ହୋଇଯାଇଥିଲା । ଏହି ଘଟଣାରେ ସେମାନେ ନିଜର ଚିହ୍ନା ପରିଚିତ, ବନ୍ଧୁବାନ୍ଧବଙ୍କ ଘର ଖୋଜାଖୋଜି କରି ନପାଇବା ମଧ୍ୟରେ ଗ୍ରାମ ଲୋକଙ୍କ ନିକଟରୁ ଜାଣିବାକୁ ପାଇଥିଲେ ଯେ ତାଙ୍କ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଳିକଙ୍କ ପୁତ୍ର ମାନସ ତାକୁ ଅପହରଣ କରିନେଇଛି ବୋଲି । ଏଠାରେ ସୂଚନାଯୋଗ୍ୟ ପୂର୍ବରୁ ମାନସ ତାଙ୍କ କନ୍ୟାର ପିଛା କରୁଥିଲା ବୋଲି ସେ ଘରେ ଅଭିଯୋଗ କରିଆସୁଥିଲା । ଏହି ବିଷୟରେ ପୂର୍ଣ୍ଣଚନ୍ଦ୍ରଙ୍କୁ ସେମାନେ ଜଣାଇଥିଲେ ବି ସେ କଥାର କୌଣସି ଗୁରୁତ୍ୱ ନଦେଇ ପରୋକ୍ଷରେ ନିଜ ପୁଅକୁ ପ୍ରୋତ୍ସାହିତ କରିଥିଲେ । ପରେ ମାନସ (୨୬) ସେହିଦିନ ରାତିରୁ ଘରେ ନଥିବାରୁ ସେ ତାଙ୍କର କନ୍ୟାକୁ ଅପହରଣ କରିଥିବା ବିଷୟ ନିଶ୍ଚିତ ହୋଇଥିଲେ । ଏହି ଘଟଣାରେ ପୂର୍ଣ୍ଣଚନ୍ଦ୍ରଙ୍କ ସମସ୍ତ ପରିବାର ସଂପୃକ୍ତ ଥିବାରୁ ଏବଂ ତାଙ୍କ କନ୍ୟାର ଜୀବନ ପ୍ରତି ବିପଦ ରହିଥିବା ନେଇ ଆଗରପଡା ଥାନାରେ ଗତବର୍ଷ ସେପ୍ଟେମ୍ବର ୫ ତାରିଖ ଦିନ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଇତିମଧ୍ୟରେ ପୁଲିସ୍ ନିଜ ଘରୁ ଅନ୍ତର୍ଦ୍ଧାନ ହୋଇଯାଇଥିବା ମାନସର ପିତା ପୂର୍ଣ୍ଣଚନ୍ଦ୍ର ଓ ମା’ ତିଳୋତ୍ତମାକୁ ତାଙ୍କ ଭିଣୋଇ ଘର କେନ୍ଦୁଝର ଜିଲାର ନନ୍ଦିପଦା ଗ୍ରାମରୁ ଗିରଫ କରିଥିଲା । ସେମାନେ ସେତେବେଳେ ତାଙ୍କ ପୁଅ ଓ ଝିଅକୁ ଆଣିଦେବେ ବୋଲି ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାନୀୟ ଥାନା କୌଣସି ପଦକ୍ଷେପ ନେଇନଥିଲା । ସେମାନେ ସାଧାରଣ ଗରିବ ତଥା ନିରକ୍ଷର ବ୍ୟକ୍ତି ହୋଇଥିବାରୁ ଥାନାବାବୁଙ୍କ କହିବା ମୂଳେ ଅଭିଯୋଗ ପତ୍ର ଅନୁଯାୟୀ ସେ ଅଭିଯୁକ୍ତମାନଙ୍କ ପ୍ରତି ଉପଯୁକ୍ତ ଦଫା ନଲଗାଇ କେବଳ ଏକ ନିଖୋଜ ମାମଲା ରୁଜୁ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ମାନସ ତାଙ୍କର କନ୍ୟା ପ୍ରତି ଦୁଷ୍କର୍ମ କରି ହତ୍ୟା କରିଥିବା ବିଷୟ ସେମାନେ ଅଭିଯୋଗ କରିଛନ୍ତି । ମାନସ ଏହିଭଳି ପୂର୍ବରୁ ଅନ୍ୟ ଝିଅ ଅପହରଣ ଘଟଣାରେ ଜଡିତ ଥିବାରୁ ଜିଲା ଆରକ୍ଷୀ ଅଧୀକ୍ଷକ ତୁରନ୍ତ ଏହି ଘଟଣାର ତଦନ୍ତ କରି ତାଙ୍କ କନ୍ୟାକୁ ସୁରକ୍ଷିତ ଭାବେ ଉଦ୍ଧାର ପୂର୍ବକ ଅଭିଯୁକ୍ତମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ତେବେ ଏହି ଘଟଣାରେ ପୁଲିସ୍ ଅପହରଣକାରୀ ମାନସର ମୋବାଇଲ୍ ଟ୍ରାକିଂ କରି ବିଭିନ୍ନ ସ୍ଥାନ ଉପରେ ଚଢାଉ କରିଥିଲେ ମଧ୍ୟ ସେ ବାରମ୍ବାର ସିମ୍ ବଦଳାଉଥିବାରୁ ତାର ସନ୍ଧାନ ମିଳିପାରୁନାହିଁ ବୋଲି ପୁଲିସ୍ କହିଛି ।

## ଓଡ଼ିଶା ଟ୍ରକ ମାଲିକ ସଂଘର ନୂତନ କମିଟି ଗଠିତ

କଟକ ସଦର, (ପିପିଏସ) : ଓଡ଼ିଶା ଟ୍ରମ ମାଲିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ଆଜି ସଂଘର ମୁଖ୍ୟ କାର୍ଯ୍ୟାଳୟ ଗଣ୍ଡରପୁରଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଭାବେ ଶରତ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ବିକ୍ରମ କେଶରୀ ମହାନ୍ତି, ଉପସଭାପତି ହାଡ଼ିବନ୍ଧୁ ମହାନ୍ତି, ସାଧାରଣ ସମ୍ପାଦକ କାହ୍ନୁ ଚରଣ ମହାପାତ୍ର, ସହ ସମ୍ପାଦକ ସୁକାନ୍ତ କୁମାର ଜେନା ଓ ରଜତ କୁମାର ମହାନ୍ତିଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଅଛି । ଏଥି ସହିତ ସଂଘର ଉପଦେଷ୍ଟା ଭାବେ ରବିନାରାୟଣ ସତପଥୀ, ଦେବେନ୍ଦ୍ର କୁମାର ପାତ୍ର, ଜର୍ମାନୀ ରାଉତ ଓ କ୍ଷେତ୍ର ମୋହନ ସାମନ୍ତରାୟଙ୍କୁ ମନୋନିତ କରାଯାଇଥିବାର ସାଧାରଣ ସମ୍ପାଦକ କାହ୍ନୁ ଚରଣ ମହାପାତ୍ର ଜଣାଇଛନ୍ତି ।

### ବିଶ୍ୱ ଐତିହ୍ୟ ସହରର ସୁନେଲି ସ୍ୱପ୍ନ, ବଡ଼ଦାଣ୍ଡ ପାଲଟିଲାଣି ସାନଦାଣ୍ଡ

# ଜାତୀୟ ରାଜପଥ ବାଟରେ ବସୁଛି ହାଟ

ପୁରୀ , (ହି.ସ.) : ପୁରୀ ପାଲଟିବ ମିନି ମୁମ୍ବାଇ । ବିଶ୍ୱସ୍ତରୀୟ ଐତିହ୍ୟ ସହର ପାଲଟିବ ପୁରୀ । ଗ୍ରିନ୍ ଫିଲ୍ଡ ଏୟାରପୋର୍ଟରୁ ଉଡ଼ାଜାହାଜ ଉଡ଼ିବ । ପୁରୀ ଏୟାରପୋର୍ଟରୁ ଭୁବନେଶ୍ୱର ଏୟାରପୋର୍ଟ ୮ ଥାକିଆ ସ୍ପିଡ଼ି ରୋଡ଼୍ ୱେ ନିର୍ମାଣ ହେବ । ଦୁଇ ପାର୍ଶ୍ୱରେ ଟୁରିଷ୍ଟ ହବ୍ ନିର୍ମାଣ ହେବ । ଏହିପରି ଗପ କେବେ ସାକାର ହେବ ତାକୁ ନେଇ ବଡ଼ଦାଣ୍ଡରେ ଜନଚର୍ଚ୍ଚା ଚାଲିଛି । ଶ୍ରୀମନ୍ଦିର ଚାରିପଟ ସୌନ୍ଦର୍ଯ୍ୟକରଣ ପାଇଁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଲାଣି । ମାଟିଆପଡ଼ା ରେଲୱେ ଓଭରବ୍ରିଜ୍ ସ୍ୱପ୍ନ ବାସ୍ତବତା ନେଇନି । ମାର୍କେଟ ଛକ ଠାରୁ ମନ୍ଦିର ଏତେ ଗହଳି ଓ ଜାମ ରହୁଛି ଭକ୍ତ ଚାଲିକରି ଯିବା କଷ୍ଟସାଧ ହେଲାଣି । ଶ୍ରୀମନ୍ଦିର ଚାରିପଟ ସଂଲଗ୍ନ ସାହି ମାନଙ୍କରୁ ବାସିନ୍ଦା ବନଦାଣ୍ଡକୁ ଆସିବା କଷ୍ଟ ସାଧ ହେଲାଣି । ଏ ସଂପର୍କରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଉଦବେଗ୍ ପ୍ରକାଶ କରିଥିଲେ । ୩୦୦ ଫୁଟ ବଡ଼ଦାଣ୍ଡର ମଝିରେ ଅଙ୍କାବଙ୍କା ଲୁହାବାଡ଼ ଚକ ଲାଗି ଠିଆହୋଇଛି । ଦୁଇପାର୍ଶ୍ୱରେ ତିନି ଧାଡ଼ି ଦୋକାନ ଓ ଖଟ ପଡ଼ିଛି । କେବେଳ ଯାତାୟାତ ପାଇଁ ଅଳ୍ପ ରାସ୍ତା ରହିଥିବାରୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି । ବଡ଼ଦାଣ୍ଡ ପାଲଟିଛି ମୁକ୍ତାକାଶ କାର ଷ୍ଟାଣ୍ଡ । ଯିଏ ଯେଉଁଠି ପାରିଲା କାର ରାସ୍ତା ଉପରେ ରଖି ମନ୍ଦିର ଦର୍ଶନକୁ ଯାଉଛନ୍ତି । ମାର୍କେଟ ଛକରେ ଅଟୋ ରିକ୍ସା ରାଜ ଚାଲୁଅଛି । ଗାଡ଼ି ବୁଲାଇବାକୁ ନେଇ ରାସ୍ତା ଜାମ ହେଉଛି । ଟ୍ରାଫିକ ପୋଲିସ କେବଳ ଦେଖୁଛନ୍ତି । ମୁମ୍ବାଇ ସହର ପରି ପୁରୀରେ ହୋଟେଲ, ଦୋକାନ, ଟ୍ୟାକ୍ସିର ଚାହିଦା ବୃଦ୍ଧି ପାଇବାରୁ ଅର୍ଥ ରୋଜଗାର ପାଇଁ କ୍ରାଇମ ବଢୁଛି । ପୁରୀରେ ଅଟୋ ଭଡ଼ା ବିଶ୍ୱରେ ସର୍ବାଧିକ ବୋଲି ଚର୍ଚ୍ଚା ହେଉଛି । ଷ୍ଟେସନରୁ ହୋଟେଲକୁ ଛାଡ଼ିଲେ ଭଡ଼ା ପାଇବା ସହ ହୋଟେଲରୁ କମିଶନ ପାଇ ଅଟୋ ଡ୍ରାଇଭର ମାଲେମାଲ ହେଉଛନ୍ତି । ସାଧାରଣ ଯାତ୍ରୀ ବସ ଷ୍ଟାଣ୍ଡରୁ ଷ୍ଟେସନ,କଲେଜ ଛକ ଓ ମଙ୍ଗଳାଘାଟ ଯିବାକୁ ଅଟୋ ଡ୍ରାଇଭର ରାଜି ହେଉନାହାନ୍ତି । ବସଷ୍ଟାଣ୍ଡରୁ କେବେଳ ମାର୍କେଟ ଛକ ପର୍ଯ୍ୟନ୍ତ ଯାତ୍ରୀଙ୍କୁ ଲାଇନ ଅଟୋରେ ନେଉଥିବା ବେଳେ ଅନ୍ୟ ସ୍ଥାନକୁ ରିର୍ଜଭ ଭଡ଼ା ନେଉଛନ୍ତି । ଜାତୀୟ ରାଜପଥ ବଡ଼ଦାଣ୍ଡକୁ ରାଜପଥ ବିଭାଗ ମରାମତି ଓ ନବୀକରଣ କରୁଥିବା ବେଳେ ପୌରସଂସ୍ଥା ଉଠାଦୋକାନିଙ୍କ ଠାରୁ ଟିକସ ଆଦାୟ କରୁଛି । ବଡ଼ାଦାଣ୍ଡର ମେଡ଼ିକାଲ ଛକ ଠାରୁ ଗୁଣ୍ଡିଚା ମନ୍ଦି ପର୍ଯ୍ୟନ୍ତ ଜାତୀୟ ରାଜପଥ ବାଟରେ ହାଟ ବସୁଛି । ବଡ଼ଶଙ୍ଖର ଗୋଟିଏ ପଟ ପାର୍ଶ୍ୱ ପରିବା ଦୋକାନିଙ୍କ କବଜାରେ ରହିଛି । ଭୋଳାନାଥ ବିଦ୍ୟାପୀଠ ନିକଟରେ ରାସ୍ତା ଉପରେ ଗ୍ୟାରେଜ ଓ ୱେଲଡ଼ିଂ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ଆଖି ଖରାପ ହେଉଛି ବୋଲି ଅଭିଯୋଗ ହେଉଛି । ଛତା ପୋତିବା ପାଇଁ ବଡ଼ଦାଣ୍ଡକୁ ଦୋକାନିମାନେ ଖୋଳି ଦେଉଛନ୍ତି । ଭଙ୍ଗା ବସ ଗୁଡ଼ିକ ରାସ୍ତା ଉପରେ ବାହୁଡ଼ା ପର ଠାରୁ ଆସନ୍ତା ଗୁଣ୍ଡିଚା ପର୍ଯ୍ୟନ୍ତ ପଡ଼ିରହୁଛି । ବଡ଼ଦାଣ୍ଡ ସବୁ ଦୋକାନିଙ୍କୁ ବିଭିନ୍ନ ମଠ ଓ ଧର୍ମଶାଳାରେ ଥଇଥାନ କରିବା ସହ କଂସାପଟି,ଚୁନାପଟି,ଖଜାପଟି,ବଣିଆପଟି ଓ ଲୁଗାପଟି ଖୋଲିବାକୁ ସାଧାରଣରେ ଦାବି ହେଉଛି ।

# ଯୋବ୍ରା ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କଟକ ସଦର, (ପିପିଏସ) : ଚଳିତ ବର୍ଷ ଯୋବ୍ରା ନୂଆ ସାହି ଜଗନ୍ନାଥଙ୍କର ରଥଯାତ୍ରା ପ୍ରସ୍ତୁତି ବୈଠକ ଆଜି ଜଗନ୍ନାଥଙ୍କ ରଥ ଖଳାଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଗୁଣ୍ଡିଚା ଯାତ୍ରାରେ ଯୋବ୍ରା ନୁଆସାହି ଜଗନ୍ନାଥ ମନ୍ଦିରଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ମଲ୍ଲା ସାହି, ଦୁର୍ଗା ଛକ, ଆନିକଟ, ଲକ୍ଷ୍ମୀ ବଜାର, ଶାରଳା ମନ୍ଦିର ଦେଇ ଯୋବ୍ରା ପଡ଼ିଆ ନିକଟରେ ଥିବା ଗୁଣ୍ଡିଚା ମନ୍ଦିରଠାରେ ବାହୁଡ଼ା ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି । ଚଳିତ ବର୍ଷ ରଥଯାତ୍ରା କେମିତି ନିତିକାନ୍ତିଠାରୁ ଆରମ୍ଭ କରି ରଥ ଟଣା, ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସୁରୁଖୁରରେ ହେବ କଟକ ମହାନଗର ଶାନ୍ତି କମିଟିର ସଭାପତି ଓ ସମ୍ପାଦକ ଦେବେନ୍ଦ୍ର ସାହୁ, ଭାକାରୀ ଦାସ, ବିଦ୍ୟୁତ ବିଭାଗ ଅଧିକାରୀ ଅଭିଷେକ ଝା, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଝିଳି ବିହାରି, ପ୍ରଶାନ୍ତ ନାୟକ, ମନୋଜ ଶୁକ୍ଲ, ରଂଜନ ବେହେରା, ପଶାନ୍ତ କୁମାର ବେଉରା, ଅଧିକାରୀ କାଶିନାଥ ରାୟ, ସନ୍ତୋଷ ସ୍ୱାଇଁ, ସଭାପତି ତନ୍ମୟ ବେହେରା ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ସୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ମଞ୍ଚ ପରିଚାଳନା କରିଥିଲେ । ଅନୁଷ୍ଠାନର ସହ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକାଦଶ ହନୁମାନଜୀଉଙ୍କ ତୃତୀୟ ବାର୍ଷିକ ମହୋତ୍ସବ



ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ଘଣ୍ଟେଶ୍ୱର ତୋଟାପଡ଼ା ସ୍ଥିତ ଶ୍ରୀଶ୍ରୀ ଏକାଦଶାହ ହନୁମାନ ଜୀଉଙ୍କ ତୃତୀୟ ବାର୍ଷିକ ମହୋତ୍ସବ ମହା ସମାରୋହରେ ତନିଦିନ ବ୍ୟାପି ପାଳିତ ହୋଇ ଯାଇଛି । ଏହି କାର୍ଯକ୍ରମର ପ୍ରମଥ ଦିନରେ ୩ଶହରୁ ଅଧିକ ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ବହୁ ବିଶିଷ୍ଟ ପଣ୍ଡିତ ଏଥିରେ ଯୋଗ ଦେଇ ବିଶ୍ୱର କଲ୍ୟାଣ ନିମନ୍ତେ ଆହୂତି ଦେଇ ପୂଜାର୍ଚ୍ଚନା କରିଥିଲେ । ଏହି ମହାଯଜ୍ଞରେ କର୍ତ୍ତା ଭାବେ ନିତ୍ୟାନନ୍ଦ ବଳ ଓ ପତ୍ନୀ ପୂର୍ଣ୍ଣିମା ବଳ କାର୍ଯ୍ୟ ତୁଲାଇଥିଲେ । ମୁଖ୍ୟ ମାର୍ଗଦର୍ଶକ ଭାବେ ସୂର୍ଯ୍ୟନାରାୟଣ ଦାସମହାରାଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ସମାଜସେବୀ ସତ୍ୟାନନ୍ଦ ରାଉତ ଓ ଯଶୀପୁର ସରପଞ୍ଚ ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ତିନି ଦିନ ବ୍ୟାପି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିବା ବେଳେ କମିଟିର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ରହ୍ମପୁରରେ ଏସ.କମ.ଇଣ୍ଡିଆ ତରଫରୁ ପ୍ରଥମ ସାକ୍ଷାତକାର ଷ୍ଟାର୍ଟଅପ ଇକୋସିଷ୍ଟମ ଅନୁଷ୍ଠିତ

ବ୍ରହ୍ମପୁର, (ପିପିଏସ) : ବ୍ରହ୍ମପୁରରେ ଷ୍ଟାର୍ଟଅପ ଇକୋସିଷ୍ଟମକୁ ପ୍ରୋତ୍ସାହନ ପାଇଁ ଆଗକୁ ରୋମାଞ୍ଚକର ସମୟ ଆସିଛି ବୋଲି ଆସ.କାମ.ଇଣ୍ଡିଆର ସଭାପତି କହିଛନ୍ତି । ଏସ.କମ.ଇଣ୍ଡିଆ ଗର୍ବର ସହିତ ଏହାର ପ୍ରଥମ ଷ୍ଟାର୍ଟଅପ୍ ମିଟଅପ୍ ଖଲ୍ଲିକୋଟ କଲେଜ ନିକଟ ହୋଟେଲ ଗାୟତ୍ରୀ ରେ ଆୟୋଜନ କରିଛି, ଯାହା ଉଜ୍ଜ୍ୱଳ ଭବିଷ୍ୟତକୁ ଦେଖୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଏକାଠି କରିଛି ଏବଂ ନୂତନ ବିଚାର ଗୁଡ଼ିକୁ ପ୍ରୋତ୍ସାହନ ଦେଇଛି । ଏହି କାର୍ଯ୍ୟକ୍ରମ ନେଟବାର୍କିଂ, ବିଚାର ବିନିମୟ ଏବଂ ଉଦ୍ୟୋଗୀ ଭାବନାକୁ ଜାଗ୍ରତ କରିବା ପାଇଁ ଏକ ଚମତ୍କାର ପ୍ଲାଟଫର୍ମ ଥିଲା । ଏହି ବୈଠକରେ ଏସ.କମ.ଇଣ୍ଡିଆ ସଭାପତି ସୌରଭ ଖଣ୍ଡେଲବାଲ, ସମ୍ପାଦକ ସିଏ ରାକେଶ ଗୁପ୍ତା, ଇନଷ୍ଟିଚ୍ୟୁଟ ମୁଖ୍ୟ ସିଦ୍ଧାର୍ଥ ଭଟ୍ଟର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଇଭେଣ୍ଟ କୋ-ଅର୍ଡିନେଟର ବିଶ୍ୱଜିତ ପାଢ଼ିଙ୍କ ସହ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

# ସିଆରପିଏଫ ଯବାନ ସହିଦ, ସ୍ଥାନୀୟ ଅଂଚଳରେ ଶୋକ

ଧର୍ମଶାଳା, (ହି.ସ) : ଯାଜପୁର ଜିଲାରେ ଆଜି ଏକ ଦୁଃଖଦ ଘଟଣା ଘଟିଛି । କନ୍ଧମାଳ ଜିଲାରେ କାର୍ଯ୍ୟରତ ଜଣେ ଯବାନ ସହିଦ ହୋଇଯାଇଥିବା ଜଣାପଡିଛି । ସହିଦ ଯବାନ ଜଣକ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ବଡଚଣା ବ୍ଲକ ଅନ୍ତର୍ଗତ ବଡବାଲିକୁଦା ଗ୍ରାମର କହ୍ନତରୁ ଦାସଙ୍କ ପୁଅ ତୁଷାରକାନ୍ତ (୨୪) ବୋଲି ଜଣାପଡିଛି । ଏଭଳି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମିଳିଥିବା ସୂଚନା ମୁତାବକ, ତୁଷାର ୩ ବର୍ଷ ହେବ କନ୍ଧମାଳ ଜିଲାରେ ସିଆରପିଏଫ ଯବାନ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ତେବେ ଆଜି ସକାଳ ୧୧ଟା ସମୟରେ ସେ ବିଦ୍ୟୁତ୍ ସଶ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସେଠାରେ ଜଣେ କାର୍ଯ୍ୟରତ ସହକର୍ମୀ ଏହି ଘଟଣା ଘର ଲୋକଙ୍କୁ ଜଣାଇଥିଲା । ଏଭଳି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ସ୍ଥାନୀୟ ଲୋକ ପ୍ରତିନିଧି, ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏଭଳି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ।

# ପଛୁଆ ବର୍ଗ ମଞ୍ଚ ପକ୍ଷରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




କଟକ ସଦର, (ପିପିଏସ) : ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲିଥିବା ପଛୁଆ ବର୍ଗଙ୍କ ଜନଗଣନା କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ଆଜି ଓଡ଼ିଶା ଅନନ୍ୟ ପଛୁଆ ବର୍ଗ ମଞ୍ଚ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ୪୨ ମୌଜାସ୍ଥିତ ଯଶୋଦା ଗାର୍ଡ଼େନଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ପ୍ରଶିକ୍ଷଣ ନେଇଥିଲେ । କିପରି ଅନ୍‌ଲାଇନ୍ ମାଧ୍ୟମରେ କମ୍ ସମୟ ମଧ୍ୟରେ ପଛୁଆ ବର୍ଗଙ୍କର ପଞ୍ଜିକରଣ କରାଯାଇପାରିବ ସେଥିପାଇଁ ଏହି ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା । ସରକାରଙ୍କର ଘର ଘର ଜନଗଣନା କାର୍ଯ୍ୟକ୍ରମ ବ୍ୟବସ୍ଥା ନଥିବାରୁ ବହୁ ବୃଦ୍ଧ / ବୃଦ୍ଧା, ଦିବ୍ୟାଙ୍ଗ ଓ ସାଧାରଣ ଲୋକ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ନିଜର ପଞ୍ଜିକରଣ କରିବାରେ ଅସମର୍ଥ ରହୁଛନ୍ତି । ଏହି ପ୍ରଶିକ୍ଷଣ ଶିବିର ଦ୍ୱାରା ଉକ୍ତ ସମସ୍ୟା ଦୂର ହୋଇପାରିବ ବୋଲି ଶିବିରରେ ସମାଜସେବୀ ଇଂ. ପ୍ରଦୀପ ବେହେରା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସୂଚନା ଦେଇଥିଲେ । ଆଗାମୀ ଦିନରେ ଜିଲ୍ଲାର ଅନ୍ୟ ବ୍ଲକ୍ ଗୁଡ଼ିକରେ ଏହିଭଳି କାର୍ଯ୍ୟକ୍ରମ କରାଯାଇ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯିବା ସହ ଅଧିକରୁ ଅଧିକ ପଛୁଆ ବର୍ଗର ଲୋକଙ୍କୁ ଜନଗଣନାରେ ସାମିଲ କରାଯିବ ବୋଲି ଶ୍ରୀ ବେହେରା କହିଥିଲେ । ଏହି କାର୍ଯ୍ୟକ୍ରମରେ ଓବିସି ମଞ୍ଚ ଓଡ଼ିଶା ସଭାପତି ଶଙ୍କର କୁମାର ପାତ୍ର ଉପସ୍ଥିତ ଥିଲେ ।

## ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ଧର୍ମଶାଳା, (ହି.ସ.) : ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ଖଡଗପୁର ଠାରୁ ଚାରିନଙ୍ଗଳ ଆୟସୌରୀ ଭାୟା କଳାଶ୍ରୀ ଗଜେନ୍ଦ୍ରପୁର ରାସ୍ତାର ଉନ୍ନତିକରଣ ପାଇଁ ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଖଡଗପୁରଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବିଜେଡି ନେତା ବିପିନ ବିହାରୀ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏହି ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାର ଉନ୍ନତିକରଣ କରାଯିବ । ବିଶେଷ କରି ଏହି ଅଂଚଳ ବନ୍ୟା ପ୍ଲାବିତ ଅଂଚଳ ହୋଇଥିବାରୁ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ କଂକ୍ରିଟ ରାସ୍ତାରେ ପରିଣତ କରାଯିବ । ଯାହାଫଳରେ ୫ରୁ ଅଧିକ ପଂଚାୟତର ଜନସାଧାରଣ ଉପକୃତ ହୋଇପାରିବେ ।

ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଶ୍ରୀ ଶତପଥୀ ଯୋଗଦେଇଥିଲେ । ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସମୟରେ ଏହାର ମାନ ଦିଗରେ କୌଣସି ବୁଝାମଣା କରାଯିବ ନାହିଁ ବୋଲି ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀଙ୍କ ସମେତ ବ୍ଲକ ଅଧକ୍ଷା, ସ୍ଥାନୀୟ ସରପଂଚ, ସମିତି ସଭ୍ୟା, ଜିଲା ପରିଷଦ ସଭ୍ୟ, ବରିଷ୍ଠ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ ।

# ଆଧ୍ୟାତ୍ମିକ ଗୁରୁ ଆନନ୍ଦ ମୂର୍ତ୍ତିଙ୍କ ୧୦୨ତମ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, (ହି.ସ.) : ବିଶିଷ୍ଟ ସମାଜସେବୀ ଓ ଆଧ୍ୟାତ୍ମିକ ସଂଗଠନ ‘ଆନନ୍ଦ ମାର୍ଗ’ର ପ୍ରତିଷ୍ଠାତା ମହାନ ଦାର୍ଶନିକ ଓ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଆନନ୍ଦ ମୂର୍ତ୍ତିଙ୍କର ୧୦୨ତମ ଜନ୍ମଜୟନ୍ତୀ ବୈଶାଖୀ ପୂର୍ଣ୍ଣିମା ଦିବସରେ କପାଳେଶ୍ୱରସ୍ଥିତ ଆନନ୍ଦ ମାର୍ଗ ଆଶ୍ରମ ‘ଜାଗୃତୀ’ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରପଡା ଓ ବରୀ ବ୍ଲକର ବିଭିନ୍ନ ଅଂଚଳରୁ ବହୁ ସନ୍ନ୍ୟାସୀ, ବୁଦ୍ଧିଜିବୀ, ସମାଜସେବୀ, ଯୁବକ ଯୁବତୀ, ଛାତ୍ରଛାତ୍ରୀ ଓ ଆନନ୍ଦ ମାର୍ଗୀମାନେ ଯୋଗଦେଇଥିଲେ । ଏହି ଅବସରରେ କପାଳେଶ୍ୱର ପଂଚାୟତର ପିଲାମାନଙ୍କୁ ଆନନ୍ଦ ମାର୍ଗ ଆଶ୍ରମ ପରିସରରେ ଏକ ସପ୍ତାହ ବ୍ୟାପୀ ଯୋଗ ପ୍ରଶିକ୍ଷଣ ଦିଆଯିବା ସହିତ ଯୋଗାସନ, ତାଣ୍ଡବ ଓ କୌଶଳୀ ନୃତ୍ୟ, ଧ୍ୟାନ ଏବଂ ପ୍ରଭାତ ସଙ୍ଗୀତ ଆଧାରିତ ନୃତ୍ୟ ଓ ଡ୍ରଇଁ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଗରିବ ଲୋକଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା । ଏହି ଅବସରରେ ଆଦର୍ଶ ମାନବ ସମାଜ ପ୍ରତିଷ୍ଠା ପାଇଁ ‘ଶ୍ରୀ ଶ୍ରୀ ଆନନ୍ଦ ମୂର୍ତ୍ତିଙ୍କର ବହୁମୁଖୀ ଅବଦାନ’ ଶୀର୍ଷକ ଆଲୋଚନା ଚକ୍ରରେ କପାଳେଶ୍ୱର ପଂଚାୟତ ସରପଂଚ କଳ୍ପନା ମହାନ୍ତି, ଭାସ୍କର ଚନ୍ଦ୍ର ମହାନ୍ତି, ପ୍ରମୋଦ ଦେବ, ନିରଞ୍ଜନ ପରିଡା, ମୁଖ୍ୟବକ୍ତା ଭାବେ ଆନନ୍ଦ ମାର୍ଗର ବରିଷ୍ଠ କାର୍ଯ୍ୟକର୍ତ୍ତା କାହ୍ନୁଚରଣ ବେହେରା ଯୋଗଦେଇ ଗୁରୁଦେବଙ୍କ ପ୍ରଦତ୍ତ ଆଧ୍ୟାତ୍ମିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଶିକ୍ଷା, ସମାଜସେବା, ସଙ୍ଗୀତ ଓ ନାରୀ ଜାଗରଣ ବିଷୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଆନନ୍ଦ ମାର୍ଗର ଜିଲ୍ଲା ସମ୍ପାଦକ ଅଶୋକ ମହାରଣା ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ ପରିଡା, ଅନନ୍ତ ଓଝା, ପରମାନନ୍ଦ ମହାନ୍ତି, କାଳନ୍ଦୀ ଦେବ, ପର୍ଶୁରାମ ଦେବ, ବନ୍ଦିତା ଦାସ, ତାରାକାନ୍ତ ଆଚାର୍ଯ୍ୟ, ରଶ୍ମିତା ଯତି, ରଶ୍ମିରଞ୍ଜନ ଦାସ, ସୁନୀତା ଦାସ, ଅର୍ଚ୍ଚନା ସାମଲ, ମାନସୀ ସେଠୀ, ଅମିତା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆୟୋଜିତ ବକ୍ତୃତା ପ୍ରତିଯୋଗୀତା ଓ ସଂସ୍କୃତ ଭାଷାରେ ‘ଆନନ୍ଦ ସୂତ୍ରମ୍’ ଆବୃତ୍ତି କାର୍ଯ୍ୟକ୍ରମରେ ଏସ.କେ.ଆର. କୋଚିଂ ସେଣ୍ଟରର ଛାତ୍ରଛାତ୍ରୀ ଓ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗୀତା ହୋଇଥିଲା । ସ୍ଥାନୀୟ ପିଲାମାନଙ୍କ ମଧ୍ୟରୁ ପ୍ରତୀକ୍ଷା ମହାନ୍ତି, ସୂର୍ଯ୍ୟାଂଶୁ ମହାନ୍ତି, ରୁଦ୍ରନାରାୟଣ ନାଥ, ସାଇଶୁଭମ, ସୂର୍ଯ୍ୟକାନ୍ତ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିବାବେଳେ ‘ଆନନ୍ଦ ମାର୍ଗ’ ସଂଗଠନର କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା

# ୨୯ ବର୍ଷ ଧରି ଚାକିରି କରି ଦରମା ନପାଇ ମାନସିକ ନିର୍ଯାତନାରେ ବାଇଧରଙ୍କ ମୃତ୍ୟୁ




ଭଦ୍ରକ, (ପିପିଏସ) : ଏହି ଜିଲାର ବନ୍ତ ବ୍ଲକ୍ ଅଧୀନସ୍ଥ କାହ୍ନୁଚରଣ ବିଦ୍ୟାମନ୍ଦିର ସରକାରୀ ହାଇସ୍କୁଲରେ ଦୀର୍ଘ ୨୯ ବର୍ଷ ଧରି ଚାକିରୀ କରି କାଗଜପତ୍ର ଜନିତ ହେରଫେର ଯୋଗୁଁ ଦରମା ନପାଇ ସେହି ଚିନ୍ତାରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ସିଲନ୍ଦି ଗ୍ରାମନିବାସୀ ସ୍ୱର୍ଗତଃ ବାଇଧର ସେଠୀଙ୍କ ବିଧବା ପତ୍ନୀ ରମ୍ଭାମଣୀ ଓ ତାଙ୍କ କନ୍ୟା ସୁଶ୍ରୀ ଗୀତାଞ୍ଜଳି ବାଇଧରଙ୍କ ଚାକିରୀର ବୈଧ୍ୟତା କରାଯାଇ ସମସ୍ତ ବକେୟା ପାଉଣା ଦିଆଯିବା ଓ ପରିବାରର ଜଣକୁ ଚାକିରୀ ଦେବା ଦାବିରେ ଗତ ପ୍ରାୟ ୭ ମାସ ପୂର୍ବେ ଉଭୟ ମା’ ଓ ଝିଅ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ଘଟଣା ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା । ତେବେ ଇତିମଧ୍ୟରେ ଜିଲାପାଳଙ୍କ ପ୍ରତିଶ୍ରୁତିକୁ ୭ ମାସ ବିତିଥିଲେ ମଧ୍ୟ ଏହି ପରିବାର ନ୍ୟାୟ ନପାଇବାରୁ ପୁନର୍ବାର ଆଜି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏ ସଂପର୍କରେ ରମ୍ଭାମଣୀ ପୂର୍ବରୁ ଜିଲା ଶିକ୍ଷା ମଣ୍ଡଳାଧୀଶ, ଜିଲାପାଳ, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ, ମାଧ୍ୟମିକ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ, କମିଶନର ପ୍ରମୁଖ ଶାସନ ସଚିବ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇ କୌଣସି ସୁଫଳ ନପାଇବାରୁ ପୂର୍ବ ଘୋଷଣା ମତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ରମ୍ଭାମଣୀଙ୍କ ଅଭିଯୋଗ ମୂଳେ ତାଙ୍କ ସ୍ୱାମୀ ଗତ ୧୯୮୬ ମସିହାରେ ଫାଷ୍ଟ ପିଅନ ଦପ୍ତରୀ ପୋଷ୍ଟରେ ଉକ୍ତ ବିଦ୍ୟାଳୟରେ ଚାକିରୀ କରୁଥିଲେ । ଏହି ହାଇସ୍କୁଲଟି ଗତ ୧୯୯୪ ମସିହାରେ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇଥିଲା । ତାଙ୍କ ସ୍ୱାମୀ ବାଇଧର ନିଯୁକ୍ତି ପାଇବାର ୮ ବର୍ଷ ପରେ ବିଦ୍ୟାଳୟଟି ସରକାରୀ ଅନୁଦାନ ପାଇଥିଲା । ମାତ୍ର ବିଦ୍ୟାଳୟଟିର ସମସ୍ତ କର୍ମଚାରୀ ଦରମା ପାଇଥିବାବେଳେ ବାଇଧର ସେଥିରୁ ବଂଚିତ ରହିଥିଲେ । ଏ ସଂପର୍କରେ ଯାଞ୍ଚ କରାଯିବାରୁ ତାଙ୍କୁ ପ୍ରଥମ ଦପ୍ତରୀ ପଦବୀରୁ ବହିଷ୍କୃତ କରି ଗଂଗାଧର ପାତ୍ର ନାମକ ଅନ୍ୟ ଜଣଙ୍କୁ ବେଆଇନ୍ ଭାବେ ନିଯୁକ୍ତି ଦିଆଯାଇ ପୂର୍ବ ୮ ବର୍ଷର ଦରମା ପୂର୍ବତନ ପ୍ରଧାନ ଶିକ୍ଷକ ଓ ଜିଲା ଶିକ୍ଷା ମଣ୍ଡଳାଧୀଶ ତାଙ୍କୁ ପ୍ରଦାନ କରିଥିଲେ । ଏ ସଂପର୍କରେ ବାଇଧର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ସଂପୃକ୍ତ ଶିକ୍ଷକ ହରିହର ସାହୁ ତାଙ୍କର ସାଳକ ତଥା ବିଦ୍ୟାଳୟର ନୂତନ ସଭାପତି ଅଶୋକ ସାହୁ, ସଂପାଦକ ନରହରି କର ଆକ୍ରୋଶ ମୂଳକ ଭାବେ ବାଇଧରଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷା କହି ତୁମ୍ଭର ଚାକିରୀ ନାହିଁ ବୋଲି ସଫେଇ ଦେଇଥିଲେ । ଏ ସଂପର୍କରେ ବାଇଧର ପୂର୍ବତନ ସଭାପତି ଓ ସଂପାଦକଙ୍କୁ ସମସ୍ତ ବିଷୟ ଜଣାଇବା ପରେ କୌଣସି ଫଳ ହୋଇନଥିଲା । ପରେ ବିଭାଗୀୟ କାର୍ଯ୍ୟାଳୟରେ ଯାଞ୍ଚ କରିବା ପରେ ସମସ୍ତ ବିଷୟ ଜଣାପଡିବାରୁ ସେ ଥାନାରେ କେଶ୍ କରିବେ ବୋଲି ଚେତାବନୀ ଦେଇଥିଲେ । ଫଳରେ ସଂପୃକ୍ତ ପ୍ରଧାନ ଶିକ୍ଷକ ଓ ନୂତନ ସଭାପତି ଓ ସଂପାଦକ ଶିକ୍ଷା ମଣ୍ଡଳୀର କେତେକ ସଂଘୀୟ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରାୟୋଜିତ ହୋଇ ହାଇକୋର୍ଟରେ କେଶ୍ କରିବା ପାଇଁ ସେମାନେ ଆଣିଥିବା ଓକିଲାତି ନାମା ଓ ୧୦ଟି ସାଧା କାଗଜରେ ଦସ୍ତଖତ କରିଥିଲେ । ଏଥିସହ କନ୍ୟାର ବିଭାଘର ନିମନ୍ତେ ରଖିଥିବା ୩୦ ହଜାର ଟଙ୍କା ପ୍ରଧାନ ଶିକ୍ଷକ କେଶ୍ ଖର୍ଚ୍ଚ ପାଇଁ ନେଇଥିଲେ । ମାତ୍ର ମାନ୍ୟବର ହାଇକୋର୍ଟରେ ଓଜେସି ନଂ ୨୩୬୩/୧୯୯୭ କେଶ୍ ଆଗତ ହୋଇଥିବାବେଳେ ଶିକ୍ଷା ମଣ୍ଡଳାଧୀଶର ସଂଘୀୟ କର୍ମକର୍ତ୍ତା ଓ ପ୍ରଧାନ ଶିକ୍ଷକଙ୍କ ଚକ୍ରାନ୍ତରେ ବାଇଧର ନିଜ ପଦବୀରେ ଥାଇ ମଧ୍ୟ ଅନ୍ୟ କେତେକ ସ୍କୁଲରେ ଚତୁର୍ଥ ପିଅନ ଥିବା ବିଷୟ କାଗଜପତ୍ରରେ ଜାଲିଆତି ଭାବେ ଦରଜ ହୋଇଥିବା ବିଷୟ କୋର୍ଟ ନିର୍ଦ୍ଦେଶନାମାରୁ ଜାଣିବାକୁ ପାଇଥିଲେ । ଏହିଭଳି ଟଂଚକତାର ସମ୍ମୁଖୀନ ହୋଇ ବାଇଧର ୨୦୧୩ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଡାକଯୋଗେ ଜଣାଇ ନିରାଶ ହେବାମଧ୍ୟରେ ମାନସିକ ଓ ଆର୍ଥିକ ନିର୍ଯ୍ୟାତନା ଯୋଗୁଁ ୨୦୧୪ ମସିହାରେ ମୃତ୍ୟୁବରଣ କରିଥିଲେ । ଏବେ ବାଇଧରଙ୍କର ୪ ଟି ଝିଅ ଓ ୨ଟି ପୁଅଙ୍କୁ ଧରି ତାଙ୍କ ବିଧବା ପତ୍ନୀ ବହୁ ଅଭାବ ଅନାଟନ ଭିତରେ ଚଳିଆସୁଛନ୍ତି । ଏ ସଂପର୍କରେ ସେ ସବୁଆଡୁ ନିରାଶ ହେବା ପରେ ପୁଲିସ୍ ଦ୍ୱାରା କେଶରୁ ଓହରିଯିବାର ଧମକ ପାଇ ଭୟଭୀତ ହୋଇଥିଲେ । ଏବଂ ଏ ସଂପର୍କରେ ତତ୍କାଳୀନ ବନ୍ତ ଥାନାଧିକାରୀଙ୍କ ବିରୁଦ୍ଧରେ ଏସ୍‌ପିଙ୍କୁ ଜଣାଇଥିଲେ । ଯେଉଁଥିରେ ସ୍ୱାମୀଙ୍କର ଚାକିରୀ ସମ୍ବନ୍ଧୀୟ ପ୍ରମାଣପତ୍ର ହଜିବା ନେଇ ସଂପୃକ୍ତ ଥାନାଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ଦାୟୀ କରିଥିଲେ । ତେବେ ଏପର୍ଯ୍ୟନ୍ତ ସେ ନ୍ୟାୟ ନପାଇବାରୁ ବାଧହୋଇ ସେତେବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିବାବେଳେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲା ଶିକ୍ଷାଧିକାରୀଙ୍କୁ ଡକାଇ ସେ ଅସୁସ୍ଥ ଥିବାର ଦର୍ଶାଇ ଧାରଣାସ୍ଥଳକୁ ନଆସିବା ଫଳରେ ମା’ ଓ ଝିଅଙ୍କୁ ଏହି ଘଟଣାର ତଦନ୍ତ କରି ଖୁବଶୀଘ୍ର ଫଇସଲା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୭ ମାସ ବିତିଯାଇଥିଲେ ମଧ୍ୟ ସେମାନେ କୌଣସି ସୁଫଳ ନପାଇବାରୁ ଆଜି ଜିଲାପାଳଙ୍କ ନିକଟରେ ପୁନର୍ବାର ଦ୍ୱାରସ୍ଥ ହୋଇଛନ୍ତି । ତେବେ ଦେଖିବାକୁ ବାକି ରହିଲା ଏହି ପରିବାର ନ୍ୟାୟ ପାଉଛି କେବେ !

## ଚନ୍ଦ୍ରଶେଖରପୁରରେ ଜାତୀୟ ଅନୁସୂଚିତ ଜନଜାତି ସଦସ୍ୟଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଚମ୍ପୁଆ, (ହି.ସ.) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ଅନୁସୂଚିତ ଜନଜାତି ସଦସ୍ୟ ଅନନ୍ତ ନାୟକଙ୍କ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ନାୟକଙ୍କ ସହିତ ପି. କେ. ପରିଡା, ରାଧାକାନ୍ତ ତ୍ରିପାଠୀ, ଦୀନବନ୍ଧୁ ନାଏକ, ବିଦ୍ୟାଧର ବେହେରା ଯୋଗ ଦେଇ ଥିବାବେଳେ ଚମ୍ପୁଆ ବିଡିଓ ଜ୍ୟୋସ୍ନା ନାଏକ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବନ୍ଦିତା ନାଏକ, ଏପିଓ ସଂଗୀତା ମାଝୀ, ବିଏସଏସଓ ଶିବାନୀ ମାରାଣ୍ଡି, ଏଡିଡବ୍ଲୁଓ ଅକ୍ଷୟ କୁମାର ପିଙ୍ଗୁଆ, ସରପଂଚ ଜୟମଣି ନାଏକ, ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ, ଏସଓ ନଳ ଦେହୁରୀ, ବ୍ଲକ ମତ୍ସ୍ୟ ଅଧିକାରୀ ଅଖିଳ ନାଏକ, ରେଞ୍ଜର ଅକ୍ଷୟ ଛତ୍ରିଆଙ୍କ ସହିତ ଯୋଗାଣ ବିଭାଗ ଓ ବିଦ୍ୟୁତ ବିଭାଗ ଅଧିକାରୀ ଗଣ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣିରେ ପଂଚାୟତର ବିଭିନ୍ନ ବିଭାଗରେ ମନରେଗା ଯୋଜନାରେ ହିତାଧିକାରୀଙ୍କୁ କାମ ମିଳୁ ନ ଥିବା, ପଂଚାୟତରେ ଶାରୀରିକ ଅକ୍ଷମ ଥିବା ଲୋକଙ୍କୁ ଭତ୍ତା, ଆବାସ ଯୋଜନା, ଓ ଖାଦ୍ୟ ଯୋଜନାରୁ ବଂଚିତ ରଖାଯିବା, ବନ ବିଭାଗରେ ବ୍ୟାପକ ଲାଂଚ କାରବାର ସହିତ ବହୁ ଅନିୟମିତତାକୁ ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଥିବାବେଳେ ଶ୍ରୀ ନାଏକ ଏଗୁଡିକର ଆସୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# କେନ୍ଦୁଝରରେ ମହାସମାରୋହରେ ପାଳିତ ହେଲା ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ

କେନ୍ଦୁଝର, ( ହି.ସ) : କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ମଇ ୮ ତାରିଖ ସୋମବାର ଦିନ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି । କେନ୍ଦୁଝର ଅଡିଟୋରିୟମ୍‌ରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରତ୍ୟେକ ଯୁବକ ଜଣେ ଜଣେ ଆଧୁନିକ ହେନେରୀ ଡୁନାଂଟ୍ ଓ ପ୍ରତ୍ୟେକ ଯୁବତୀ ଜଣେ ଜଣେ ଆଧୁନିକ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ । ସେମାନଙ୍କ କାର୍ଯ୍ୟଧାରାରେ ମାନବ ସେବା ଶିଖର ସ୍ପର୍ଶ କରୁଛି । ଅନେକ ଅସହାୟଙ୍କ ପାଇଁ ସହାୟ ହୋଇପାରୁଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଶୁଭେଚ୍ଛ ବାର୍ତ୍ତା ସଂପର୍କରେ ସୂଚନା ଦେଇଥିଲେ । ଉପଜିଲ୍ଲାପାଳ ଶ୍ରୀ ରାମଚନ୍ଦ୍ର କିସ୍କୁ ବିପର୍ଯ୍ୟୟ ସମୟରେ ଭାରତୀୟ ରେଡ୍‌କ୍ରସ୍ ସଂସ୍ଥାର କାର୍ଯ୍ୟଧାରା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ରେଡ୍‌କ୍ରସ୍ ସଂପାଦିକା ସୁରଞ୍ଜିକା ବେହେରା ରେଡ୍‌କ୍ରସ୍‌ର ଲକ୍ଷ୍ୟ, ଆଭିମୁଖ୍ୟ ଓ ସେବା କାର୍ଯ୍ୟର ବ୍ୟାପକତା ସଂପର୍କରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ସେଠୀ ରେଡ୍‌କ୍ରସ ଓ ହେନେରୀ ଡୁନାଂଟଙ୍କ ମାନବୀୟ କାର୍ଯ୍ୟ ଯୋଗୁଁ ଆଜି ସମଗ୍ର ବିଶ୍ୱର ମାନବ ସମାଜ ଉପକୃତ ହେଉଥିବା କଥା କହିବା ସହ ଏହା ଆହୁରି ବ୍ୟାପକ ହେବା ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ରେଡ୍‌କ୍ରସ୍ ଯୁଗ୍ମ ସଂପାଦକ ଶ୍ରୀ ଏ.ଆର୍.ଖାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆୟୋଜିତ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ରବିନ୍ଦ୍ର ବିଦ୍ୟାନିକେତନ ଛାତ୍ରୀ ସାଧନା ଦାଶ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରର ଛାତ୍ରୀ ଅଂଶିକା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ ଏବଂ ଶ୍ୱେତାଶ୍ରୀ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ବରିଷ୍ଠ ବର୍ଗରେ ବି. ଏସ୍. ସି. ନିର୍ସିଂ ଛାତ୍ରୀ ପ୍ରିୟଦର୍ଶିନୀ ଦାସ ପ୍ରଥମ, ଶୁଭଶ୍ରୀ ସାହୁ ଦ୍ୱିତୀୟ, ମୋନାଲିସା ବେହେରା, ତୃତୀୟ ସ୍ଥାନ ହାସଲ କରିଥିବାରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

# ବରିଷ୍ଠ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନେଇ ପଞ୍ଚାୟତ, ନଗରନିଗମ ଓ ଶିକ୍ଷାନୁଷ୍ଠାନଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି

ବାଙ୍କୀ,(ପିପିଏସ୍): ଆଜିର ସମାଜରେ ଅନେକ କ୍ଷେତ୍ରରେ ବୃଦ୍ଧ ପିତାମାତା ,ବିଧବା, ସନ୍ତାନହୀନ ବରିଷ୍ଠ ନାଗରିକମାନେ ନିଜ ପୁଅବୋହୂ ବା ଅନ୍ୟ ସମ୍ପର୍କୀୟମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ଜରାଶ୍ରମରେ ନିଃସଙ୍ଗ ଜୀବନ ଯାପନ କରୁଛନ୍ତି । କେତକ ଅହେତୁକ ଅତ୍ୟାଚାରରେ ଅତିଷ୍ଟ ହୋଇ ଭୋକଉପାସରେ ଜୀବନ ହରାଇବାକୁ ଶ୍ରେୟ ମନେକରୁଛନ୍ତି । ପ୍ରକାଶିତ ଏକ ଖବରରୁ ଜଣାଯାଏ ହରିଆନାରେ ବୃଦ୍ଧପିତାମାତାଙ୍କୁ କୋଟିପତି ପୁଅ ଖାଇବାକୁ ନଦେବାରୁ କ୍ଷୁଦାର କଷ୍ଟ ସହିନପାରି ଆତ୍ମହତ୍ୟା କରିଥିଲେ । ମୃତ୍ୟୁ ପୂର୍ବରୁ ସେମାନେ ସଂପୃକ୍ତ ଅଞ୍ଚଳର ଥାନା ଅଧିକାରୀଙ୍କୁ ଅଭିଯୁକ୍ତ ପୁତ୍ର ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ପତ୍ରଲେଖି ଅନୁରୋଧ କରିଥିଲେ । ବର୍ତ୍ତମାନ ଏହି ସମାଜରେ ଅନେକ ବୃଦ୍ଧବୃଦ୍ଧା ଅଛନ୍ତି । ଯେଉଁମାନେକି ଅର୍ଥାଭାବ ଓ ଶାରୀରିକ ଦୂରାବସ୍ଥା ଯୋଗୁଁ ଥାନା ବା ବରିଷ୍ଠ ନାଗରିକମାନଙ୍କ ମଙ୍ଗଳ ନିମନ୍ତେ ଉପଖଣ୍ଡ ସ୍ତରରେ ଗଠନ କରାଯାଇଥିବା 'ଭରଣ ପୋଷଣ ଟ୍ରିବ୍ୟୁନାଲ୍' କୁ ଅଥବା ନ୍ୟାୟାଳୟକୁ ଆସିବାକୁ ଅସମର୍ଥ ହେଉଛନ୍ତି ।

ତେଣୁ ପିତାମାତାଙ୍କ ଭରଣପୋଷଣ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ଧାରା ୧୯ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ ବରିଷ୍ଠ ନାଗରିକମାନେ ସମାଜରେ ସମ୍ମାନର ସହିତ ନିରାପଦ ଜୀବନଯାପନ ଓ ସେମାନଙ୍କର ସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରିବେ ଓ ଉକ୍ତ ଆଇନ୍‌ର ଉପଧାରା ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ ବରିଷ୍ଠ ନାଗରିକମାନଙ୍କ ମଙ୍ଗଳ ନିମନ୍ତେ ସରକାରୀ ସ୍ତରରେ ଥିବା ଅଧିକାରୀମାନଙ୍କ ସହିତ ଶାସନର ତଳ ସ୍ତରରେ ପଞ୍ଚାୟତ , ନଗରନିଗମ ଓ ଶିକ୍ଷାନୁଷ୍ଠାନମାନଙ୍କୁ ସମାଜରେ ଥିବା ଅବହେଳିତ ଓ ଅତ୍ୟାଚାରିତ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ନିରାପଦ ଜୀବନଯାପନ ପାଇଁ ପଦକ୍ଷେପ ନେବାକୁ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ତଥା ଆଇନଜୀବୀ ବିରଞ୍ଚି ଦାସ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

# ଏସ୍‌ସିବିର ବରିଷ୍ଠ ପ୍ରଫେସରଙ୍କୁ ଆଶ୍ୱସ୍ତି, ୯ ବର୍ଷ ପରେ ମିଳିଲା କ୍ଲିନ୍‌ଚିଟ୍

କଟକ : ଯୌନ ଉତ୍ପୀଡନ ମାମଲାରେ ଦୀର୍ଘ ୯ବର୍ଷ ପରେ ବରିଷ୍ଠ ଡ଼ାକ୍ତର ତଥା ଏସ୍‌ସିବି ମେଡିକାଲ କଲେଜର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡାକ୍ତର ଏସ୍ ପି ସିଂଙ୍କୁ ପରେ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ୨୦୧୪ମସିହାରେ ଜନୈକା ସହକର୍ମୀ ଡାକ୍ତର ଏସ.ପି ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ । ଏସସ୍ବିର ସ୍ୱତନ୍ତ୍ର କମିଟି ଏସମ୍ପର୍କରେ ଅନୁଧ୍ୟାନ କରି ଅଭିଯୋଗର ସତ୍ୟତା ନଥିା ଜାଣିବାକୁ ପାଇଥିଲା । ତେବେ ଘଟଣାରେ ସତ୍ୟତା ନଥାଇ ମଧ ବିଭାଗ ଏବାବଦରେ ଡାକ୍ତର ଏସ.ପି ସିଂଙ୍କୁ ତାଗିଦ୍ କରି ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ନହେବା ପାଇଁ ସତର୍କ କରାଇଥିଲେ । ଏହାକୁ ନେଇ ଡାକ୍ତର ସିଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।ହାଇକୋର୍ଟ ମାମଲାର ଶୁଣାଣି ଶେଷ କରି ଏବାବଦରେ ଡାକ୍ତର ଏସ୍ ପି ସିଂଙ୍କୁ କ୍ଲିନ ଚିଟ ଦେଇଛନ୍ତି । ତେବେ ଅଭିଯୋଗକାରିଣୀଙ୍କ ମିଥ୍ୟା ଅଭିଯୋଗ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନ୍ୱୋ ପାଇଁ ଡାକ୍ତର ସିଂ ଦାବି କରିଛନ୍ତି । ସେହିପରି ଯୌନ ନିର୍ଯାତନା ଆକ୍ଟ ର ଦୂରୁପଯୋଗ ନେଇ ଡାକ୍ତର ସିଂ ଙ୍କ ଓକିଲ ହାଇକୋର୍ଟ ଯିବେ ବୋଲି କହିଛନ୍ତି ।

# ସୋସିଆଲ୍ ମିଡିଆରେ ବିଜେଡି ଯୁଗ୍ମ ସଂପାଦକଙ୍କ ବକ୍ତବ୍ୟ ନିଆଳୀ ରାଜନୀତିରେ ମୃଦୁ କମ୍ପନ



କଣ୍ଟାପଡା(ପିପିଏସ୍) : ପୂର୍ବର ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀ ବଦଳି ନିଆଳୀ ନିର୍ବାଚନ ମଣ୍ଡଳୀ ସୃଷ୍ଟି ହେବା ଦିନଠାରୁ କିଛିନା କିଛି କାରଣକୁ ନେଇ ନିଆଳୀ ବିଜେଡି ସବୁବେଳେ ଚର୍ଚ୍ଚାରେ ରହି ଆସିଛି । ମୁଖ୍ୟମନ୍ତ୍ରୀଙ୍କ ବିଜୟ ଭୋଟ ବ୍ୟବଧାନ ସହ ତାଳଦେଇ ନିଆଳୀ ବିଧାୟକ ପ୍ରାର୍ଥୀ ନିର୍ବାଚିତ ହେବା ଘଟଣା ହେଉ କି ଦଳ ତରଫରୁ ୧୪୭ ନମ୍ବରରେ ନିଆଳୀ ଦଳୀୟ ଟିକେଟ୍ ଘୋଷଣା ହେଉ ସବୁ ନିର୍ବାଚନ ସମୟରେ ନିଆଳୀ ନିର୍ବାଚନ ମଣ୍ଡଳୀ ସାଧାରଣରେ ଆଲୋଚନାରେ ରହିଛି । ଯଦି ୨୦୦୯ ମସିହା ନିଆଳୀ ନିର୍ବାଚନ ମଣ୍ଡଳୀ ଘୋଷଣା ହେବାର ପ୍ରଥମ ନିର୍ବାଚନକୁ ଦୃଷ୍ଟିକୁ ନିଆଯାଏ ତେବେ ଏଥିମଧ୍ୟରେ ଶାସକ ବିଜେଡି ଯଦିଓ ତାର ବିଜୟ ପରମ୍ପରା ବଜାୟ ରଖିଛି ତେବେ ବିଜୟ ବ୍ୟବଧାନ ୫୦ ହଜାରରୁ ଖସି ୩୦ ହଜାରରେ ପହଞ୍ଚିଲାଣି । ସବୁ ପରେବି ଅଞ୍ଚଳରେ ଦଳର ଭୋଟ ଅଧିକ ରହିଛି ଏକଥାକୁ ଯେକେହି ନିନ୍ଦୁକ ହେଲେବି ସ୍ୱିକାର କରିବାକୁ ବାଧ୍ୟହେବ । ଏସବୁ କେବଳ ବିଜେଡି ସୁପ୍ରିମୋ ନବୀନ ଓ ଦଳର ଶଙ୍ଖ ଚିହ୍ନ ପାଇଁ ସମ୍ଭବ ହେଉଛି । ଏଣୁ ଆଗାମୀ ଦିନରେ ଯାହା ମୁଣ୍ଡରେ ନବୀନ ଶିରୀପା ବାନ୍ଧିବେ ସେ ମହାଶୟଙ୍କର ସ୍ଥାନୀୟ ନେତା ହେବାରେ କୌଣସି ପ୍ରତିବନ୍ଧକ ଥିବା ପରି ମନେ ହେଉନାହିଁ । ଭୋଟର ବ୍ୟବଧାନ ବଢିବ କି କମିବ ତାହା ଯେତିକି ପ୍ରଶ୍ନ ନୁହେଁ କିନ୍ତୁ ବିଜୟ ସମ୍ଭାବନାକୁ ଏଡାଇଦେବା କଥା ସହଜରେ ଗ୍ରହଣ କରିହେଉ ନାହିଁ । ଗୋଟିଏ ପଟେ ଶାସକ ବିଜେଡିର ନେତା ଓ ଚିହ୍ନ ସାଧରଣ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇ ପଡିଥିବା ବେଳେ ବିଜୟର ଏପରି ଏକ ସରଳ ବାଟକୁ ସଂପ୍ରତି ସମସ୍ତେ ନିଜ ଆଡକୁ ଆଉଜେଇ ନେବାକୁ ଚେଷ୍ଟା ଚଳାଇଥିବା ଲକ୍ଷ୍ୟ କରାଯାଉଛି । ଯେଉଁ କାରଣରୁ ଏହି ଦଳରେ ଏକାଧିକ ଆଶାୟୀ ପ୍ରାର୍ଥୀଙ୍କ ନାମ ଶୁଣିବାକୁ ମିଳୁଛି । ନାମ ଶୁଣିବା କହିଲେ ଭୁଲ ହେବ ବରଂ ସେମାନଙ୍କ ମଧ୍ୟରୁ ଅନେକ ଏବେ ମଇଦାନକୁ ଓହ୍ଲାଇ ଆସିଥିବା ଦେଖିବାକୁ ମିଳୁଛି । ନିଜକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାମାଜିକ ଗଣମାଧ୍ୟମ ହେଉ କି ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଆରମ୍ଭ କରିଦେଇଛନ୍ତି । ଏହିପରି ଆଶୟୀଙ୍କ ମଧ୍ୟରେ ରହିଛନ୍ତି ଇଂ.ପ୍ରସନ୍ନ ମଲ୍ଲିକ,ସୁବାସ ମଲ୍ଲିକ,ବିପୀନ ବେହେରା,ତୃପ୍ତି ରଞ୍ଜନ ବେହେରାଙ୍କ ପରି ବ୍ୟକ୍ତି । ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଇଂ ପ୍ରସନ୍ନ ମଲ୍ଲିକ ଓ ସୁବାସ ମଲ୍ଲିକଙ୍କ ସମର୍ଥକମାନେ ସେମାନଙ୍କ ନେତାଙ୍କ ପ୍ରାର୍ଥୀତ୍ୱ ଫାଇନାଲ ବୋଲି କହି ବୁଲୁଥିବା ବେଳେ ବିପୀନ ଓ ତୃପ୍ତି ଦଳର ସର୍ବମୟ କର୍ତ୍ତା ନବୀନଙ୍କ ସିଦ୍ଧାନ୍ତକୁ ଅପେକ୍ଷା କରିଛନ୍ତି । ଗୋଟିଏପଟେ ଏପରି କିଛି ଘଟଣାକୁ ନେଇ ସାଧାରଣ କର୍ମୀ ଆଗକୁ କିଏ ପ୍ରାର୍ଥୀ ହେବ ତାକୁ ନେଇ ସନ୍ଦିହାନ ଥିବାବେଳେ ଗତ କିଛିଦିନ ହେବ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ରାଜ୍ୟ ବିଜେଡି ଯୁଗ୍ମ ସଂପାଦକଙ୍କ ମନ୍ତବ୍ୟ ଏପରି ସନ୍ଦେହକୁ କିଛିମାତ୍ରାରେ ଦୃଢିଭୂତ କରିଛି । ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ପୁଲକ ମହାନ୍ତି ଯେପରି ବୟାନ ଦେଇଛନ୍ତି ତାହା କିଛି ଏକ ଅପପ୍ରଚାର ଆଡକୁ ଇଙ୍ଗିତ କରୁଛି । ତେବେ ସେ ଅପପ୍ରଚାର ହେଉଛି ନିଜର ଦଳୀୟ ପ୍ରାର୍ଥୀତ୍ୱକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସାଧାରଣରେ ପ୍ରଚାର ଘଟଣାକୁ ନେଇ । ଏପରିକି ବର୍ତ୍ତମାନର ବିଧାୟକଙ୍କ ସମର୍ଥକମାନେ ତାଙ୍କ ନେତାଙ୍କ ଦଳୀୟ ଟିକେଟ୍ ସଂପର୍କରେ ଯେଉଁ ପ୍ରଚାର ଚଳାଇଛନ୍ତି ତାହା ଉପରେ ମଧ୍ୟ ଶ୍ରୀ ମହାନ୍ତି ପ୍ରଶ୍ନବାଚୀ ଆଣିଛନ୍ତି । ଏ ସମ୍ପର୍କରେ ମନ୍ତବ୍ୟ ଦେଇ ଶ୍ରୀ ମହାନ୍ତି କହିଛନ୍ତି ନିଆଳୀ ନିର୍ବାଚନ ମଣ୍ଡଳୀରେ ଦଳର ଯେପରି ଗ୍ରହଣୀୟତା ରହିଛି ସେଠାରେ ଦଳ ଯାହାକୁ ଟିକେଟ୍ ଦେବ ସେ ବିଜୟ ହେବାରେ କୌଣସି ଅସୁବିଧା ନାହିଁ । ତେବେ ଦଳୀୟ ଟିକେଟ୍ କିଏ ପାଇବ ତାହା ଦଳର ସୁପ୍ରୀମୋ ନବୀନ ପଟ୍ଟନାୟକ ଠିକ୍ ସମୟରେ ଫାଇନାଲ କରିବେ ବୋଲି ସେ କହିଛନ୍ତି । ବିଜେଡି ଏକ ଶୃଙ୍ଖଳିତ ଦଳ ଓ ଏହାର ଟିକେଟ୍ କିପରି ଘୋଷଣା କରାଯାଏ ତାହା କାହାକୁ ଅଛପା ନାହିଁ । ଏଣୁ କର୍ମୀଙ୍କୁ ବିଭ୍ରାନ୍ତ କରିବାରୁ ସମସ୍ତେ ନିବୃତ ରହିବାକୁ ସେ ଅନୁରୋଧ କରିଛନ୍ତି । ଶ୍ରୀ ମହାନ୍ତିଙ୍କ ଏପରି ମନ୍ତବ୍ୟ ସମ୍ପର୍କରେ ପ୍ରଜାତନ୍ତ୍ର ତରଫରୁ ମତାମତ ମାଗିବାରୁ ଯାହା କହିଛନ୍ତି ତାହା ଆହୁରି ସାଂଘାତିକ । ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ମହାନ୍ତି କହିଛନ୍ତି ଯଦି ଦଳ ତରଫରୁ ଏପରି କାହାର ଟିକେଟ୍ ଫାଇନାଲ ହୋଇଯାଇଛି ତେବେ ସେ ମୋ ବିରୁଦ୍ଧରେ ଦଳର ସୁପ୍ରିମୋଙ୍କ ନିକଟରେ ଅଭିଯୋଗ କରନ୍ତୁ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ତେବେ ଆମକୁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ନବୀନ ତାଙ୍କ ତୁଣ୍ଡରେ କାହାକୁ ନିଆଳୀରେ ଦଳୀୟ ପ୍ରାର୍ଥୀ ଭାବେ ମୋହର ମାରୁଛନ୍ତି ।

# କାଠଯୋଡି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



କଟକ ସଦର, (ପିପିଏସ୍): କାଠଯୋଡ଼ି ସାହିତ୍ୟ ସଂସଦର ୬ଷ୍ଠ ବାର୍ଷିକ ଉତ୍ସବ ଖାନନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାନ୍ତ୍ୱନା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଓଡ଼ିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଗୀତକବି ଗୌରହରି ଦଳାଇ, ବକ୍ତା ଭାବେ ଗୌର ପଟନାୟକ, ପଞ୍ଚମୁଖୀ ମନ୍ଦିର ସଭାପତି କ୍ଷେତ୍ରମୋହନ ସାହୁ ଓ ଓଡ଼ିଶା ଏକାଡେମୀ କଟକ ପ୍ରତିନିଧି ମନୋଜ ପଟ୍ଟନାୟକ ଯୋଗଦେଇଥି ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ମହିଜା ଦଳବେହେରା, ଚୈତନ୍ୟ କୁମାର ସାହୁ, ଡାକ୍ତର ସୁନିଲ ରାଉତ, ଶରତ କୁମାର ସାହୁ ଏବଂ ପ୍ରମିଳା ପତି ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଗୀତି କବିତା ଉପରେ ବକ୍ତବ୍ୟ ରଖିଥିଲେ । କବି ପିତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସଦର ମୁଖପତ୍ର 'କାଠଯୋଡ଼ି' ଓ ସ୍ନେହଲାତା ସାହୁଙ୍କ ଗୀତି ସଙ୍କଳନ 'ଭାବ ରସିଆ' ଲୋକାର୍ପିତ ହୋଇଥିଲା । ଏହି ଅବସରରେ ସାହିତ୍ୟ ଓ ଚିତ୍ର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ କବି ହରିବନ୍ଧୁ ମଙ୍ଗରାଜ, ଚିତ୍ରଶିଳ୍ପୀ ବଳଦେବ ମହାରଥ, ସୁଶାନ୍ତ ଦାସ, ଇଂ ସତ୍ୟବ୍ରତ ରଥ, ରଘୁନାଥ ମହାପାତ୍ର, ଡଃ ଆଦିତ୍ୟ ପ୍ରତାପ ଧଳ, ନାଟ୍ୟ ନିର୍ଦ୍ଦେଶକ ଡଃ କିଶୋର ମହାନ୍ତି, ଗୀତକବି ଅଜୟ କୁମାର ବେହେରା, ଶିଶୁକବି ସୁଶାନ୍ତ କୁମାର ଦାସ ଓ ପ୍ରମୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗିତୀକବି ବିପିନ ମହାନ୍ତିଙ୍କ ପୌରହିତ୍ୱରେ ବିଧୁଭୂଷଣ ମହାନ୍ତି, ସ୍ମୃତିରେଖା ମହାନ୍ତି, ସୌମେନ୍ଦ୍ର ମହାପାତ୍ର ଓ ଜୟନ୍ତୀ ବାରିକଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠକରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦକ ବାବଜୀ ଜେନା ସଂଚାଳନା କରିଥିବା ବେଳେ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋକଙ୍କୁ ଗୋଡାଇ କାମୁଡୁଛି ମାଙ୍କଡ, ଭୟରେ ଗାଁ ଲୋକ

ଭଦ୍ରକ(ପିପିଏସ୍): ମାଙ୍କଡ କାମୁଡିବାରୁ ଅନେକ ଆହତ ହେଲେଣି । ଘର ବାହାରକୁ ବାହାରିବା ସମୟରେ ମାଙ୍କଡ ଗୋଡାଇ ଗୋଡାଇ କାମୁଡୁଛି । ଭଦ୍ରକ ଜିଲା ଚରମ୍ପା ବରାଳପୋଖରୀ ଅଂଚଳରେ ଗୋଟିଏ ମାଙ୍କଡ ଏମିତି ଉପଦ୍ରବ କରୁଛି । ୧୨ ରୁ ଅଧିକ ଲୋକେ ଆହତ ହୋଇଛନ୍ତି । ମାଙ୍କଡ ଦେଖିଲା ବେଳକୁ ଲୋକଙ୍କ ମନରେ ଆତଙ୍କ । ଘରେ ଘରେ ଜଣେ ଦୁଇ ଜଣ ଖଣ୍ଡିଆ ଖାବରା ହେଲେଣି । କାହାର ହାତ ଗୋଡ ପିଠି ଜଂଘକୁ କାମୁଡି ଖଣ୍ଡିଆ ଖାବରା କରି ଦେଲେଣି ମାଙ୍କଡ । ଗୋଡାଇ ଗୋଡାଇ କାମୁଡୁଛି ମାଙ୍କଡ, ଅନେକ ଆହତ ହେଲେଣି । ଏବେ ଏହି ଅ ଳରେ କୋକୁଆ ଭୟ । ଦୀର୍ଘ ୬ ଦିନ ହେବ ମାଙ୍କଡ ଆତଙ୍କରେ ଲୋକମାନେ ଅତିଷ୍ଠ ହେଲେଣି । ଦୁଇଦିନ ହେବ ଗାଁରେ ବନ ବିଭାଗର କର୍ମଚାରୀ ମାଙ୍କଡ ଧରିବାକୁ ଲାଗିପଡିଛନ୍ତି । ବନ ବିଭାଗ କର୍ମଚାରୀ ମାଙ୍କଡକୁ କାବୁ କରିବାକୁ ଚେଷ୍ଟା କରୁଛନ୍ତି । ହେଲେ ମାଙ୍କଡ ସନ୍ଧ୍ୟା ପରେ ଉଭାନ ହୋଇଗଲା । ବନ ବିଭାଗ ତରଫରୁ ମାଙ୍କଡକୁ କାବୁ ପାଇଁ ଚେଷ୍ଟା ଚାଲିଛି । ଗାଁ ଲୋକମାନେ ଏବେ ବନ ବିଭାଗର କର୍ମଚାରୀଙ୍କ ଭରସାରେ ଥିବାବେଳେ ବନ ବିଭାଗର କର୍ମଚାରୀ ଏବେ ମାଙ୍କଡ ପଛରେ ଦୌଡୁଛନ୍ତି । ଅମାନିଆ ମାଙ୍କଡ ମଧ ଧରାନଦେଇ ଡିଆଁ ମାରୁଛନ୍ତି ।

# କବି ନଟବର ସାହିତ୍ୟ ସଂସଦର ପ୍ରଥମ ବାର୍ଷିକୋତ୍ସବ



ବାଙ୍କୀ,(ପିପିଏସ୍): ବାଙ୍କୀ ଡମପଡ଼ା ଗଡ଼ସ୍ଥ କବି ନଟବର ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଉତ୍ସବ ଓ ସାରସ୍ୱତ ମହାସମାରୋହ ଆଜି ଡମପଡ଼ା ଗଡ଼ସ୍ଥ ମହିମାମଣି ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଡମପଡ଼ା ମାଟିର ସୁପୁତ୍ର ସ୍ୱର୍ଗତ କବି ନଟବର ଧଳ ସାମନ୍ତ ଜଣେ ରୀତିଯୁଗୀୟ କବି ଓ ପାଲାକାର ଭାବେ ସାରା ଓଡ଼ିଶାରେ ପରିଚିତ । ତାଙ୍କର ବହୁ ଗୀତିକବିତା ଓ ଚଉତିଶା ସାରା ଦେଶର ଗାଁ ଗହଳିରେ ଖୁବ୍ ପରିଚିତ । ତାଙ୍କ ସ୍ମୃତିରେ ଗଠିତ ଏହି ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବରେ ଅଖିଳ ବିହାରୀ ଧଳସାମନ୍ତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ତଥା ପୂର୍ବତନ ପ୍ରଶାସକ ମିନକେତନ ଦାଶ ଯୋଗଦାନ କରି କବି ନଟବରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ ବାହାଦୂର ପାଟଶାଣି ଓ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ କବି ତଥା ଚିକିତ୍ସକ ଡାକ୍ତର ରବିନାରାୟଣ ପଣ୍ଡା ଯୋଗଦାନ କରି ସ୍ୱର୍ଗତ କବି ନଟବର ଧଳସାମନ୍ତଙ୍କ ଚଉତିଶା ଗାନ କରିବା ସହିତ ତାହାର ମାର୍ମିକ ଅର୍ଥ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଂପାଦକ କବି ଅମୀୟ କୁମାର ଧଳସାମନ୍ତ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କବି ସଂଜୀବ୍ ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅତିଥି ଭାବେ କବି ହରିହର ସ୍ୱାଇଁ, ବାଙ୍କୀ କଲେଜ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ କରି କବି ନଟବରଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । ସଭାଟିକୁ ଅଧ୍ୟାପକ ନିରାକାର ସାମନ୍ତରାୟ ପରିଚାଳନା କରିଥିଲେ । ଏହି ଅବସରରେ ଏକମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହେବା ସହ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନିଜ ହାତଅଙ୍କା ଫଟୋଚିତ୍ର ରାଷ୍ଟ୍ରପତିଙ୍କୁ ଦେବାକୁ ଭଦ୍ରକରୁ ବାରିପଦା ଧାଇଁଆସିଲେ ଛାତ୍ରୀ

ଭଦ୍ରକ, (ପିପିଏସ୍): ଅନେକ ଲୋକ ନିଜ ପ୍ରିୟ ରାଷ୍ଟ୍ରପତିଙ୍କୁ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଉପଢୌକନ ଦେବାଲାଗି ଆସିଥିଲେ । ସେମିତି କିଛି ଚିତ୍ର ଦେଖିବାକୁ ମିଳିଛି ବାରିପଦା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଚାଲିଥିବାବେଳେ କନଭେନସନ ହଲ ବାହାରେ ଅପେକ୍ଷା କରିଥିଲେ ଭଦ୍ରକ ଏସବିଡି ଇ ରନ୍ୟାସ୍ନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ସ୍ନେହା ଦାସ । ହାତରେ ଥିଲା ନିଜ ହାତଅଙ୍କା ରାଷ୍ଟ୍ରପ୍ରତି ମହୋଦୟାଙ୍କ ଅବିକଳ ଫଟୋଚିତ୍ର ।

# ପ୍ରଧାନ ଟ୍ରାନ୍ସପୋର୍ଟ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ୧ ଲକ୍ଷ ଟଙ୍କାର ସହାୟତା



କଟକ ସଦର,(ପିପିଏସ୍): କଟକ ଶିଖରପୁରରସ୍ଥିତ ପ୍ରଧାନ ଟ୍ରାନ୍ସପୋର୍ଟରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବ୍ରହ୍ମପୁର ଜିଲ୍ଲାର ଚିକିଟି ନିବାସୀ ସନ୍ତୋଷ କୁମାର ପ୍ରଧାନ (୪୨) ନିଜ ଗ୍ରାମକୁ ଯାଇ ସମ୍ପର୍କୀୟଙ୍କ ବିଭାଘର କାର୍ଯ୍ୟକ୍ରମ ନିମନ୍ତେ ଖରାରେ ଏଣେତେଣେ ଯାଆସ କରିବା ସମୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହି ନପାରି ସନ୍ତୋଷ ହଠାତ ତଳେ ପଡିଯାଇଥିଲେ । ସଂଗେ ସଂଗେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ତାଙ୍କୁ ସେହିଠାରେ ମୃତ ଘୋଷଣା କରିଥିଲେ । ଏହି ଖବର ପାଇ ପ୍ରଧାନ ଟ୍ରାନ୍ସପୋର୍ଟର ପ୍ରତିଷ୍ଠାତା ଶରତ କୁମାର ପ୍ରଧାନ ଏବଂ ତାଙ୍କର ସହକର୍ମୀମାନେ ଏକ ଲକ୍ଷ ଟଙ୍କା ସଂଗ୍ରହ କରି ଅକାଳ ବିୟୋଗରେ ପ୍ରାଣ ହରାଇଥିବା ସ୍ୱର୍ଗତ ସନ୍ତୋଷଙ୍କ ପରିବାରକୁ ହସ୍ତାନ୍ତର କରବା ସହ ସମବେଦନା ଜଣାଇଥିଲେ ।

# ବିଶ୍ୱକବି ରବୀନ୍ଦ୍ରନାଥଙ୍କୁ ଜନ୍ମଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର: ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ତମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବିଧାୟକ ପ୍ରଫୁଲ୍ଲ ସାମଲ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ ରାଉତରାଏ, ଅଧ୍ୟାପକ ଡ଼ଃ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସୁଶାନ୍ତ ସାହୁ, ଗୁରୁଚରଣ ସାହୁ, ସତ୍ୟବ୍ରତ ଜେନା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଅନୁବାଦ ସାହିତ୍ୟ ଦ୍ୱାରା ବିଭିନ୍ନ ଭାଷାରେ ରଚିତ ସାହିତ୍ୟକୃତି ବିଶ୍ୱପାଠକମାନଙ୍କ ନିକଟରେ ପହଁଚି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସେଥିପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ସହ ପ୍ରତିଷ୍ଠିତ ଲେଖକମାନଙ୍କ ରଚନାର ଅନୁବାଦ ହେବା ଆବଶ୍ୟକ ଯାହା ଦ୍ୱାରା ସାହିତ୍ୟ ପରିବ୍ୟାପ୍ତ ହେବ ବୋଲି ସେମାନେ ଉଲ୍ଲେଖ କରିଥିଲେ ।

# ଓଡ଼ିଶାର ନବଜାଗରଣ ପର୍ବର ଉଜ୍ଜ୍ୱଳ ସ୍ମାରକୀ ଉତ୍କଳ ସାହିତ୍ୟ ସମାଜ

## ୧୨୧ତମ ପ୍ରତିଷ୍ଠା ଦିବସରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର




କଟକ(ପିପିଏସ୍) : ଓଡ଼ିଶାର ନବଜାଗରଣ ପର୍ବର ସ୍ମାରକୀ ଉତ୍କଳ ସାହିତ୍ୟ ସମାଜ । ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ଏହି ଶତାୟୁ ଅନୁଷ୍ଠାନର ଅବଦାନ ଅନନ୍ୟ । ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଶାର ବରପୁତ୍ରମାନେ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ତାହାର ଏକ ମାଧ୍ୟମ ହୋଇଥିଲା ଉତ୍କଳ ସାହିତ୍ୟ ସମାଜ । ଉତ୍କଳ ସାହିତ୍ୟ ସମାଜ ଏକ ଅନୁଷ୍ଠାନ ନୁହେଁ, ଏକ ପ୍ରକ୍ରିୟା । ରାଜ୍ୟରେ ଓ ରାଜ୍ୟ ବାହାରେ ଅନୁଷ୍ଠାନର ୩୩ଟି ଶାଖା ଗଠନ ଏହି ଅନୁଷ୍ଠାନକୁ ଅଧିକ ସକ୍ରିୟ ରଖିଛି ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୧ତମ ପ୍ରତିଷ୍ଠା ଦିବସରେ ବରେଣ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କୁ 'ଜେମା-ସାମନ୍ତ ସୃଜନୀ ପୁରସ୍କାର' ପ୍ରଦାନ କରାଯାଇଥିଲା । ଡାକ୍ତର ନିରଞ୍ଜନ ତ୍ରିପାଠୀଙ୍କୁ ବରିଷ୍ଠ ସଦସ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ରବିବାର ସଂଧ୍ୟାରେ ଆୟୋଜିତ ପ୍ରତିଷ୍ଠା ଉତ୍ସବକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ । ଡକ୍ଟର ପଟ୍ଟନାୟକ ଉତ୍କଳ ସାହିତ୍ୟ ସମାଜ ସ୍ଥାପନର ଉଦ୍ଦେଶ୍ୟର ଲକ୍ଷ୍ୟ ଓଡ଼ିଆ ଭାଷା-ସାହିତ୍ୟର ଉନ୍ନତି ପାଇଁ ଅଭିପ୍ରେତ । ଏବେ ଭାଷା ପାଇଁ ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଡକ୍ଟର ଖାରବେଳ ମହାନ୍ତି ଉତ୍କଳ ସାହିତ୍ୟ ସମାଜର ଗଠନର ଐତିହାସିକ ପୃଷ୍ଠଭୂମି ଓ ଏହାର ଆବଶ୍ୟକତା ସଂପର୍କରେ ସବିସ୍ତୃତ ତଥ୍ୟ ଉପସ୍ଥାପନ କରି ଉତ୍କଳ ସାହିତ୍ୟ ସମାଜ ଏକ ସାଧାରଣ ଅନୁଷ୍ଠାନ ନୁହେଁ, ଏହା ଏକ ଐତିହାସିକ ପ୍ରକ୍ରିୟା ବୋଲି କହିଥିଲେ । ମର୍ଯ୍ୟାଦାସଂପନ୍ନ ଜେମା-ସାମନ୍ତ ସୃଜନୀ ପୁରସ୍କାର ଚଳିତ ବର୍ଷ ଲାଭ କରି ବିଶିଷ୍ଟ ଲୋକପ୍ରିୟ ବିଜ୍ଞାନ ଲେଖକ ତଥା ଶିଶୁସାହିତ୍ୟ ସ୍ରଷ୍ଟା ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ ବିଜ୍ଞାନ ଓ ସାହିତ୍ୟ ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଡାକ୍ତର ସ୍ୱାଇଁ ପୁରସ୍କାର ବାବଦ ଅର୍ଥରାଶି ନଗଦ ୫୦, ୦୦୦ ଟଙ୍କାକୁ ଉତ୍କଳ ସାହିତ୍ୟ ସମାଜକୁ ଉପହାର ରୂପେ ପ୍ରଦାନ କରିବାକୁ ଘୋଷଣା କରିଥିଲେ । ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ସ୍ୱାଗତ ଉପସଭାପତି ଜୀବନାନନ୍ଦ ଅଧିକାରୀ ଓ ଅତିଥି ପରିଚୟ ଉପସଭାପତି ମନୋଜ ପଟ୍ଟନାୟକ ଓ ପ୍ରାରମ୍ଭିକ ସୂଚନା ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରଦାନ କରିଥିବା ବେଳେ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡକ୍ଟର ସୁଶୀଳ କୁମାର ବାଗ । ମାନପତ୍ର ପାଠ କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ସରୋଜିନୀ ମିଶ୍ର ଓ କୋଷାଧକ୍ଷ ଶିବାଶିଷ କର । ପୁରସ୍କାର ସଂପର୍କରେ ସୂଚନା ଦେଇଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ । ଉତ୍ସବରେ ଧନ୍ୟବାଦ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ପ୍ରଦାନ କରିଥିଲେ । ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦଙ୍କ ସମେତ ବୁଦ୍ଧିଜୀବୀ ଓ ସାରସ୍ୱତ ସ୍ରଷ୍ଟାମାନେ ଉପସ୍ଥିତ ଥିଲେ । ଅନୁଷ୍ଠାନ ପ୍ରତିଷ୍ଠା ଦିବସର ଅନୁଷ୍ଠାନର ବିଭିନ୍ନ ଶାଖାରେ ମଧ୍ୟ ପାଳନ କରାଯାଇଥିଲା । ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ଅଜୟ ମହାନ୍ତି, ଅଧ୍ୟାପକ କମଳ ମାହୁନ୍ତ, ରଶ୍ମିତା ସାମନ୍ତରାୟ ଓ ଦେବପ୍ରସାଦ ମିଶ୍ର ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହେବା ଘୋର ନିନ୍ଦନୀୟ : ଏବିଭିପି

ଭୁବନେଶ୍ୱର: ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୀକ୍ଷାନ୍ତ ଅଭିଭାଷଣ ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବା ଅତ୍ୟନ୍ତ ନିନ୍ଦାର ବିଷୟ । ସମଗ୍ର ଦେଶରେ ଏହା ବର୍ତ୍ତମାନ ଓଡ଼ିଶାକୁ ନିନ୍ଦିତ କରାଇଛି । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ କ୍ଷମା ମାଗିବା ସହ ତୁରନ୍ତ ନିଜେ ହସ୍ତକ୍ଷେପ କରି ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଏବିଭିପି ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି । ଦେଶର ପ୍ରଥମ ନାଗରିକଙ୍କ ସଭାରେ ବିଶ୍ୱବିଦ୍ୟାଳୟରେ ଏହି ଭଳି ଘଟଣା ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅବସ୍ଥା କଣ ଥିବ ପରିପ୍ରକାଶ କରୁଛି । ମଂଚରେ ଓଡ଼ିଶା ସରକାରଙ୍କ ପଂଚାୟତି ରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ଥିଲେ । ପୂର୍ବରୁ ଓଡିଶା ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଏବଂ ଶିକ୍ଷା ଅନୁଷ୍ଠାନରେ ଘଟୁଥିବା ଅନିୟମିତତାର ଉଦାହରଣ ଯଥେଷ୍ଟ ଅଛି ଏବଂ ନିଜ ମାଟିର ଗୌରବ,ଦେଶର ପ୍ରଥମ ନାଗରିକଙ୍କୁ ସୁରକ୍ଷା ଦେବାରେ ଓ କାର୍ଯ୍ୟକ୍ରମ ସୂଚାରୁ ରୂପରେ ଆୟୋଜନ କରିବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ଏବିଭିପି ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି ଯେ ଘଟଣାର ଯଥାଶୀଘ୍ର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଏବଂ ଦୋଷୀଙ୍କ ବିରୁଦ୍ଧରେ ରାଜ୍ୟ ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଏବିଭିପି ଦାବି କରୁଛି ।

# ରବୀନ୍ଦ୍ରନାଥ ଠାକୁରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର: କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୟନ୍ତୀ ଅବସରରେ ଗୁରୁଦେବ ରବୀନ୍ଦ୍ର ନାଥ ଠାକୁରଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ସାହିତ୍ୟ ମାଧ୍ୟମରେ ଭାରତୀୟ ସାଂସ୍କୃତିକ ଚେତନାରେ ନୂଆ ଜୀବନ ଦେଇଥିବା ଯୁଗଦ୍ରଷ୍ଟା ଗୁରୁଦେବ ରବୀନ୍ଦ୍ର ନାଥ ଠାକୁର ନିଜ ରଚନାରେ ବିଶ୍ୱକୁ ଭାରତୀୟ ମନୀଷାର ଝଲକ ଦେଖାଇଥିଲେ । ଗୁରୁଦେବଙ୍କ ମାନବିକତାବାଦୀ ବିଚାର ସବୁବେଳେ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରୁଥିବ । ଜୟନ୍ତୀରେ ତାଙ୍କୁ ବିନମ୍ର ଶ୍ରଦ୍ଧାଂଜଳି ।

# ରାମନଗର ଗ୍ରାମରେ ଘୋଡ଼ାନାଚ ମଞ୍ଚସ୍ଥ



ଫୁଲନଖରା ( ପିପିଏସ ) : ସିଏମସି ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ଦୁଇ ରାତି ପ୍ରାଚୀନ ଲୋକ କଳା ଘୋଡାନାଚ ଅନୁଷ୍ଠିତ ହୋଇଯାଇଛି । କକ୍ଷକରୁଦ୍ରପୁର ଅଂଚଳର ଗାୟକ ଗୋପାଳ ବେହେରା ଏବଂ ସାଥି ଘୋଡାନାଚ ପରିବେଷଣ କରିଥିଲେ । ପ୍ରଥମ ଦିନ ଅର୍ଥାତ ବୈଶାଖ ପୂର୍ଣ୍ଣିମା ଦିନ ଘୋଡା ନାଚ ଶେଷ ହେବା ପରେ ମା' ବାସେଳୀଙ୍କ ପ୍ରତୀକ ଘୋଡକ୍ଷମୁଣ୍ଡ କୁ ଶୀତଳ ଭୋଗ ପ୍ରଦାନ କରାଯାଇ ବିଦାୟ ଦିଆଯାଇଥିଲା । ଉଲ୍ଲେଖ ଯୋଗ୍ୟ ଯେ ଚୈତ୍ର ପୂର୍ଣ୍ଣିମା ଦିନଠାରୁ ମାସାଧିକ କାଳ ମା'ଙ୍କ ପ୍ରତୀକାତ୍ମକ ଏହି ଘୋଡା ମୁଣ୍ଡ ଗାଁ ର ବିଭିନ୍ନ ଗୃହକୁ ପୂଜା ପାଇ ଆସୁଥିଲେ । ଆଜକୁ ଶହେ ବର୍ଷରୁ ଉର୍ଦ୍ଧ କାଳ ଧରି ରାମନଗର ଗ୍ରାମରେ ବାର୍ଷିକ ଘୋଡାନାଚ ପରିବେଷଣ ହୋଇ ଆସୁଅଛି । ଗ୍ରାମ ଉନ୍ନୟନ କମିଟି ଏବଂ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଆଇପିଏଲ୍-୨୦୨୩

# ଜିତିବା ମ୍ୟାଚ୍ ହାରିଲା ସନରାଇଜର୍ସ ହାଇଦ୍ରାବାଦ



ଜୟପୁର(ଏଜେନ୍ସି): ସୱାଇ ମାନସିଂ ଷ୍ଟାଡିୟମରେ ଖେଳା ଯାଇଥିବା ଆଇପିଏଲର ରୋମାଞ୍ଚକର ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ନାଟକୀୟ ବିଜୟ ହାସଲ କରି ୪ ୱିକେଟ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଶେଷ ବଲ୍‌ରେ ଜିତିବା ପାଇଁ ହାଇଦ୍ରାବାଦକୁ ଦରକାର ଥିଲା ୫ ରନ। ବ୍ୟାଟର କ୍ୟାଚ୍ ଆଉଟ୍ ହୋଇଥିଲେ ଏବଂ ରାଜସ୍ଥାନ ଖେଳାଳି ଏବଂ ଶିବିରରେ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ହେଲେ ତୃତୀୟ ଅମ୍ପାୟରଙ୍କଠୁ ଆସିଲା ନୋ ବଲ୍‌ର ସିଗ୍ନାଲ। ଆଉ ତା ପରେ ବ୍ୟାଟର ସାମଦ ଶେଷ ଓଭର ବୋଲିଂ କରୁଥିବା ସନ୍ଦୀପ ଶର୍ମାଙ୍କ ଉକ୍ତ ବଲ୍‌କୁ ଛକାରେ ପରିଣତ କରି ଦଳକୁ ଆକର୍ଷଣୀୟ ବିଜୟ ଦେଇଛନ୍ତି। ଆଉ ଜିତୁଥିବା ମ୍ୟାଚ୍‌କୁ ହାତଛଡା କରିଛି ରାଜସ୍ଥାନ। ବିଜୟ ସହ ଚଳିତ ସଂସ୍କରଣର ପ୍ଲେ ଅଫ ଦୌଡରେ ନିଜକୁ ତିଷ୍ଠି ରଖି ପାରିଛି ହାଇଦ୍ରାବାଦ। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ଜୋସ୍ ବଟଲରଙ୍କ ୯୫ ରନ ଏବଂ ସଞ୍ଜୁ ସାମସନଙ୍କ ଅପରାଜିତ ୬୬ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୨୧୪ ରନ କରିଥିଲା। ଜବାବରେ ହାଇଦ୍ରାବାଦ ଅଭିଷେକ ଶର୍ମାଙ୍କ ୫୫ ରନ, ରାହୁଲ ତ୍ରିପାଠୀଙ୍କ ୪୭ ଏବଂ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ଇନିଂସ ବଳରେ ବିଶେଷ କରି ଅବଦୁଲ ସାମଦଙ୍କ ଶେଷ ବଲ୍‌ର ଛକା ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଯୁଜବେନ୍ଦ୍ର ଚହଲଙ୍କ ୪ ୱିକେଟ୍ ବୃଥା ହୋଇଛି। ରାଜସ୍ଥାନ ୧୧ଶ ମ୍ୟାଚ୍‌ରୁ ଷଷ୍ଠ ପରାଜୟ ଭୋଗିଛି। ୨୧୫ ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ହାଇଦ୍ରାବାଦର ଦୁଇ ଓପନର ଅନମୋଲ ପ୍ରୀତ ସିଂ ଏବଂ ଅଭିଷେକ ଶର୍ମା ଦଳକୁ ଦୃଢ ଆରମ୍ଭ ଦେଇଥିଲେ। ଉଭୟ ବ୍ୟାଟର ପାୱାର ପ୍ଲେରେ ୫୧ ରନ ଯୋଡ଼ିଥିଲେ। ତେବେ ଅନମୋଲପ୍ରୀତ ୩୩ ରନ କରି ବିଦାୟ ନେଇଥିଲେ। ଏହା ପରେ ଅଭିଶେଷ ଏବଂ ରାହୁଲ ତ୍ରିପାଠୀ ଦ୍ରୁତ ଗତିରେ ରନ ସଂଗ୍ରହ କରି ଦ୍ୱିତୀୟ ୱିକେଟ୍ ପାଇଁ ୬୫ ରନ ଯୋଡ଼ି ଦଳ ବିଜୟ ପାଇଁ ମାର୍ଗ ପ୍ରଶସ୍ତ କରିଥିଲେ। ଅର୍ଦ୍ଧଶତକ ହାସଲ କରିଥିବା ଅଭିଶେଷ ଶର୍ମା ୩୪ ବଲ୍‌ରୁ ୫ ଚୌକା ଏବଂ ୨ ଛକା ଜରିଆରେ ୫୫ ରନ କରି ବିଦାୟ ନେଇଥିଲେ। ଅନ୍ୟପଟେ ରାହୁଲ ତ୍ରିପାଠୀ ଏବଂ କେନରିଚ୍ କ୍ଲାସେନ ତୃତୀୟ ୱିକେଟ୍‌ରେ ୪୧ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୫୭ ରନରେ କ୍ଲାସେନ ୨୬ ରନର ଦ୍ରୁତ ବ୍ୟାଟିଂ କରି ପାଭିଲିୟନ ଫେରିଥିଲେ। ଅର୍ଦ୍ଧଶତକ ଆଡକୁ ଅଗ୍ରସର ହେଉଥିବା ରାହୁଲ ତ୍ରିପାଠୀ ୨୯ ବଲ୍‌ରୁ ୪୭ ରନର ଉପଯୋଗୀ ଇନିଂସ ଖେଳି ଆଉଟ୍ ହେବା ହାଇଦ୍ରାବାଦକୁ ବଡ଼ ଝଟକା ଲାଗିଥିଲା। ଅଧିନାୟକ ଆଡନ ମାରକ୍ରମ(୬) ମଧ୍ୟ ବିଫଳ ହୋଇଥିଲେ। ବିଶେଷ କରି ରାଜସ୍ଥାନର ଯୁଜବେନ୍ଦ୍ର ଚହଲ ୪ ୱିକେଟ୍ ଦଖଲ ହାଇଦ୍ରାବାଦର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିଲେ। ଶେଷ ଆଡକୁ ହାଇଦ୍ରାବାଦର ବିଜୟ ଆଶା ମଉଳିବାରେ ଲାଗିଥିଲା। ଗ୍ଲେନ ଫିଲିପ୍ ମାତ୍ର ୭ ବଲ୍‌ରୁ ୨୫ ରନ କରି ଦଳକୁ ବିଜୟର ସୁଯୋଗ ଦେଇଥିଲେ। ଶେଷ ଓଭରରେ ହାଇଦ୍ରାବାଦକୁ ଜିତିବା ପାଇଁ ୧୭ ରନ ଦରକାର ଥିଲା। ଯାହାକୁ ଦଳ ହାସଲ କରିବାରେ ସଫଳ ହୋଇଥିଲା। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ ୨୯ ରନ ଦେଇ ୪ ୱିକେଟ୍ ନେଇଥିଲେ ହେଁ ଦଳ ଜିତି ପାରିନଥିଲା। କୁଲଦୀପ ଯାଦବ ଏବଂ ରବିଚନ୍ଦ୍ରନ ଅଶ୍ୱିନ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି। ରାଜସ୍ଥାନ ବ୍ୟାଟିଂ ଦୁଇ ଓପନର ଯଶସ୍ୱୀ ଜୟସୱାଲ୍ ଏବଂ ଜୋସ୍ ବଟଲର ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ଦୃଢ ଆରମ୍ଭ ଦେଇଥିଲେ। ପ୍ରଥମ ୱିକେଟ୍ ?ରେ ଉଭୟ ୫୪ ରନ ଯୋଡ଼ିଥିଲେ। ଜୟସୱାଲ୍ ୧୮ ବଲ୍‌ରୁ ୫ ଚୌକା ଏବଂ ୨ ଛକା ସହ ୩୫ ରନ କରିଥିଲେ। ଏହା ପରେ ବଟଲର ଏବଂ ଅଧିନାୟକ ସଞ୍ଜୁ ସାମସନ ସ୍କୋରକୁ ଆଗେଇ ନେଇଥିଲେ। ଉଭୟ ଦ୍ରୁତ ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ଶତକୀୟ ଭାଗିଦାରୀ ଯୋଡିଥିଲେ। ଅର୍ଦ୍ଧଶତକ ହାସଲ କରି ଶତକ ଆଡକୁ ଅଗ୍ରସର ହେଉଥିବା ବଟଲର ଆଉଟ୍ ହୋଇଥିଲେ। ମାତ୍ର ୫ ରନରୁ ସେ ଶତକରୁ ବଞ୍ଚିତ ହୋଇ ୫୯ ବଲରୁ ୧୦ ଚୌକା ଏବଂ ୪ ଛକା ସହ ୯୫ ରନ କରିଥିଲେ। ଏହା ପୂର୍ବରୁ ସାମସନଙ୍କ ସହ ବଟଲର ୧୩୮ ରନ ଯୋଡିଥିଲେ। ଅଧିନାୟକ ସାମସନ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିବା ସହ ୩୮ ବଲରୁ ୪ଟି ଚୌକା ଏବଂ ୫ଟି ଛକା ଜରିଆରେ ୬୬ ରନରେ ଅପରାଜିତ ଥିଲେ। ବଟଲର ଏବଂ ସାମସନଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ରାଜସ୍ଥାନ ୨ ୱିକେଟ୍ ହରାଇ ୨୧୪ ରନ କରି ପାରିଛି।

# ରାହୁଲଙ୍କ ସ୍ଥାନରେ ୱିକେଟ୍ କିପର ବ୍ୟାଟର ଇଶାନ୍ତ କିଷନ ଡବ୍ଲ୍ୟୁଟିସି ଫାଇନାଲ୍‌ରେ ସାମିଲ



ନୂଆଦିଲ୍ଲୀ(ଏଜେନ୍ସି): ଆହତ ସମସ୍ୟା ଦେଇ ଗତି କରୁଥିବା ଭାରତୀୟ କ୍ରିକେଟ୍ ଦଳର ତାରକା ବ୍ୟାଟର କେଏଲ ରାହୁଲ୍ ଆଇପିଏଲ୍ ୨୦୨୩ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍‌ରୁ ବାଦ୍ ପଡିଛନ୍ତି। ତାଙ୍କର ଆହତ ଗମ୍ଭୀର ରହିଛି ଏବଂ ଡାକ୍ତରୀ ଦଳ ତାଙ୍କୁ ଶୀଘ୍ର ସର୍ଜରୀ କରିବାକୁ ପରାମର୍ଶ ଦେଇଛନ୍ତି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସୋମବାର ଡବ୍ଲ୍ୟୁଟିସି ଫାଇନାଲ୍ ପାଇଁ ରାହୁଲଙ୍କ ବଦଳ ଖେଳାଳି ଘୋଷଣା କରିଛି। ରାହୁଲଙ୍କ ସ୍ଥାନରେ ୱିକେଟ୍ କିପର ବ୍ୟାଟର ଇଶାନ୍ତ କିଷନଙ୍କୁ ସୁଯୋଗ ମିଳିଛି। ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବ, ଋତୁରାଜ ଗାଏକୱାଡ଼ ଏବଂ ମୁକେଶ କୁମାରଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ରଖାଯାଇଛି। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଜୁନ ୭ରେ ଲଣ୍ଡନର ଓଭାଲ ମଇଦାନରେ ଖେଳାଯିବ। ବିସିସିଆଇ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ କୁହାଯାଇଛି ଯେ, କେଏଲ ରାହୁଲ ମେ ୧ ତାରିଖରେ ଆରସିବି ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଡାହାଣ ଜଙ୍ଘରେ ଗୁରୁତର ଆଘାତ ଲାଗିଛି। ବିଶେଷଜ୍ଞଙ୍କ ପରାମର୍ଶ ପରେ କେଏଲ ରାହୁଲଙ୍କ ଶୀଘ୍ର ଅସ୍ତ୍ରୋପଚାର କରାଯିବ। ଏହା ପରେ ସେ ରିହାବ୍ ପାଇଁ ଜାତୀୟ କ୍ରିକେଟ୍ ଏକାଡେମୀ(ଏନସିଏ)ରେ ଅବସ୍ଥାନ କରିବେ। ଚୟନକର୍ତ୍ତା ଏବେ ରାହୁଲଙ୍କ ସ୍ଥାନରେ ଡବ୍ଲ୍ୟୁଟିସି ଫାଇନାଲ୍ ପାଇଁ ଇଶାନ୍ତ କିଷନଙ୍କୁ ଚୟନ କରିଛନ୍ତି। ଅନ୍ୟପଟେ ବିସିସିଆଇ ଦ୍ରୁତ ବୋଲର ଜୟଦେବ ଉନାଦକତଙ୍କୁ ନେଇ ମଧ୍ୟ ସୂଚନା ଦେଇଛି। ଉନାଦକତ ବୋଲିଂ କରିବା ବେଳେ ନିୟନ୍ତ୍ରଣ ହରାଇ ଖସି ପଡ଼ିଥିଲେ ଏବଂ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ସେ ସଂପ୍ରତି ବେଙ୍ଗାଲୁରୁର ଏନସିଏରେ ଅଛନ୍ତି ଏବଂ ନିଜ କାନ୍ଧର ଉପଶମ ପାଇଁ ଚିକିତ୍ସା କରାଉଛନ୍ତି। ସେ ଡବ୍ଲ୍ୟୁଟିସି ଫାଇନାଲ୍‌ରେ ଦଳରେ ରହିବେ ରହିବେ କି ନାହିଁ ପରେ ନିଷ୍ପତ୍ତି ନିଆଯିବ ବୋଲି ବିସିସିଆଇ କହିଛି। ସେହିପରି ଉମେଶ ଯାଦବଙ୍କ ହାମଷ୍ଟ୍ରିଙ୍ଗରେ ହାଲୁକା ଆଘାତ ଲାଗିଥିଲା। ସେ ଆଇପିଏଲରେ କେକେଆର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ବିସିସିଆଇ ଏବଂ କେକେଆରର ଡାକ୍ତରୀ ଦଳ ଉମେଶଙ୍କ ଉପରେ ନଜର ରଖିଛନ୍ତି। ଡବ୍ଲ୍ୟୁଟିସି ଫାଇନାଲ୍ ପାଇଁ ଭାରତୀୟ ଦଳ ରୋହିତ ଶର୍ମା(ଅଧିନାୟକ), ଶୁଭମନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, କେଏସ ଭରତ(ୱିକେଟ୍ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ୍, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ୍, ଉମେଶ ଯାଦବ, ଜୟଦେବ ଉନାଦକତ, ଇଶାନ କିଷନ(ୱିକେଟ୍ କିପର)। ଷ୍ଟାଣ୍ଡବାଇ ଖେଳାଳି- ଋତୁରାଜ ଗାଏକୱାଡ଼, ମୁକେଶ କୁମାର, ସୂର୍ଯ୍ୟକୁମାର ଯାଦବ।

# ରାଜସ୍ଥାନ ରୟାଲ୍ସର ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ନୂଆ ରେକର୍ଡ



ଜୟପୁର(ଏଜେନ୍ସି) : ଆଇପିଏଲ୍ ୨୦୨୩। ଜମୁଛି ଚଳିତ ସିଜିନ୍। ରବିବାର ଦିନ ଆଇପିଏଲ୍‌ର ୫୨ ତମ ମୁକାବିଲା ହୋଇଥିଲା। ଏହି ମ୍ୟାଚ୍‌ରେ ରାଜସ୍ଥାନରୁ ଶେଷ ବଲ୍‌ରେ ପରାସ୍ତ କରିଛି ହାଇଦ୍ରାବାଦ୍। କିନ୍ତୁ ଏହି ମ୍ୟାଚ୍‌ରେ ରାଜସ୍ଥାନ ସ୍ପିନର ଯୁଜବେନ୍ଦ୍ର ଚହଲ ଏକ ନୂଆ ରେକର୍ଡ କରିଛନ୍ତି। ସେ ୪ ଓଭର ବୋଲିଂ କରି ୨୯ ରନ୍ ଦେଇଛନ୍ତି। ନିଜ କୋଟାର ଓଭରରେ ସେ ବହୁମୂଲ୍ୟ ଚାରୋଟି ୱିକେଟ୍ ନେଇଛନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ରେକର୍ଡ କରିଛନ୍ତି ଚହଲ.... ଆଇପିଏଲ୍ ୨୦୨୩ରେ ଚହଲ ଡ୍ୱେନ୍ ବ୍ରାଭୋଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଗାମୀ ମ୍ୟାଚ୍‌ରେ ଚହଲ ଯଦି ଗୋଟିଏ ବି ୱିକେଟ୍ ନିଅନ୍ତି। ତେବେ ବ୍ରାଭୋଙ୍କ ରେକର୍ଡ ଭାଙ୍ଗିବାରେ ସକ୍ଷମ ହେବେ। ଏପିରିକି ସବୁଠାରୁ କମ୍ ମ୍ୟାଚ୍ ଖେଳି ୱିକେଟ୍ ନେବାରେ ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ସାଜିବେ। ଚହଲ ୧୪୨ଟି ମ୍ୟାଚ୍ ଖେଳି ୧୮୩ ୱିକେଟ୍ ନେଇଥିବା ବେଳେ ବ୍ରାଭୋ ୧୬୧ଟି ମ୍ୟାଚ୍ ଖେଳି ୧୮୩ ୱିକେଟ୍ ନେଇଛନ୍ତି। ତାଙ୍କ ପଛକୁ ପିୟୁଷ ଚାୱଲା ୧୭୫ ମ୍ୟାଚ୍ ଖେଳି ୧୭୪ ୱିକେଟ୍ ୱିକେଟ୍ ନେଇଛନ୍ତି। ଏହାପରେ ଅମିତ୍ ମିଶ୍ରା ୧୬୦ ମ୍ୟାଚ୍ ଖେଳି ୧୭୨ ୱିକେଟ୍, ରବିଚନ୍ଦ୍ରନ ଅଶ୍ୱିନୀ ୧୯୫ଟି ମ୍ୟାଚ୍ ଖେଳି ୧୭୧ ୱିକେଟ୍ ନେଇଛନ୍ତି। ତେବେ ପୁରା ରେକର୍ଡକୁ ବିଚାର କଲେ, ଚହଲ ଖୁବ୍ ଆଗରେ ରହିଛନ୍ତି। ସବୁଠୁ କମ୍ ମ୍ୟାଚ୍ ଖେଳି ଏତେ ପରିମାଣରେ ୱିକେଟ୍ ନେଇଛନ୍ତି। ଯଦି ଆଗାମୀ ମ୍ୟାଚ୍‌ରେ ଚହଲ ଗୋଟିଏ ବି ୱିକେଟ ଶିକାର କରୁଛନ୍ତି। ତେବେ ସେ ଆଇପିଏଲ୍ ଇତିହାସରେ ସବୁଠୁ ଅଧିକ ୱିକେଟ୍ ନେବାର ପ୍ରଥମ ଖେଳାଳି ସାଜିବେ। ସୂଚନାଯୋଗ୍ୟ ଯେ, ରବିବାର ଦିନ ଚହଲ ୪ ଓଭର ବୋଲିଂ କରିଥିଲେ। ଏଥିରେ ସେ ୨୯ ରନ୍ ଦେଇ ୪ଟି ୱିକେଟ୍ ନେଇଛନ୍ତି। ହାଇଦ୍ରାବାଦ୍ ଓପନର ଅନମୋଲପ୍ରିତ୍ ସିଂହ, ରାହୁଲ୍ ତ୍ରିପାଠୀ, ହେନେରିକ୍ କାଲସେନ୍, ଆଡେମ ମାକ୍ରମଙ୍କ ୱିକେଟ୍ ନେଇଥିଲେ ଚହଲ।

# ଗମ୍ଭୀରଙ୍କ ବିରୁଦ୍ଧରେ ବିସିସିଆଇକୁ ଚିଠି ଲେଖିଲେ ବିରାଟ



ନୂଆଦିଲ୍ଲୀ(ଏଜେନ୍ସି): ଆଇପିଏଲରେ ବର୍ତ୍ତମାନ ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ଲଢେଇକୁ ନେଇ ଚର୍ଚ୍ଚା ଜୋର ଧରିଛି। ଉଭୟଙ୍କର ଏହି ବ୍ୟବହାର ଯୋଗୁଁ କୋହଲି ଏବଂ ଗମ୍ଭୀରଙ୍କ ମ୍ୟାଚ ଫି' କାଟିବା ପାଇଁ ନିଷ୍ପତ୍ତି ନେଇଛି ବିସିସିଆଇ। ତେବେ ବର୍ତ୍ତମାନ ଏହି ବିବାଦକୁ ୫ ଦିନ ବିତି ଯାଇଥିବା ବେଳେ ଷ୍ଟାର ପ୍ଲେୟର ବିରାଟ କୋହଲି ନେଇଛନ୍ତି ଏକ ବଡ ନିଷ୍ପତ୍ତି। ଏହି ବିବାଦ ଏବଂ ଦଣ୍ଡକୁ ନେଇ ସେ ବିସିସିଆଇକୁ ଚିଠି ଲେଖିଛନ୍ତି। ଏହି ଚିଠି ଦ୍ୱାରା ବିସିସିଆଇ ନିକଟରେ ନିଜ ପାଇଁ ସୁପାରିଶ କରିଛନ୍ତି ବିରାଟ କୋହଲି। ସୂଚନା ଅନୁସାରେ, ଗମ୍ଭୀରଙ୍କ ସହ ବିବାଦ ପରେ ବିରାଟ କୋହଲିଙ୍କର ୧୦୦% ମ୍ୟାଚ ଫି' କଟାଯାଇଥିଲା। ତେବେ ବିସିସିଆଇର ଏହି ନିଷ୍ପତ୍ତିକୁ ନେଇ ନିରାଶା ଦେଖାଇଛନ୍ତି ବିରାଟ। ସେ କହିଛନ୍ତି ଯେ ଏହି ବିବାଦରେ ତାଙ୍କର ଏମିତି କିଛି ଭୁଲ ନଥିଲା, ଯେଉଁଥିପାଇଁ ସମ୍ପୂର୍ଣ୍ଣ ମ୍ୟାଚ ଫି' କଟା ଯାଇ ପାରିବ। ଚିଠିରେ ବିରାଟ ଲେଖିଛନ୍ତି, ମ୍ୟାଚରେ ନବୀନ-ଉଲ-ହକ୍ କିମ୍ବା ମେଣ୍ଟର ଗୌତମ ଗମ୍ଭୀରଙ୍କୁ ସେ କିଛି କହି ନଥିଲେ। ରିପୋର୍ଟ ଅନୁସାରେ ଆରସିବି ବୋଲର ମହମ୍ମଦ ସିରାଜଙ୍କ ବାଉନ୍ସର ପରେ ବାଉନ୍ସର ମାରି ନବୀନଙ୍କୁ କ୍ରୋଧିତ କରାଇଥିଲେ। ତେବେ ବିରାଟ ସିରାଜଙ୍କୁ କେବଳ ବାଉନ୍ସର ପକାଇବା ପାଇଁ କହିଥିଲେ ବାଲି ଚିଠିରେ ଲେଖିଛନ୍ତି। ତେବେ କୋହଲି କହିଛନ୍ତି ଯେ, ମୁଁ ଏମିତି ଭୁଲ କରିନାହିଁ, ଯାହାଦ୍ୱାରା ମୋ ଉପରେ ଏତେ ବଡ ଦଣ୍ଡ ମିଳିପାରିବ। କୋହଲିଙ୍କ ଉପରେ ଜରିମାନା ବାବଦକୁ ପ୍ରାୟ ୧.୨୫ କୋଟି ଟଙ୍କା ଦଣ୍ଡ କରିଛି ବିସିସିଆଇ। ତେବେ ଏହି ଟଙ୍କା ବିରାଟଙ୍କ ସାଲାରୀରୁ କଟିବ ନା ଫ୍ରାଞ୍ଚାଇଜି ଏହି ଟଙ୍କା ପାଇଁ ଦାୟୀ ରହିବ ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ହୋଇ ପାରିନି। ତେବେ ବିରାଟ କୋହଲିଙ୍କର ଏହି ଚିଠି ପରେ ବିସିସିଆଇ କ'ଣ ନିଷ୍ପତ୍ତି ନେବ ତାହାକୁ ଅପେକ୍ଷା।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

### ପ୍ରଜାତନ୍ତ୍ର ସାପ୍ତାହିକୀ

୭ ମେ-୧୩ ମେ ୨୦୨୩




କ୍ରାଇମ୍ ଆଣ୍ଡ ପଲିଟିକ୍ସ, ଅତିକ୍‌ର ହତ୍ୟା

ଉତ୍ତର ପ୍ରଦେଶରେ ମାଫିଆ ରାଜକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶପଥ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଭାବେ ଉତ୍ତର ପ୍ରଦେଶ ଶାସନ ଭାର ସମ୍ଭାଳିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଘୋଷଣା କରିଥିଲେ ଯେ ରାଜ୍ୟରୁ ମାଫିଆମାନଙ୍କୁ ମାଟିରେ ମିଶାଇ ଦିଆଯିବ। ଏହାପରେ ରାଜ୍ୟରୁ ମାଫିଆମାନଙ୍କୁ ଆସ୍ତେ ଆସ୍ତେ ସଫାକରିଚାଲିଥିବା ସମୟରେ ଏବେ ଆଉ ଏକ ଘଟଣା ଘଟିଯାଇଛି ଯାହାକି ଦେଶରେ ଖୁବ୍ ଚର୍ଚ୍ଚା ଚାଲିଛି। ଏ ଘଟଣାଟି ଏଇଥିପାଇଁ ସ୍ୱତନ୍ତ୍ର ଯେ ଦୁଇଜଣ ମାଫିଆ ଅର୍ଥାତ୍ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ଓ ତା'ର ଭାଇ ଅସରଫ ଅହମ୍ମଦ ପୋଲିସ କଷ୍ଟୋଡ଼ି ମଧ୍ୟରେ ଗୁଳିବିଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ଏପ୍ରିଲ ୧୫ ତାରିଖ ରାତି ୧୦.୩୦ ସମୟରେ ଗ୍ୟାଙ୍ଗଷ୍ଟର ଅତିକ ଅହମଦ ଓ ତାଙ୍କ ଭାଇ ଅଶରଫ ପୁଲିସ କର୍ଡନ ମଧ୍ୟରେ ଚାଲିଚାଲି ମେଡିକାଲ ଚେକଅପ ପାଇଁ ଉତ୍ତର ପ୍ରଦେଶର ପ୍ରୟାଗରାଜ ହସ୍ପିଟାଲ ଭିତରକୁ ଯାଉଥିଲେ। ଏହି ସମୟରେ ସାମ୍ବାଦିକମାନେ ସେମାନଙ୍କର ଅତି ନିକଟତର ହେବା ସହ ବାଇଟ ନେବାକୁ ଚେଷ୍ଟା କରିଥିଲେ। ଅତିକ ଓ ଅଶରଫ ମଧ୍ୟ ବାଇଟ ଦେଉଥିଲେ।

**ଜାତୀୟ:** ନିର୍ଣ୍ଣାୟକ ମୋଡ଼ରେ କର୍ଣ୍ଣାଟକ ନିର୍ବାଚନ

**ସ୍ୱତନ୍ତ୍ର ପ୍ରସଙ୍ଗ:** ସମ୍ବଲପୁର ଦଙ୍ଗା ସଂଯୋଗ ନା ପ୍ରୟୋଗ

**ନାରୀ:** ଖରା ପାଇଁ ମୁଖ ମଳିନ ଦିଶୁଥିଲେ ଆପଣାନ୍ତୁ ଏହି ଉପାୟ

**କ୍ଷୁଦ୍ରଗଳ୍ପ:** ବୁଦ୍ଧୁ

**ଚଳଚ୍ଚିତ୍ର:** ଧମକକୁ ନେଇ ମୁହଁ ଖୋଲିଲେ ସଲମାନ, ସିଦ୍ଧିବିନାୟକଙ୍କୁ ଦର୍ଶନ କଲେ ସୂରଜ, ଆସନ୍ତା ମାସରେ ବିବାହ କରିବେ କରନ ଦେଓଲ, ବାଥ୍ ରୁମ୍‌ରେ ଲଞ୍ଚ୍ କରୁଥିଲେ ପ୍ରିୟଙ୍କା, ଭିକିଙ୍କ ସହ ରୋମାନ୍ସ କରିବେ ରଶ୍ମିକା, ବିଦେଶ ଗଲେ ଆଲିଆ, ପୁଣି ବାପା ହେବେ ଅର୍ଜୁନ, ରିଲିଜ୍ ହେଲା 'ଆଦିପୁରୁଷ'ର ପୋଷ୍ଟର

**ଖେଳ:** ଇସ୍ତଫା ଦେବାକୁ ମନା କଲେ ବ୍ରଜଭୂଷଣ, ପାରିବାରିକ ସମସ୍ୟା କାରଣରୁ ସ୍ୱଦେଶ ଫେରିଲେ ଲିଟନ ଦାସ, ଆଇପିଏଲ୍‌ର ସବୁଠାରୁ ସଫଳତମ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ପୁଣି ନମ୍ବର ୱାନ୍ ହେଲେ କ୍ୟାପଟେନ୍ କୁଲ ମହେନ୍ଦ୍ର ସିଂହ ଧୋନି, ନିଜର ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେଲେ ରୋହିତ ଶର୍ମା, ସ୍ୱର୍ଣ୍ଣ ପଦକ ବିଜେତା ମୁଷ୍ଟି ଯୋଦ୍ଧା କୌର ସିଂହଙ୍କ ପରଲୋକ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରାହୁଲଙ୍କ ଭବିଷ୍ୟତ: ରଣ ଓ ରାସ୍ତା"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଏସିଆ କପ୍ ପାଇଁ ପାକିସ୍ତାନ ଯିବାକୁ ମନା କଲେ ବାଂଲାଦେଶ ଓ ଶ୍ରୀଲଙ୍କା



ନୂଆଦିଲ୍ଲୀ(ଏଜେନ୍ସି): ମଉଳିବାରେ ଲାଗିଛି ପାକିସ୍ତାନର ଏସିଆ କପ୍ ଆୟୋଜନ କରିବାର ସ୍ୱପ୍ନ। ଆଉ ଆଶଙ୍କା ମଧ୍ୟକୁ ଠେଲି ହୋଇଯାଉଛି ଏସିଆ କପ୍ ୨୦୨୩। କାରଣ ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଲାଗିଛି ଆଉ ଏକ ଝଟକା। ଏସିଆନ କ୍ରିକେଟ୍ କାଉଂସିଲର ଦୁଇ ସଦସ୍ୟ ବାଂଲାଦେଶ ଏବଂ ଶ୍ରୀଲଙ୍କା ପାକିସ୍ତାନ ଆଶାରେ ପାଣି ଭରି ଦେଇଛନ୍ତି। ପାକିସ୍ତାନୀ ମିଡିଆ ରିପୋର୍ଟ ଅନୁସାରେ ଏହି ଦୁଇ ଦେଶର କ୍ରିକେଟ ବୋର୍ଡ ଏସିଆ କପ୍ ୨୦୨୩ ପାକିସ୍ତାନ ବାହାରେ ଆୟୋଜନ କରିବାକୁ ଭାରତର ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ନିଜ ଦେଶରେ ଏସିଆର ଏହି ବଡ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଜିଦ୍ ଧରିଥିବା ପିସିବି ବର୍ତ୍ତମାନ ଏହାର ପଡୋଶୀ ମାନଙ୍କ ସମର୍ଥନ ମଧ୍ୟ ହରାଇଛି। ଏହା ପୂର୍ବରୁ ବିସିସିଆଇ ସଚିବ ଜୟ ଶାହା ସ୍ପଷ୍ଟ କରିସାରିଛନ୍ତି ଯେ ଏସିଆ କପ୍ ୨୦୨୩ ପାକିସ୍ତାନରେ ଅନୁଷ୍ଠିତ ହେବ ନାହିଁ। ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯିବ ନାହିଁ। ଏହା ପରେ ଭାରତକୁ ଚଢଉଇ ଧମକାଇବାକୁ କରିଥିଲା। ପାକିସ୍ତାନ ଯେ, ଯଦି ଭାରତୀୟ ଦଳ ପାକିସ୍ତାନ ନ ଆସନ୍ତି, ତେବେ ପାକିସ୍ତାନ ଦଳ ମଧ୍ୟ ଚଳିତ ବର୍ଷ ଶେଷରେ ଭାରତରେ ଆୟୋଜିତ ହେବାକୁ ଥିବା ୫୦ ଓଭର ବିଶ୍ୱକପ ଖେଳିବାକୁ ଆସିବ ନାହିଁ। ତେବେ ବିସିସିଆଇ ପକ୍ଷରୁ ପାକିସ୍ତାନର ଏହି ଧମକର କୌଣସି ଜବାବ ଦିଆଯାଇ ନଥିଲା। ଏହାପରେ ପିସିବି ମୁଖ୍ୟ ଆଜାମ ସେଠିଙ୍କ ବୟାନ ସାମ୍ନାକୁ ଆସିଥିଲା ଯେ ସେ ବିଶ୍ୱକପ ୨୦୨୩ ରେ ଭାରତ ଖେଳିବାକୁ ପାକିସ୍ତାନ ଦଳ ପଠାଇବେ ଯଦି ଜୟ ଶାହା ଲିଖିତ ଭାବେ ନିଶ୍ଚିତ କରିବେ ଯେ ତାଙ୍କ ଦଳ ପଡୋଶୀ ଦେଶକୁ ଚାମ୍ପିଅନ୍ସ ଖେଳିବାକୁ ପଠାଇବ। ୨୦୨୫ ରେ ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବ। ଯଦିଓ ପସିବିର ଏହି ପ୍ରସ୍ତାବ ଉପରେ ବିସିସିଆଇ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ

# ଭାରତ ପାଇଁ ଗୌରବ ଆଣିଲେ ୨୦ ବର୍ଷୀୟ ଭାରୋତ୍ତଳକ ଜେରେମି ଲାଲ୍ରିନୁଙ୍ଗା

ନୂଆଦିଲ୍ଲୀ(ଏଜେନ୍ସି): ଭାରତର ୨୦ ବର୍ଷୀୟ ଭାରୋତ୍ତଳକ ଜେରେମି ଲାଲ୍ରିନୁଙ୍ଗା ରବିବାର ଭାରତ ପାଇଁ ଗୌରବ ଆଣିଛନ୍ତି। କୋରିଆର ଜିଞ୍ଜୁରେ ଚାଲିଥିବା ଏସୀୟ ଭାରୋତ୍ତୋଳନ ଚାମ୍ପିଅନସିପରେ ପୁରୁଷ ୬୭ କିଲୋଗ୍ରାମ ସ୍ନାଚ୍ ରେ ଜେରେମି ରୌପ୍ୟ ପଦକ ଜିତିଥିଲେ, କିନ୍ତୁ କ୍ଲିନ୍ ଏବଂ ଜର୍କରେ ତିନୋଟି ପ୍ରୟାସରେ ବିଫଳ ହୋଇଥିଲେ। ୨୦୨୨ କମନୱେଲଥ ଗେମ୍ସ ପରେ ଜେରେମି ତାଙ୍କର ପ୍ରଥମ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ୧୨ ଜଣ ଭାରୋତ୍ତଳକ ମଧ୍ୟରେ ଜେରେମି ଏକମାତ୍ର ଯିଏକି ତାଙ୍କ ଇଭେଣ୍ଟ ଶେଷ କରିପାରି ନଥିଲେ। ତେବେ ତାଙ୍କର ଓଜନ ବର୍ଗ କିନ୍ତୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଅଂଶ ନୁହେଁ। ଜଙ୍ଘରେ ଆଘାତ ହେତୁ ଗତ ବର୍ଷର ବିଶ୍ୱ ଚାମ୍ପିଅନସିପ୍ ଖେଳି ପାରିନଥିବା ମିଜୋରାମ ଖେଳାଳି ଆରମ୍ଭରେ ଭଲ ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ପ୍ରୟାସରେ ୧୩୭ କିଲୋଗ୍ରାମ ଉଠାଇ ପାରିନଥିଲେ କିନ୍ତୁ ପରବର୍ତ୍ତୀ ପ୍ରୟାସରେ ସଫଳତାର ସହ ସମାନ ଓଜନ ଉଠାଇଥିଲେ। ଏହା ପରେ, ତୃତୀୟ ପ୍ରୟାସରେ, ସେ ୧୪୧ କିଲୋଗ୍ରାମ ଉଠାଇ ଏହି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ବର୍ଗରେ ଚୀନ୍‌ର ହେ ୟୁଜି ସମାନ ବର୍ଗରେ ୧୪୭+୧୭୩) ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ କୋରିଆର ଲୀ ସେସଙ୍ଗଆନ୍ (୧୩୯+୧୭୪) ଓଜନ ଉଠାଇ ବ୍ରୋଞ୍ଜ ଜିତିଥିଲେ।

# କୋଲକାତାକୁ ୧୮୦ରନ୍ ଟାର୍ଗେଟ୍ ଦେଲା ପଞ୍ଜାବ

କୋଲକାତା(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ସୋମବାର ମୁହାଁମୁହିଁ ହୋଇଛନ୍ତି ପଞ୍ଜାବ କିଙ୍ଗସ୍ ଓ କୋଲକାତା ନାଇଟ୍ ରାଇଡର୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପଞ୍ଜାବ, ଅଧିନାୟକ ଶିଖର ଧାୱନଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ଓଭରରେ ୭ ୱିକେଟ୍ ହରାଇ ସଂଗ୍ରହ କରିଛି ୧୭୯ ରନ୍। କେକେଆରକୁ ଜିତିବାକୁ ହେଲେ ୧୮୦ ରନ୍ କରିବାକୁ ହେବ। ପଞ୍ଜାବ କିଙ୍ଗସ୍ ଓପନର ପ୍ରଭସିମ୍ରନ ସିଂହ ମାତ୍ର ୧୨ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ଶିଖର ଧାୱନ ୪୭ ବଲ ଖେଳି ୯ ଚୌକା ଓ ଗୋଟିଏ ଛକା ସହାୟତାରେ ୫୭ ରନ୍ କରିଆଉଟ ହୋଇଛନ୍ତି। ଭାନୁକା ରାଜପକ୍ଷେ ଖାତା ଖୋଲିବାକୁ ସକ୍ଷମ ହୋଇନାହାନ୍ତି। ସେହିଭଳି ଲିୟାମ ଲିଭିଙ୍ଗଷ୍ଟୋନ ୧୫ ରନ, ଜିତେଶ ଶର୍ମା ୨୧ ରନ, ସାମ କରନ ୪ ରନ, ରିଷି ଧାୱନ ୧୯ ରନ କରି ଆଉଟ ହୋଇଛନ୍ତି। ଶାହାରୁଖ ଖାନ ୮ ବଲରୁ ୨୧ ରନ ଓ ହରପ୍ରୀତ ବରା ୧୭ ରନ କରି ନଟଆଉଟ୍ ଅଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୨୬ ରନ ଦେଇ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ସୁୟାସ ଶର୍ମା ୪ ଓଭରରେ ୨୬ ରନ ୧ ୱିକେଟ୍, ସୁନିଲ ନରୀନ ୪ ଓଭରରେ ୨୯ ରନ, ନୀତିଶ ରାଣା ୧ ଓଭରରେ ୭ ରନ ୧ ୱିକେଟ୍, ଆନ୍ଦ୍ରେ ରସେଲ ୧ ଓଭରରେ ୧୯ରନ ବୈଭବ ଅରୋରା ୩ ଓଭରରେ ୩୨ ରନ ଓ ହର୍ଷିତ୍ ରାଣା ୩ ଓଭରରେ ୩୩ ରନ ଦେଇ ୨ଟି ୱିକେଟ ନେଇଛନ୍ତି।


## ବଡ଼ମ୍ବା ବ୍ଲକ ପାଇଁ ପ୍ରତିନିଧି ଆବଶ୍ୟକ

ବଡ଼ମ୍ବା ବ୍ଲକ ପାଇଁ ପ୍ରତିନିଧି ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

**ପରିଚାଳନା ସମ୍ପାଦିକା**
**ପ୍ରଜାତନ୍ତ୍ର ପ୍ରଚାର ସମିତି**
**ବିହାରୀବାଗ,**
**ଚାନ୍ଦିନଚୌକ, କଟକ**
**ମୋ: ୯୪୩୮୫୧୨୫୬୫, ୯୮୬୧୬୮୦୩୬୫**


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583